79th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ସାପ୍ତାହିକ ପ୍ରଜାତନ୍ତ୍ର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୧୮୫ ● କଟକ ● ସୋମବାର ● ୦୯ ଫେବୃଆରୀ-୨୦୨୬ ● କୁମ୍ଭ-୦୯ ● ସାଲ୍-୧୪୩୧
CUTTACK ● MONDAY ● 09 FEBRUARY-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

## ଭାରତ-ମାଲେସିଆ ବୁଝାମଣା

# ‘ଆତଙ୍କବାଦ ବିରୋଧରେ ଲଢ଼ିବାରେ ବନ୍ଧୁ ରାଷ୍ଟ୍ରର ସମର୍ଥନ ଅତ୍ୟନ୍ତ ଜରୁରୀ’

**ନୂଆଦିଲ୍ଲୀ,(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦୁଇ ଦିନିଆ ମାଲେସିଆ ଗସ୍ତ ସାରି ସ୍ୱଦେଶ ଫେରିଛନ୍ତି। ଏହି ଗସ୍ତ ସମୟରେ ସେ ପ୍ରତିରକ୍ଷା ଏବଂ ସୁରକ୍ଷା ସମ୍ପର୍କ ବୃଦ୍ଧି ଉପରେ ଧ୍ୟାନ ଦେଇ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ସହ ବ୍ୟାପକ ଆଲୋଚନା କରିଛନ୍ତି। ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଆଣିଛି, ଯାହା ଭାରତ-ମାଲେସିଆ ସମ୍ପର୍କକୁ ଶକ୍ତିଶାଳୀ ପ୍ରଦାନ କରିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଦୁଇଦିନିଆ ସରକାରୀ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ମାଲେସିଆର ରାଜଧାନୀ କୁଆଲାଲମ୍ପୁରରେ ପହଞ୍ଚିଥିଲେ। ବିମାନବନ୍ଦରରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ନିଜେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ। ଉଭୟ ନେତା ବିମାନବନ୍ଦରରୁ ଗୋଟିଏ ଗାଡ଼ିରେ ଯାତ୍ରା କରିଥିଲେ। ଏହି ଗସ୍ତ ଭାରତ- ମାଲେସିଆ ଦ୍ୱିପାକ୍ଷିକ ସମ୍ପର୍କକୁ ନୂତନ ଗତି ଦେବା ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏହା ମାଲେସିଆକୁ ତୃତୀୟ ସରକାରୀ ଗସ୍ତ ଥିଲା। ୨୦୨୪ ଅଗଷ୍ଟରେ ଭାରତ ଓ ମାଲେସିଆ ମଧ୍ୟରେ ସମ୍ପର୍କ ବ୍ୟାପକ ରଣନୈତିକ ସହଭାଗିତା ସ୍ତରକୁ ଉନ୍ନୀତ ହେବା ପରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କର ପ୍ରଥମ ଗସ୍ତ। ଏହି ପରିପ୍ରେକ୍ଷୀରେ ଦୁଇ ଦେଶ ମଧ୍ୟରେ କୌଶଳଗତ, ଆର୍ଥିକ ଓ ଆଞ୍ଚଳିକ ସହଯୋଗ ଆହୁରି ସୁଦୃଢ଼ ହେବା ଆଶା କରାଯାଉଛି। ଗସ୍ତର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ମୋଦୀ “ସେଲାମତ ଦାତାଙ୍ଗ୍ ମୋଦୀ ଜୀ” କାର୍ଯ୍ୟକ୍ରମରେ ଯୋଗଦେଇ ମାଲେସିଆରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧନ କରିଥିଲେ। ମାଇନ୍ସ କନଭେନ୍ସନ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୮ ହଜାର ପ୍ରବାସୀ ଭାରତୀୟ ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଭାରତ- ମାଲେସିଆ ସମ୍ପର୍କକୁ ସୁଦୃଢ଼ କରିବାରେ ପ୍ରବାସୀ ଭାରତୀୟମାନଙ୍କ ଭୂମିକାକୁ ଜୀବନ୍ତ ସେତୁ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାଲେସିଆ ଗସ୍ତର ଉଦ୍ଦେଶ୍ୟ ହେଉଛି ପ୍ରତିରକ୍ଷା, ଆର୍ଥିକ ସହଯୋଗ, ସାମୁଦ୍ରିକ ସୁରକ୍ଷା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା। ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ମୋଦୀ ଓ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବା ସହ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଯାହା ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ସହଯୋଗକୁ ନୂତନ ଦିଗ ପ୍ରଦାନ କରିବ। ଆତଙ୍କବାଦ ବିରୋଧରେ ଲଢ଼ିବାରେ ବନ୍ଧୁ ରାଷ୍ଟ୍ରର ସମର୍ଥନ ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ।



## ଆଗକୁ ଭୟଙ୍କର ସ୍ଥିତି, ତତଲା ହେବ ରାଜ୍ୟ

# ପ୍ରତିବର୍ଷ ବଢୁଛି ୦.୦୨ ଡିଗ୍ରୀ ତାତି

**ଭୁବନେଶ୍ୱର,(ପିପିଏସ୍):** ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଥାଏ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି। ଏହିଦିନ ଠାରୁ ଖରାର ତେଜ ବଢ଼େ। ଦିନ ଗଡ଼ିବା ସହିତ ଧୀରେ ଧୀରେ ଘରୁ ବାହାରିବା ବି ମୁସ୍କିଲ୍ ହୋଇଯାଏ। ବେଳେବେଳେ ମନରେ ପ୍ରଶ୍ନ ଉଠେ ଏ ଗ୍ରୀଷ୍ମ ଋତୁ ଆସିଲେ କାହିଁକି ଜୋରରେ ଖରା କାଟେ? ଏହାର କ’ଣ କିଛି ନିରାକରଣ ନାହିଁ? ଏଭଳି ଭିତରେ ସରକାରୀ ରିପୋର୍ଟ ଆହୁରି ଚିନ୍ତା ବଢ଼ାଇ ଦିଏ। ତଥ୍ୟ କହୁଛି, ୧୯୯୧ ମସିହାରୁ ଆଜି ଯାଏ କେବଳ ତାପମାତ୍ରା ବୃଦ୍ଧିପାଇଛି। କିନ୍ତୁ ହ୍ରାସର ନାଁ ଧରୁନି। ବାର୍ଷିକ ହାରାହାରି ତାପମାତ୍ରା ରାଜ୍ୟପାଇଁ ବଡ଼ ବିପଦ ସୃଷ୍ଟିକରିଛି। ୧୯୯୧ରୁ ଏଯାଏ କେବଳ ଉତ୍ତାପ ବୃଦ୍ଧିପାଇଛି, ହେଲେ କମିବାର ତଥ୍ୟ କାହା ପଖରେ ନାହିଁ। ଏଥିପାଇଁ ଦାୟୀ କିଏ? ଜଙ୍ଗଲ ନିଆଁ, ନା ପ୍ରଦୂଷଣ, ନା ନିଅଣ୍ଟିଆ ବର୍ଷା। ରିପୋର୍ଟ କହୁଛି, କ୍ରମାଗତ ତାପମାତ୍ରା ବୃଦ୍ଧି ପାଇଁ ଏସବୁ ମୁଖ୍ୟ କାରଣ। ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ଜଙ୍ଗଲ କ୍ଷୟ ହେଉଛି, ପ୍ରଦୂଷଣ ପାଇଁ ଗ୍ରୀନ୍ ହାଉସ୍ ଗ୍ୟାସ୍ ବଢୁଛି ଏବଂ ଏହା ଜଳବାୟୁ ପ୍ରଭାବିତ କରୁଛି । ସେହିପରି ନିଅଣ୍ଟିଆ ବର୍ଷା ହେବା ଯୋଗୁଁ ସମସ୍ୟା ଉପୁଜୁଛି। ଯଦି ରାଜ୍ୟରେ ହାରାହାରି ତାପମାତ୍ର ବୃଦ୍ଧି ପାଉଛି, ତେବେ ତାହା କେତେ ବଢିଲାଣି ଏବଂ ଆଗାମୀ ଦିନରେ ଆହୁରି କେତେ ବଢ଼ିବ? ଏଭଳି ପ୍ରଶ୍ନ ପରିବେଶବିତ୍ ଓ ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି। ଏହି ଗମ୍ଭୀର ସମସ୍ୟା ଓ ବିପଦକୁ ଦୃଷ୍ଟରେ ରଖି ବିଧାନସଭା ଅଧିବେଶନରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ବିଧାନସଭାର ଉତ୍ତରରେ ଉଲ୍ଲେଖ ରହିଛି ଯେ ୧୯୯୧ରୁ ଏପର୍ଯ୍ୟନ୍ତ ବାର୍ଷିକ ହାରାହାରି ତାପମାତ୍ରା ବୃଦ୍ଧି ପାଇଛି । ରେକର୍ଡ କହୁଛି, ୧୯୯୧ରେ ବାର୍ଷିକ ହାରାହାରି ତାପମାତ୍ରା ଥିଲା ୨୬ ଡିଗ୍ରୀ। ସେହିଭଳି ୨୦୦୯ ବେଳକୁ ତାପମାତ୍ରା ବଢ଼ି ୨୬:୬୦ ଡିଗ୍ରୀରେ ପହଞ୍ଚିଥିଲା । ଅର୍ଥାତ୍ ସର୍ବନିମ୍ନ ତାପମାତ୍ରା ୨୬ ଡିଗ୍ରୀ ଏବଂ ସର୍ବାଧିକ ତାପମାତ୍ରା ୬୦ ଡିଗ୍ରୀ। ସେହି ବର୍ଷ ପ୍ରବଳ ଖରା ମଧ୍ୟ ଅନୁଭୂତ ହୋଇଥିଲା। ସେହିପରି ୨୦୦୯ରୁ ୨୦୨୪ ଯାଏଁ ତାପମାତ୍ରା ଦ୍ରୁତଗତିରେ ବଢ଼ି ଚାଲିଛି। ୨୦୨୪ ବର୍ଷରେ ୨୬:୮୦ ହାରାହାରି ତାପମାତ୍ରା ରେକର୍ଡ କରାଯାଇଛି। ବିଗତ କିଛି ବର୍ଷରେ ତାପମାତ୍ରା ୨୬:୬୦ ଡିଗ୍ରୀରୁ ହ୍ରାସ ପାଉନାହିଁ। ଯାହା ଘୋର ଚିନ୍ତାର ବିଷୟ ପାଲଟିଛି। ତାପମାତ୍ରା ବୃଦ୍ଧିକୁ ନେଇ ପରିବେଶବିତ୍ ବିଭିନ୍ନ କାରଣକୁ ଦାୟୀ କରିଛନ୍ତି। ଖରାଦିନେ ଜଙ୍ଗଲ ନିଆଁ, ଦୀର୍ଘ ସମୟ ଗ୍ରୀଷ୍ମ ଲହରୀ, ନିଅଣ୍ଟିଆ ପରିମାଣ ଓ ଅନିୟମିତ ବର୍ଷା, ଯାନବାହାନ ଜନିତ ପ୍ରଦୂଷଣ, ରାସ୍ତାର ଧୂଳି, ଘର ନିର୍ମାଣରୁ ବାହାରୁଥିବା ଧୂଳିଧୂଆଁ, ଇଟାଭାଟି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାରଣ ତାପମାତ୍ରା ବୃଦ୍ଧି କରୁଛି ବୋଲି ପାଣିପାଗ ବିଜ୍ଞାନୀ ମତ ରଖିଛନ୍ତି । ତେବେ ପ୍ରଶ୍ନ ଉଠୁଛି ଏ ସବୁର ପ୍ରତିକାର ଲାଗି ସରକାର କି ପଦକ୍ଷେପ ନେଉଛନ୍ତି? ବିଧାନସଭାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହାର ଉତ୍ତର ରଖିଥିଲେ । ମନ୍ତ୍ରୀ ସ୍ୱୀକାର କରିଛନ୍ତି, ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତାପର ପ୍ରଭାବ ଓଡ଼ିଶାରେ ପରିଲକ୍ଷିତ ହେଉଛି । ଏହା ଯୋଗୁଁ ରାଜ୍ୟରେ ହାରାହାରି ତାପମାତ୍ରା ୧୯୯୧ରୁ ପ୍ରତିବର୍ଷ ପ୍ରାୟ ୦.୦୨ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାରେ ଲାଗିଛି । ୧୯୯୧-୨୦୨୪ ବର୍ଷ ମଧ୍ୟରେ ଓଡ଼ିଶାର ହାରାହାରି ତାପମାତ୍ରା ପ୍ରାୟ ୦.୬୬ ଡିଗ୍ରୀ ସେଲସିୟସ ବଢ଼ିଛି।




> ୧୯୯୧ରୁ ବଢ଼ିବଢ଼ି ଚାଲିଛି
>
> ୨୦୦୯ରୁ ୨୦୨୪ ଯାଏଁ ଦ୍ରୁତଗତିରେ ବଢ଼ିଛି ତାପମାତ୍ରା
>
> ୧୯୯୧ରୁ ୨୦୨୪ ମଧ୍ୟରେ ଓଡ଼ିଶାର ହାରାହାରି ତାପମାତ୍ରା ପ୍ରାୟ ୦.୬୬ ଡିଗ୍ରୀ ସେଲସିୟସ ବଢ଼ିଛି: ପରିବେଶ ମନ୍ତ୍ରୀ

# ବ୍ରିଜ୍ ତଳୁ ମିଳିଲା ହୋମ୍‌ଗାର୍ଡଙ୍କ ସମେତ ଦୁଇ ମୃତଦେହ

**ଭୁବନେଶ୍ୱର,(ପିପିଏସ୍):** କୋରାପୁଟ ଜିଲ୍ଲା ନନ୍ଦପୁର ଅଞ୍ଚଳରେ ଚାଞ୍ଚଲ୍ୟ। ଖିଲିବା ବ୍ରିଜ୍ ତଳୁ ଉଦ୍ଧାରହେଲା ଦୁଇଜଣ ଯୁବକଙ୍କ ମୃତଦେହ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ନନ୍ଦପୁର ଥାନାରେ ହୋମ୍‌ଗାର୍ଡ ଭାବେ କାର୍ଯ୍ୟ କରୁଥିବା ଭଗବାନ ଖିଲଙ୍କର। ଅନ୍ୟ ମୃତକଙ୍କ ନାଁ ଉଗ୍ରସେନ ପାଙ୍ଗି। ତାଙ୍କ ଘର ହିକିମପୁଟ ଗାଁରେ। ନନ୍ଦପୁର ଥାନା ଅନ୍ତର୍ଗତ ଖିଲିବା ବ୍ରିଜ୍ ତଳେ ରବିବାର ଅପରାହ୍ନରେ ଦୁଇଟି ମୃତଦେହ ଦେଖିଥିଲେ ସ୍ଥାନୀୟ ଲୋକେ। ଏହା ପରେ ସେମାନେ ନନ୍ଦପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଦୁଇଟିକୁ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛି। ତେବେ ଏହା ଏକ ଦୁର୍ଘଟଣା ନା ହତ୍ୟାକାଣ୍ଡ, ସେ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ବ୍ରିଜ୍ ଉପରେ ଏକ ବାଇକ୍ ପଡ଼ିଥିଲା। ଯାହା ଦୁର୍ଘଟଣାର ସଙ୍କେତ ଦେଉଛି। ତେବେ ସେମାନଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରାଯିବ ବୋଲି କହିଛି।

## ୧୮ରୁ +୨, ୧୯ରୁ ବାର୍ଷିକ ମାଟ୍ରିକ୍ ପରୀକ୍ଷା

# ପରୀକ୍ଷାର ହେବ ଲାଇଭ୍ ଷ୍ଟ୍ରିମିଙ୍ଗ୍

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟରେ ଆଗାମୀ ଦିନରେ ହେବାକୁଥିବା ବାର୍ଷିକ ମାଟ୍ରିକ୍ ଏବଂ ଯୁକ୍ତ ଦୁଇ ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଅଣ୍ଟା ଭିଡ଼ିଛି ପ୍ରଶାସନ। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ତ୍ରୁଟି କିମ୍ବା ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ ସ୍ପଷ୍ଟ ଚେତାବନୀ ଦିଆଯାଇଛି। ଚଳିତ ମାସ ଫେବୃଆରୀ ୧୮ ତାରିଖରୁ ବାର୍ଷିକ ଉଚ୍ଚ ମାଧ୍ୟମିକ (ଯୁକ୍ତ ଦୁଇ) ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୧୯ ତାରିଖରୁ ମାଟ୍ରିକ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ରଗୁଡ଼ିକରେ କିପରି କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ବିଶୃଙ୍ଖଳା ନଉପୁଜିବ, ସେଥିପାଇଁ ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନେ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ହେଉଥିବା ସମସ୍ତ ବ୍ୟକ୍ତିବିଶେଷ ଯଥେଷ୍ଟ ସତର୍କତା ଅବଲମ୍ବନ ସହ ନିଜର ଦାୟିତ୍ୱ ସଂପାଦନ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବୈଠକରୁ ମିଳିଥିବା ସୂଚନା ଅନୁସାରେ ଚଳିତବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ୨ଲକ୍ଷ ୫୬ହଜାର ୭୦୭ଜଣ କଳା, ବାଣିଜ୍ୟରେ ୨୪ହଜାର ୬୨୧, ବିଜ୍ଞାନରେ ୧ଲକ୍ଷ ୧୪ହଜାର ୩୬୩ ଓ ଧନ୍ଦାମୂଳକ ଶିକ୍ଷାରେ ୫୯୩୨ଜଣଙ୍କୁ ମିଶାଇ ମୋଟ ୪ଲକ୍ଷ ୧୬ହଜାର ୬୨୩ଜଣ ପରୀକ୍ଷା ଦେବେ । ଏଥିପାଇଁ ୨୧୧ଟି ପରୀକ୍ଷା ପରିଚାଳନା ହବ୍, ୧୩୫୭ଟି ପରୀକ୍ଷା କେନ୍ଦ୍ର ସହ ୭ଟି ଉପ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା ଚଳିତମାସ ୧୮ତାରିଖରୁ ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ସେହିପରି ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍ ପରୀକ୍ଷା ୧୯ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ତାରିଖରେ ସରିବ। ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍ ପରୀକ୍ଷାରେ ୫ଲକ୍ଷ ୪୬ହଜାର ୮୭୫ଜଣ ପରୀକ୍ଷାର୍ଥୀ ରହିଛନ୍ତି। ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାକୁ ମିଶାଇ ସମୁଦାୟ ୫ଲକ୍ଷ ୬୧ହଜାର ୯୭୯ଜଣ ପରୀକ୍ଷା ଦେବେ। ଏଥିପାଇଁ ୩୨୨ଟି ନୋଡାଲ କେନ୍ଦ୍ର, ୩୦୮୨ଟି ପରୀକ୍ଷା କେନ୍ଦ୍ର ଓ ୫୦ଟି ଉତ୍ତର ପତ୍ର ମୂଲ୍ୟାଙ୍କନ କେନ୍ଦ୍ର ରହିଛି। ପରୀକ୍ଷା ସୁପରିଚଳନା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ, କଟକର ଷ୍ଟ୍ରଙ୍ଗ ରୁମ୍‌ରୁ ନୋଡାଲ କେନ୍ଦ୍ରଗୁଡ଼ିକୁ ଡେସ୍ ସ୍ୱାଟ୍ ଟିମ୍ ସହ ଶସ୍ତ୍ରଧାରୀ ଆରକ୍ଷୀ କର୍ମଚାରୀ ନିୟୋଜିତ ରହିବେ। ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ଇଲେକଟ୍ରୋନିକ୍ ଉପକରଣ ବ୍ୟବହାର ନିଷିଦ୍ଧ କରାଯାଇଛି। ପରୀକ୍ଷା ପରିଚାଳନା ସମ୍ପର୍କିତ ନିୟମର ଉଲଂଘନ ହେଲେ ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ ୧୯୮୮ ଓ ଭାରତୀୟ ନ୍ୟାୟ ସଂହିତା ଅଧୀନରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ପରୀକ୍ଷା ପରିଚାଳନା କେନ୍ଦ୍ରରେ ଯେପରି କୌଣସି ଅନାବଶ୍ୟକ ଗହଳି ନ ହୁଏ ଏଥିପାଇଁ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ପ୍ରସ୍ତୁତି ପାଇଁ ପରାମର୍ଶ ଦିଆଯାଇଛି। ପରୀକ୍ଷା ସ୍ୱଚ୍ଛତା ସହ କେମିତି ହେବ ଗତବର୍ଷ ସବୁ ବ୍ୟବସ୍ଥା କରାଯାଇଥିଲା। ଚଳିତ ଥର ମଧ୍ୟ ଏହି ସବୁ ବ୍ୟବସ୍ଥା କରାଯାଉଛି। ଏଥର ମଧ୍ୟ କେମିତି ସ୍ୱଚ୍ଛତା ସହ ପରୀକ୍ଷା ହେବ, ପରୀକ୍ଷାରେ ଯେମିତି ଅବ୍ୟବସ୍ଥା ହେବ ନାହିଁ, କୌଣସି ପ୍ରକାର ପ୍ରଶ୍ନ ପତ୍ର ଲିକ୍ ଯେମିତି ନହେବ ସବୁ ବ୍ୟବସ୍ଥା କରାଯାଇଛି। ମୁଁ ଆଶାକରୁଛି, ଏଥିରେ କୌଣସି ପ୍ରକାର ଅବ୍ୟବସ୍ଥା ହେବ ନାହିଁ କି ପ୍ରଶ୍ନପ୍ରତ ଲିକ୍ ହେବନାହିଁ। ଯଦି ବି ହୁଏ ତାହା ହେଲେ ଆମ ପାଖେ କ୍ୟୁଆର୍ କୋଡ ଓ ଅନ୍ୟ ଉପାୟରେ ଜଣା ପଡ଼ିଯିବ ବୋଲି କହିଛନ୍ତି ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।



> ସମୀକ୍ଷାକଲେ ମୁଖ୍ୟ ସଚିବ
>
> ଚେତାବନୀ ଦେଲେ

# ନୃଶଂସ ବାପା

## ପୁଅକୁ ଛୁରୀ ଭୁସି ମାରିଦେଲା

**ଢେଙ୍କାନାଳ,(ପିପିଏସ୍):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା କମ୍ପୁଲେଇ ଗାଁରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ପୁଅଙ୍କୁ ଛୁରୀ ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକଙ୍କ ନାଁ କ୍ଷୀରୋଦ ସାହୁ। ତାଙ୍କ ବାପା ତଥା ଅଭିଯୁକ୍ତଙ୍କ ନାଁ ବିଭୂତି ସାହୁ। ଶନିବାର କୌଣସି କାରଣକୁ ନେଇ ବାପପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ବିଭୂତି ନିଶାସକ୍ତ ଅବସ୍ଥାରେ ଘରେ ପାଟିତୁଣ୍ଡ କରିବା ସହ ପୁଅ କ୍ଷୀରୋଦଙ୍କୁ ମାରିବା ପାଇଁ ଇଟା ଓ ପଥର ଆଦି ଫୋପାଡ଼ିଥିଲେ। ଏ ନେଇ କ୍ଷୀରୋଦ କଙ୍କଡାହାଡ଼ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ଏହି ଅଭିଯୋଗକୁ ହାଲକା ଭାବେ ନେଇ କୌଣସି ତତ୍ପରତା ଦେଖାଇ ନଥିଲା। ରବିବାର ବିଭୂତି ପୁଅ କ୍ଷୀରୋଦକୁ ଏକ ଛୁରୀରେ ଭୁସି ଦେଇଥିଲେ। ପରିବାର ଲୋକେ କ୍ଷୀରୋଦଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କ୍ଷୀରୋଦଙ୍କ ମୃତ୍ୟୁ ଖବର ପାଇ କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଡାକ୍ତରଖାନାରେ ପହଞ୍ଚି ପଚରାଉଚରା କରିଥିଲେ। ପୁଲିସର ଅବହେଳା ଯୋଗୁ କ୍ଷୀରୋଦଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ତାଙ୍କ ମା’ ଓ ଭାଇ। ପୁଲିସ ଯଦି ବିଭୂତିଙ୍କ ବିରୋଧରେ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ନେଇଥା’ନ୍ତା, ତା’ହେଲେ ଏମିତି ଘଟି ନଥାଆନ୍ତା ବୋଲି ସେମାନେ କହିଛନ୍ତି।



> ପୁଲିସ୍‌କୁ ଦୋଷ ଦେଲେ ପରିବାର ଲୋକେ

## ସମ୍ପାଦକୀୟ

### ଦୁଃଖଦାୟକ ଘଟଣା

## ବାଟେଘାଟେ



ଚୋରି ଡକାୟତି ଦୁଷ୍କର୍ମ ହତ୍ୟା
ହୁ ହୁ ଯାଏ ବଢ଼ି
ଅପରାଧୀ ଏଠି ଚମ୍ପଟ ମାରେ
ଖୋଲିଦେଇ ହାତକଡ଼ି
ପୁଲିସ ହାତରେ ବେଡ଼ି
ଏମନ୍ତ ବେଳରେ ଟ୍ରାଫିକ ପୋଷ୍ଟରେ
ପୁଲିସ ଥାନାକୁ ଛାଡି
ଚାଲାଣ କଟାକୁ ବେଉସା କରିଛି
ଅଟକାଇ ଦେଇ ଗାଡ଼ି
ବେଳେ ବେଳେ ବାବୁ ଚାଲାଣ ନକାଟି
ପକେଟ ନିଅନ୍ତି ଝାଡ଼ି
ମନ୍ତ୍ରୀ କହନ୍ତି ଆଗାମୀ ଥରକୁ
ରାଜନୀତି ଯିବେ ଛାଡ଼ି

– ରାହୀ

## ଧାନକିଣାକୁ ନେଇ ଟେନ୍‌ସନ

# ମୁହାଁମୁହିଁ ଶାସକ-ବିରୋଧୀ

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟରେ ସ୍ୱାଭାବିକ ହୋଇପାରୁନି ଧାନ ବିକ୍ରି। ଟୋକନ ଲାପ୍ସ ହୋଇଥିବାରୁ ମଣ୍ଡିରୁ ଉଠୁନି ଧାନ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖିବାକୁ ମିଳିଛି। ବିଭାଗୀୟ ମନ୍ତ୍ରୀ କହିଛନ୍ତି, ସରକାରଙ୍କୁ ବଦନାମ କରିବାକୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ନକଲି ଚାଷୀ। ଏହାର ଜବାବ ରଖିଛି ବିଜେଡି। ରାଜ୍ୟର ବିଭିନ୍ନ ମଣ୍ଡିରେ ପ୍ରାୟ ସମାନ ସ୍ଥିତି। ଏବେ ବି ମଣ୍ଡିରେ ଚାଲିଛି ମିଲରଙ୍କ ରାଜୁତି। ବିଭିନ୍ନ ଆଳ ଦେଖାଇ ମଣ୍ଡିରେ କଟାଯାଉଛି ଧାନ। ଧାନର ମାନକୁ ନିମ୍ନମାନର କହି କ୍ୱିଣ୍ଟାଲ ପିଛା ୭ରୁ ୧୦ କେଜି କଟ୍‌ନୀ ଛଟ୍‌ନୀ କରାଯାଉଥିବା ଅଭିଯୋଗ ହୋଇଛି। ସମବାୟ ସମ୍ପାଦକଙ୍କୁ ଚାଷୀ ଅଟକାଇବା ପରେ ସୃଷ୍ଟି ହୋଇଛି ଉତ୍ତେଜନାମୂଳକ ପରିସ୍ଥିତି। ନୂଆପଡ଼ାରେ ବି ଟୋକନ୍ ମିଳିନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟରେ ଧାନ କିଣାକୁ ନେଇ ତେଜୁଛି ଅସନ୍ତୋଷ। ଅନେକ ମଣ୍ଡିରେ ଚାଷୀ ଧାନ ବିକ୍ରି କରିବାକୁ ହନ୍ତସନ୍ତ ହେଉଛନ୍ତି। ମିଲରଙ୍କ ମନମାନି ଯୋଗୁଁ ମଣ୍ଡିରେ ଅମଳ ଧାନ ବର୍ଷା କାକର ଖାଉଛି । କେଉଁଠି କଟ୍‌ନୀ ଛଟ୍‌ନୀ ବି ଚାଷୀଙ୍କ ଦୁଃଖକୁ ଦୁଇଗୁଣା କରୁଛି। ଏହାକୁ ନେଇ ବିରୋଧୀ ବିଜେଡି ଆନ୍ଦୋଳକୁ ଓହ୍ଲାଇଥିବା ବେଳେ ତାଙ୍କୁ ଚେକ୍ ଦେଇଛନ୍ତି ଶାସକ ଦଳୀୟ। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ରାଜ୍ୟରେ ଧାନ କିଣା ପ୍ରକ୍ରିୟା ସଠିକ୍ ଭାବେ ଚାଲିଛି । କେବଳ ବଡ଼ ଚାଷୀ ବିରୋଧ କରୁଛନ୍ତି। ଗତବର୍ଷ ସେମାନେ ୫୦୦ କ୍ୱିଣ୍ଟାଲ ଧାନ ବିକିଥିଲେ ଏଥର କ୍ୟାପ୍ସ ୧୫୦ କ୍ୱିଣ୍ଟାଲ ହୋଇଥିବାରୁ ସେମାନେ ଟିକେ ଅସୁବିଧା ଭୋଗୁଛନ୍ତି । ଆସନ୍ତାବର୍ଷ ସେଥିପ୍ରତି ଦୃଷ୍ଟି ଦିଆଯିବ । ମିଲରଙ୍କ ପାଖେ ଜାଗା ନଥିବାରୁ କିଛି ସ୍ଥାନରେ ଧାନ କିଣା ପ୍ରକ୍ରିୟା ଟିକେ ଧୀରେ ହେଉଛି । ପରବର୍ତ୍ତୀ ସମୟରେ ସେ ଧାନକୁ ଉଠାଯାଉଛି। ଯେଉଁ ମାନଙ୍କର ଟୋକେନ୍ ଲାପ୍ସ ହେଉଛି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ୧୫ ଦିନ ଟୋକାନ ଅବଧି ବୃଦ୍ଧି କରାଯାଉଛି । ଚଳିତବର୍ଷ ଅଧିକ ଚାଷ ହୋଇଛି । ଅନାବାଦୀ ଗୋଚର ଭଳି ଅନେକ ସ୍ଥାନରେ ଚାଷହୋଇଛି । ସେମାନଙ୍କୁ ନୋଟିସ ହୋଇଛି, ଏଥିରୁ ନ ଚେତିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ସରକାରଙ୍କୁ ବଦନାମ କରିବାକୁ ଫେକ୍ ଚାଷୀ ଚେଷ୍ଟା କରୁଛନ୍ତି। ସେଥିରେ ସେମାନେ ସଫଳ ହେବେନି। ସମସ୍ତ ଚାଷୀଙ୍କ ଧାନ ଉଠିବ। ଅନ୍ୟପଟେ ଏ ପ୍ରସଙ୍ଗରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ସରକାର ଏକ ମିଛ ଚାଷୀଙ୍କ ତାଲିକା ଦିଅନ୍ତୁ। ପ୍ରକୃତ ଚାଷୀଙ୍କ ତାଲିକା ଦେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି। ସରକାର ଧାନ କିଣାରେ ବିଫଳ। ଚାଷୀ ଆକ୍ରୋଶର ଶିକାର ହେଲେଣି ସରକାର । ବିଜେପିରେ କେହି ଚାଷୀ ନଥିବେ। ହେଲେ ଛୋଟ ହେଉ କି ବଡ଼ ହେଉ, ରାଜ୍ୟରେ ଚାଷୀ ଅଛନ୍ତି । ସେହିପରି କଂଗ୍ରେସ ବିଧାୟକ ନୀଳ ମାଧବ ହିକ୍‌କା ମଧ୍ୟ କହିଛନ୍ତି ଯେ ଚାଷୀଙ୍କୁ ନକଲି କହି ଅନ୍ନଦାତାଙ୍କୁ ଅପମାନ କରୁଛନ୍ତି ସରକାର। ଏହା ବଡ଼ ଅପରାଧ ଓ ନିନ୍ଦନୀୟ । ଅନ୍ନଦାତା ଦେଶ ଚଳାଉଛନ୍ତି। ତାଙ୍କୁ କେମିତି ନକଲି କହୁଛନ୍ତି ସରକାର? ସରକାର କ’ଣ ଯାଞ୍ଚ କରିଛନ୍ତି। ୩୧୦୦ ଟଙ୍କାରେ ଧାନ କିଣିବାର ମିଛ କହିଲେ ମିଛୁଆ ସରକାର। କାହିଁକି ବାହାସଫଟ ମାରୁଥିଲେ? ମଣ୍ଡିରେ ଧାନ ପଡ଼ିଛି, ସମାଧାନ ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।



> ❑ସରକାରଙ୍କୁ ବଦନାମ କରିବାକୁ ଫେକ୍ ଚାଷୀ ଚେଷ୍ଟା କରୁଛନ୍ତି: ସମବାୟ ମନ୍ତ୍ରୀ

# ମେଡିକାଲ୍ ରାସ୍ତାରେ ଛକି ବସିଥିଲା ମୃତ୍ୟୁ

## ଚିକିତ୍ସାପାଇଁ ବିଶାଖାପାଟଣା ଯାଉଥିବା ବେଳେ ଗୋଟିଏ ପରିବାରର ୨ ମୃତ, ୫ଗୁରୁତର

**ବ୍ରହ୍ମପୁର,(ପିପିଏସ୍):** ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ୍ ଅନ୍ତର୍ଗତ ପାତିସୁନାପୁର ଗ୍ରାମର ୨ଜଣ ବ୍ୟକ୍ତିଙ୍କ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି ଓ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ ରବିବାର ଭୋରରେ ପରିବାର ଜଣେ ପକ୍ଷାଘାତ ରୋଗୀଙ୍କୁ ବିଶାଖାପାଟଣା ଚିକିତ୍ସା ପାଇଁ କାର୍ ଯୋଗେ ଗୋଟିଏ ପରିବାର ୭ଜଣ ଯାଉଥିବା ବେଳେ ଆନ୍ଧ୍ରର ଟେକ୍କାଲି ନିକଟସ୍ଥ ନନ୍ଦିଗ୍ରାମ ରାଜପଥ ନିକଟରେ ଏକ ଭ୍ୟାନ୍ କାର୍‌କୁ ଧକ୍କା ଦେବା ଫଳରେ ୨ଜଣଙ୍କ ମୃତ୍ୟୁହୋଇଛି। ଏବେ ୫ଜଣ ଗୁରୁତର ହୋଇ ଟେକାଲି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ୨ଜଣ ହେଲେ ଭି. ମୋହିନୀ ଓ ଭି. ଡାଲୟକ୍ଷ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଶୋକବ୍ୟକ୍ତ କରିବା ସହିତ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟ ପାଇଁ ୪ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରିରଖିଛି।






## ଆଜିର ରାଶିଫଳ

**ମେଷ** – ବ୍ୟବସାୟୀଙ୍କୁ ଧନଲାଭ ହେବ। ଶିକ୍ଷାର୍ଥୀଙ୍କ ଲାଗି ଦିନଟି ଭଲ। କ୍ୟାରିୟରରେ କୌଣସି ବଡ଼ ସଫଳତା ପାଇବେ। ଯେଉଁମାନେ ଜମି କିଣିବା ଲାଗି ଭାବୁଛନ୍ତି ସେମାନଙ୍କୁ ଲାଭର ସଉଦା ମିଳିବ।

**ବୃଷ** – କୌଣସି କଥାକୁ ନେଇ ଆପଣଙ୍କ ମନ ଉତ୍ସାହିତ ରହିବ। ସଙ୍ଗୀତ କ୍ଷେତ୍ରରେ ଥିବା ଲୋକଙ୍କୁ ପ୍ରସିଦ୍ଧି ମିଳିବ। ପୁସ୍ତକ ବ୍ୟବସାୟୀଙ୍କୁ ଯଥେଷ୍ଟ ଲାଭ ମିଳିବ। ପ୍ରେମ ସଂପର୍କ ନିବିଡ଼ ହେବ।

**ମିଥୁନ** – ଦିନଟି ଆପଣଙ୍କ ଲାଗି ଭଲ ରହିବ। ବ୍ୟବସାୟ କ୍ଷେତ୍ରରେ ଲାଭ ମିଳିବାର ଯୋଗ ଅଛି। ଅଫିସରେ କୌଣସ ବଡ଼ ଅଧିକାରୀଙ୍କ ସହଯୋଗ ପାଇବେ। ରାଜନୀତିରେ ଆର୍ଥିକ ଲାଭ ହେବ।

**କର୍କଟ** – ପରିଶ୍ରମର ସନ୍ତୋଷଜନକ ଫଳ ପାଇବେ। ଆର୍ଥିକ ପକ୍ଷ ସୁଦୃଢ଼ ରହିବ। ଅଫିସରେ କୌଣସି ନୂଆ କାମ ପାଇବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ପ୍ରେମ ସମ୍ବନ୍ଧରେ ପ୍ରଗାଢ଼ତା ଆସିବ।

**ସିଂହ** – ଏକାଗ୍ରତାରେ କରୁଥିବା କାମର ସଫଳ ହେବେ। କ୍ଷୁଦ୍ର ଉଦ୍ୟୋଗୀ ଯଥେଷ୍ଟ ଲାଭ ପାଇବେ। କିଛି ଲୋକ ବନ୍ଧୁତା ଲାଗି ହାତ ବଢ଼ାଇବେ। ମହିଳାମାନଙ୍କ ଲାଗି ଦିନଟି ଅରାମଦାୟକ ରହିବ।

**କନ୍ୟା** – ଦିନଟି ବ୍ୟସ୍ତତାରେ କଟିବ। ଟଙ୍କା ପଇସା ମାମଲାରେ କାହାରି ଉପରେ ଅଧିକ ଭରସା କରନ୍ତୁ ନାହିଁ। ସରାକାରୀ ଚାକିରିଆଙ୍କୁ ନୂଆ ଦାୟିତ୍ୱ ମିଳିବ। ବୈବାହିକ ଜୀବନ ସୁଖମୟ ହେବ।

**ତୁଳା** – ପୂର୍ବ ସମସ୍ୟାର ସମାଧାନ ବାହାରିବ। ନିଜର କାର୍ଯ୍ୟ ନୂଆ ଢ଼ଙ୍ଗରେ କରିବାକୁ ଚେଷ୍ଟା କରିବେ। ନବ ବିବାହିତଙ୍କ ଲାଗି ଦିନଟି ଭଲ। ଛାତ୍ରଛାତ୍ରୀ ପ୍ରତିଯୋଗିତା ପରୀକ୍ଷାରେ ସଫଳତା ହାସଲ କରିବେ।

**ବିଛା** – ଅଜଣା ବ୍ୟକ୍ତିଙ୍କ ଠାରୁ ଭଲ ପରାମର୍ଶ ପାଇବେ। ଆର୍ଥିକ ସ୍ଥିତି ମଜଭୁତ କରିବା ଲାଗି ଅଧିକ ପରିଶ୍ରମ କରିବେ। ବନ୍ଧୁ ସହ ନୂଆ ବେପାର ଆରମ୍ଭ କରି ପାରନ୍ତି। ପ୍ରେମ ଜୀବନ ମଧୁର ହେବ।

**ଧନୁ** – ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ। ମନରେ ନୂଆ ଜିନିଷ ଜାଣିବା ଲାଗି ଉତ୍ସୁକତା ବଢ଼ିବ। ବେକାରଙ୍କୁ ରୋଜଗାରର ଅବସର ମିଳିବ। ଶିକ୍ଷାର୍ଥୀଙ୍କ ଲାଗି ଦିନଟି ଭଲ।

**ମକର** – ଜୀବନରେ ଅନ୍ୟମାନଙ୍କର ସହଯୋଗ ପାଇବେ। ଯାହା ବି କାମ କରିବେ କମ୍ ସମୟରେ ପୂରା କରିଦେବେ। ପାରିବାରିକ ସୁଖ ବୃଦ୍ଧି ହେବ। ଛାତ୍ରଛାତ୍ରୀଙ୍କୁ ଲେଖାପଢ଼ାରେ ସଫଳତା ମିଳିବ।

**କୁମ୍ଭ** – ଚାକିରି ବୃତ୍ତି ସମ୍ବନ୍ଧରେ କୌଣସି ଭଲ ଖବର ପାଇବେ। ଲାଗି ରହିଥିବା ମକଦ୍ଦମା ଆପଣଙ୍କ ସପକ୍ଷରେ ଆସିବ। ପ୍ରିୟଜନଙ୍କ ଠାରୁ ମନ ପସନ୍ଦର ଉପହାର ପାଇବେ।

**ମୀନ** – ନିଜର ପ୍ରତିଭା ବିକଶିତ କରିବା ଲାଗି ଅବସର ପାଇବେ। ବ୍ୟବସାୟରେ ଭଲ ଲାଭ ମିଳିବ। ଦାମ୍ପତ୍ୟ ଜୀବନରେ ନୂଆ ଖୁସି ଆସିବ। ଭ୍ରମଣ ସୁଖ ରହିଛି। ବିଦ୍ୟାର୍ଥୀଙ୍କ ଲାଗି ଦିନଟି ଭଲ।

## ବାଜରା ଖେଚେଡ଼ି

**ଆବଶ୍ୟକ ସାମଗ୍ରୀ :** ବାଜରା,ବାଦାମ ମଞ୍ଜି,ଗରମ ମସଲା,ଧନିଆ ପାଉଡର, ହଳଦୀ ପାଉଡର, ଜିରା, ଲଙ୍କା ପାଉଡର, ହେଙ୍ଗୁ, ଘିଅ, ଲୁଣ

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ବାଜରା ନେଇ ପାଣିରେ ଭଲ ଭାବରେ ସଫା କରି ଦିଅନ୍ତୁ। ହାକୁ କିଛି ସମୟ ପରିଷ୍କାର ପାଣିରେ ଭିଜାଇ ରଖନ୍ତୁ। ବର୍ତ୍ତମାନ ବାଜରାରୁ ପାଣି ବାହାର କରି ଏହାକୁ କୁଟି ସେଥିରୁ ଭୁସି ବାହାର କରିଦିଅନ୍ତୁ। ବର୍ତ୍ତମାନ କୁକରରେ ପାଣି ନେଇ ସେଥିରେ ବାଜରା ଗୁଣ୍ଡ ପକାନ୍ତୁ। କିଛି ଲୁଣ ଏବଂ ହଳଦୀ ପାଉଡର ପକାନ୍ତୁ। କୁକରରେ ଢାଙ୍କୁଣୀ ଦେଇ ସିଝାନ୍ତୁ। ୪ରୁ ୫ଟି ସିଟି ମାରିବା ପର୍ଯ୍ୟନ୍ତ ରଖନ୍ତୁ।ଢାଙ୍କୁଣୀ ଖୋଲି ଦେଖନ୍ତୁ ବାଜରା ନରମ ହୋଇଯାଇଥିବ।ଏବେ ଏକ ପ୍ୟାନକୁ ନିଆଁରେ ବସାଇ ଘିଅ ପକାନ୍ତୁ। ଏଥିରେ ହେଙ୍ଗୁ, ଜିରା, ବାଦାମ ପକେଇ ଭାଜନ୍ତୁ। ଏବେ ଧନିଆ ପାଉଡର, ଗରମ ମସଲା, ଚିଲି ପାଉଡର ପକାଇ ୧ ମିନିଟ୍ ପାଇଁ ଭାଜନ୍ତୁ।ବର୍ତ୍ତମାନ ଏଥିରେ ରନ୍ଧା ହୋଇଥିବା ବାଜରା ପକେଇ ଭଲ ଭାବରେ ଘାଣ୍ଟନ୍ତୁ।ଯଦି ଆପଣ ଚାହାଁନ୍ତି, ସ୍ୱାଦ ବଢାଇବା ପାଇଁ ଆପଣ ଏଥିରେ ଟମାଟୋ ଏବଂ ଗ୍ରୀନ୍ ମଟର ମଧ ପକାଇ ପାରିବେ। ପ୍ରସ୍ତୁତ ହୋଇଗଲା ବାଜରା ଖେଚେଡି। ଆପଣ ଏହାକୁ ଆଚାର, ଦହି, ଆଳୁ ଭର୍ତ୍ତା ସହିତ ଖାଇ ପାରିବେ।



## କ୍ୟାପ୍ସୁଲ କାର୍



ଦେଖିବାକୁ ବେଶ୍ ଅଜବ ଏହି କାର୍ ପିଲାଙ୍କ ସ୍ୱାଇଡର୍ କାର୍ ଖେଳଣା ଭଳି ଲାଗିପାରେ। ହେଲେ ଆଡ୍‌ଭେଞ୍ଚର ଲଭର୍ଙ୍କ ପାଇଁ ତିଆରି ହୋଇଛି ଏହି କାର୍ ସିଙ୍ଗଲ ସିଟ୍ ଥିବା ଉକ୍ତ କାର୍କୁ ଦକ୍ଷିଣ ଆଫ୍ରିକାସ୍ଥ ଜୋହାନସ୍ବର୍ଗର ଡିଜାଇନର ଆଲ୍ବ ଜର୍ମାନର୍ ଡିଜାଇନ କରିଛନ୍ତି। କ୍ୟାପ୍ସୁଲ୍ କାର୍ ନାମକ ଏହି ଗାଡ଼ି ଓଭର ନାଇଟ ଟ୍ରିପ୍ ପାଇଁ ପ୍ରଯୁଜ୍ୟ। କାରଣ ଏଥିରେ ଲଗେଜ ରଖିବା ଲାଗି ବହୁତ ଜାଗା ଅଛି। ଇଲେକ୍ଟ୍ରିକ ମୋଟର ଦ୍ୱାରା ଏହି ଗାଡି ଚାଲେ। ଗାଡିର ଛାତରେ ସୋଲାର ପ୍ୟାନେଲ ଲାଗିଥାଏ, ଯାହାକି ବ୍ୟାଟେରିକୁ ଚାର୍ଜ କରେ। ଏଥିରେ ଜିପିଏସ୍ ନାଭିଗେଶନ ସିଷ୍ଟମ୍ ଅଛି। ଏହା ଅନ୍ୟ କ୍ୟାପ୍ସୁଲ୍ କାର୍ ସହ ବି କନେକ୍ଟ ହୋଇପାରେ। ସାଇଡ୍ ମିରର୍ ବଦଳରେ ଏଥିରେ ଏକ୍ସଟରନାଲ କ୍ୟାମେରା ଲାଗିଛି, ଯାହାକି ଭିତରର ଏଲ୍‌ସିଡି ଡିସ୍‌ପ୍ଲେ ସହ କନେକ୍ଟ ହୋଇଥାଏ। ଖାସ୍କରି କ୍ୟାମ୍ପିଂ ପାଇଁ ଏହି ଗାଡି ଡିଜାଇନ୍ ହୋଇଛି।

## ଡାର୍କ ଚକୋଲେଟ୍ ଖାଇବାର ଉପକାରିତା

**କୋଷକୁ ରକ୍ଷାକରେ-** ଫ୍ଲାଭୋନାଇଡ ଏବଂ ପଲିଫେନୋଲ ଚକୋଲେଟରୁ ମିଳିଥାଏ, ଯାହା ଫ୍ରି ରେଡିକାଲକୁ ନଷ୍ଟ କରିଥାଏ ଏବଂ କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରିଥାଏ।

**ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ-** ଡାର୍କ ଚକୋଲେଟ ନିୟମିତ ଖାଇବା ଦ୍ୱାରା ରକ୍ତଚାପ ଏବଂ ହୃଦରୋଗ ହେବାର ଆଶଙ୍କା କମିଥାଏ।

ମନୋବଳକୁ ଉନ୍ନତ କରିଥାଏ- ସେରୋଟୋନିନ୍ ଏବଂ ଏଣ୍ଡୋରଫିନକୁ ପ୍ରୋତ୍ସାହିତ କରୁଥିବା ଉପାଦାନଗୁଡିକ ଚକୋଲେଟରୁ ମିଳିଥାଏ, ଯାହା ଚାପକୁ ହ୍ରାସ କରିବାରେ ଏବଂ ମନୋବଳକୁ ଦୃଢ଼ କରିବାରେ ସାହାଯ୍ୟ କରିଥାଏ।

**ମସ୍ତିଷ୍କ କାର୍ଯ୍ୟକୁ ବୃଦ୍ଧି କରେ-** ଏଥିରେ କ୍ୟାଫେନ୍ ଏବଂ ଥିଓବ୍ରୋମାଇନ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ, ଯାହା ମାନସିକ ସ୍ୱାସ୍ଥ୍ୟକୁ ଏକାଗ୍ର କରିବା ଏବଂ ଉନ୍ନତି କରିବାରେ ସହାୟକ ହୋଇଥାଏ।

ଚର୍ମ ପାଇଁ ଲାଭଦାୟକ- ଚକୋଲେଟରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ମିନେରାଲ୍ସ ଥାଏ, ଯାହା ଚର୍ମର ଆର୍ଦ୍ରତା ବଜାୟ ରଖେ ଏବଂ ଏହାକୁ ସୂର୍ଯ୍ୟଙ୍କ ଅଲ୍ଟ୍ରାଭାୟୋଲେଟ ରେଡିଏସନ (ଅତିବାଇଗଣୀ ରଶ୍ମୀ)ରୁ ରକ୍ଷା କରିଥାଏ।

**କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରେ-** ଡାର୍କ ଚକୋଲେଟ୍ LDL (ଖରାପ) କୋଲେଷ୍ଟ୍ରଲ୍‌କୁ ହ୍ରାସ କରିପାରେ ଏବଂ HDL (ଭଲ) କୋଲେଷ୍ଟ୍ରଲ୍ ବୃଦ୍ଧି କରିପାରେ।

**ବ୍ଲଡ ସୁଗାରକୁ ନିୟନ୍ତ୍ରଣ କରିଥାଏ-** ଡାର୍କ ଚକୋଲେଟରେ ଥିବା ଫ୍ଲେଭୋନୋଏଡ ରକ୍ତରେ ଶର୍କରା ସ୍ତରକୁ ସ୍ଥିର ରଖେ।

**ଏନର୍ଜି ବୁଷ୍ଟର ଭାବେ କାମ କରେ ଚକୋଲେଟ୍-** ଚକୋଲେଟରେ ଫ୍ୟାଟ୍, ସୁଗାର ଏବଂ କଫିନ୍ ଥାଏ, ଯାହା ତତକ୍ଷଣାତ୍ ଏନର୍ଜି ଯୋଗାଇଥା।

**ପ୍ରଦାହକୁ ହ୍ରାସ କରେ-** ଚକୋଲେଟରେ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଶରୀରରେ ପ୍ରଦାହକୁ ହ୍ରାସ କରିପାରେ।



## ସାକ୍ଷାତକାରରେ ସଫଳତା ଲାଗି...



ଶିକ୍ଷାଗତ ଯୋଗ୍ୟତା ସତ୍ତ୍ୱେ ଅନେକ ସମୟରେ ସାକ୍ଷାତ୍କାରରେ ବିଫଳତା ମିଳିଥାଏ। ତେବେ ଏଥିରେ ସଫଳ ହେବା ପାଇଁ ବିଭିନ୍ନ ଦିଗରୁ ପ୍ରସ୍ତୁତି କରିବାକୁ ହେବ। ସାକ୍ଷାତକାର ଦେବାକୁ ଯିବା ପୂର୍ବରୁ ସର୍ବପ୍ରଥମେ କେଉଁ ସବୁ ବିଷୟରେ ଆପଣଙ୍କୁ ପ୍ରଶ୍ନ ଆସିବ ସେନେଇ ପ୍ରସ୍ତୁତ ହୁଅନ୍ତୁ। ନଚେତ୍ ସେହି ସବୁ ବିଷୟରେ ପ୍ରଶ୍ନର ଉତ୍ତର ଦେଇ ନ ପାରିଲେ ଆପଣଙ୍କ ଅଜ୍ଞତାକୁ ନେଇ ସେଠାରେ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇପାରେ। ନିଜର ଆଗ୍ରହ ଥିବା କ୍ଷେତ୍ରରେ ହିଁ କ୍ୟାରିୟର ଚୟନ କରନ୍ତୁ। ଫଳରେ ଏ କ୍ଷେତ୍ରରେ ଆପଣ ନିଜ ଆଡୁ ଭିନ୍ନ କିଛି କରିବା ପାଇଁ ପ୍ରୟାସ କରିବେ। ଫଳରେ ଆପଣ ଏ କ୍ଷେତ୍ରରେ ନିଜକୁ ଇଣ୍ଟରଭ୍ୟୁରେ ଯୋଗ୍ୟ ପ୍ରମାଣିତ କରିପାରିବେ। ସାକ୍ଷାତକାର ନିମନ୍ତେ ପ୍ରତିଦିନ ଅଭ୍ୟାସ କରନ୍ତୁ। କିଭଳି ସମସ୍ତଙ୍କ ସାମ୍ନାରେ କହିବେ ସେକଥା ଭାବି ପ୍ରସ୍ତୁତ ହୁଅନ୍ତୁ। ସଫଳ ନ ହେବା ପର୍ଯ୍ୟନ୍ତ ବାରମ୍ବାର ବିଷୟବସ୍ତୁ ପଢ଼ନ୍ତୁ। ଏହା ସହ ନିଜ ବ୍ୟକ୍ତିତ୍ୱ ବଢ଼ାଇବାକୁ ପ୍ରୟାସ କରନ୍ତୁ। ସାକ୍ଷାତକାରକୁ ଯିବା ସମୟରେ ପରିଧାନର ଏକ ବିଶେଷ ଗୁରୁତ୍ୱ ରହିଥାଏ। ସେଥିପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ। ଯେଉଁ କମ୍ପାନୀକୁ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ସେଠି ଅନ୍ୟମାନେ କିଭଳି ପୋଷାକ ପିନ୍ଧୁଛନ୍ତି ଲକ୍ଷ୍ୟ କରନ୍ତୁ। ସେହି ଅନୁସାରେ ନିଜେ ପ୍ରସ୍ତୁତ ହୋଇ ଯାଆନ୍ତୁ। ଏହି ସମୟରେ ଆତ୍ମବିଶ୍ୱାସ ହରାନ୍ତୁ ନାହିଁ। କୌଣସି ବିଷୟରେ ଜାଣିନାହାନ୍ତି ଭାବି ଆଦୌ ନର୍ଭସ ହୁଅନ୍ତୁ ନାହିଁ। ବରଂ ଆତ୍ମବିଶ୍ୱାସ ଥିବା ଅନୁଭବ କଲେ ଆପଣ ସଫଳ ହୋଇପାରିବେ।

## ଚିନାବାଦାମ ଖାଉଥିଲେ



ଚିନାବାଦାମ ଖାଇବା ଅନେକଙ୍କର ପସନ୍ଦ। ତେବେ ଭଜା ଚିନାବାଦାମ ତୁଳନାରେ ସିଝା ଚିନାବାଦାମ ଖାଇଲେ ଶରୀରକୁ ଅନେକ ଉପକାର ମିଳିଥାଏ। ପ୍ରଥମତଃ ଭଜା ଚିନାବାଦାମ ତୁଳନାରେ ଏହା ସେତେ ବେଶୀ ଗ୍ୟାସ ସମସ୍ୟା ସୃଷ୍ଟି କରେନାହିଁ। ଦ୍ୱିତୀୟତଃ ଚିନାବାଦାମକୁ ସିଝାଇ ଖାଇଲେ ଏହା କମ୍ପ୍ଲିଟ୍ ମିଲ୍ର କାମ ଦେଇଥାଏ। ଅର୍ଥାତ୍ ସିଝା ଚିନାବାଦାମରୁ କିଛି ଖାଇଦେଲେ କିଛି ସମୟ ପାଇଁ ଏହା ଭୋକକୁ ନିୟନ୍ତ୍ରଣ କରିଥାଏ। ତା'ଛଡ଼ା ଭଜା ଚିନାବାଦାମ ତୁଳନାରେ ସିଝା ଚିନାବାଦାମରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଟିକେ ଅଧିକ ରହୁଥିବାରୁ, ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ ହୋଇଥାଏ। ତା'ଛଡ଼ା ଶରୀରର ଓଜନ କମ୍ କରାଇବାରେ ବି ଏହା ବେଶ୍ ସହାୟକ ହୋଇଥାଏ। କୁହାଯାଏ, ଗୁଡ଼ ସହିତ ସିଝା ଚିନାବାଦାମ ଖାଇଲେ ଏହା ଆଣ୍ଠୁଗଣ୍ଠି ଦରଜ ସମସ୍ୟାରୁ କେତେକାଂଶରେ ମୁକ୍ତି ଦେଇଥାଏ। ଦୃଷ୍ଟିଶକ୍ତିକୁ ପ୍ରଖର କରିବା ଓ ହାର୍ଟ ପାଇଁ ବି ଏହାକୁ ଖାଇଲେ ଉପକାର ମିଳିଥାଏ। ଶରୀରରେ ରକ୍ତର ପରିମାଣ କମ୍ ଥିଲେ କିମ୍ବା ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣରେ ରଖିବାର ଥିଲେ ଅଥବା ସ୍ମରଣଶକ୍ତିକୁ ବଢାଇବାର ଥିଲେ ସିଝା ଚିନାବାଦାମ ଖାଇବା ଲାଭଦାୟକ ହୋଇଥାଏ।

## ଅନ୍ଲାଇନରେ ଜଗିଂ ଶୁଜ୍ କିଣୁଥିଲେ



**ବର୍ତ୍ତମାନ ଅନ୍ଲାଇନରେ କମ୍ ଦାମ୍ରେ ବି ବିଭିନ୍ନ କମ୍ପାନୀର ଜଗିଂ ଶୁଜ୍ ମିଳିଯାଉଛି। ଯଦି ଆପଣ ବି ଅନ୍ଲାଇନରେ ଜଗିଂ ଶୁଜ୍ ମଗାଉଛନ୍ତି ତେବେ କେତେକ ଦିଗ ପ୍ରତି ଦୃଷ୍ଟିଦେବାକୁ ଆଦୌ ଭୁଲନ୍ତୁ ନାହିଁ...**

ନିଜ ପାଦକୁ କେଉଁ ସାଇଜ୍ର ଶୁଜ୍ ଫିଟ୍ ହେଉଛି ମାପିବା ପରେ ଅର୍ଡର କରନ୍ତୁ। କାରଣ ପାଦକୁ ଫିଟ୍ ନ ହେଉଥିବା ଶୁଜ୍ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଯେହେତୁ ଅନ୍ଲାଇନରେ ନିଜେ ଟ୍ରାଏକରି କିଣିବା ସମ୍ଭବ ନୁହେଁ, ତେଣୁ ଅର୍ଡରରେ ଚେକ୍ କରିବା ପରେ ରିଟର୍ନ ଅପ୍ସନ ଅଛି ନା ନାହିଁ ଭଲ ଭାବେ ଚେକ୍ କରିନିଅନ୍ତୁ। ଜଗିଂ ପାଇଁ ସ୍ମାର୍ଟ ସ୍ପୋର୍ଟସ ଶୁଜ୍ ସବୁଠୁ ଭଲ ଅପ୍ସନ। ଏପରି ଜୋତା ମଗାଉଥିଲେ ପ୍ରଥମେ ଘର ଭିତରେ ପିନ୍ଧି ଅଳ୍ପ ଚାଲନ୍ତୁ। କାରଣ ଜଗିଂ ବା ରନିଂ ଶୁଜ୍ରେ ପାଦ ଆଗକୁ ବଢ଼ାଇବା ଏବଂ ଚାଲିବା ବେଳେ ସନ୍ତୁଳନ ରକ୍ଷା କରିବାରେ ଯେପରି କମ୍ଫର୍ଟେବଲ୍ ଲାଗିବା ଦରକାର। ଏହାକୁ ନ୍ୟୁଟ୍ରାଲ୍ ବୋଲି କୁହାଯାଇଥାଏ। ସେହିପରି ଜୋତାର ସପୋର୍ଟ ବା ପାଦର ଆଗ ପଛ, ଉପର ତଳ କୌଣସି ଅଂଶ ଯେପରି ଚାପିହୋଇ ନ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଯଦି ଶୁଜ୍ ପିନ୍ଧିଲେ ଠିକ୍ ଲାଗୁନାହିଁ ତେବେ ଏକ୍ସଚେଞ୍ଜକରି ପର୍ଫେକ୍ଟ ସାଇଜ୍ ଅର୍ଡର କରନ୍ତୁ। ପାର୍କ ହେଉ କିମ୍ବା ଅନ୍ୟ ଯେଉଁଠାରେ ଜଗିଂ କିମ୍ବା ରନିଂ କରୁଛନ୍ତି ସେଠାରେ ରାସ୍ତା ଖାଲ, ଢିପ ଥିଲେ ଶୁଜ୍ ଯେପରି ସନ୍ତୁଳନ ରକ୍ଷା କରିପାରିବ ସେଥିପାଇଁ ହିଲ୍ ଥିବା ଶୁଜ୍ ଅର୍ଡର କରନ୍ତୁ ନାହିଁ। ଯେକୌଣସି ସାଇଟ୍ରୁ ଶୁଜ୍ ଅର୍ଡର ନ କରି ଜଣାଶୁଣା ଶପିଂ ସାଇଟ୍ରୁ ମଗାନ୍ତୁ। ଅନ୍ୟ ବ୍ୟବହାରକାରୀଙ୍କ ରିଭ୍ୟୁ ରେଟିଂ ଦେଖିଲେ ମଧ ଉପକୃତ ହୋଇପାରିବେ।

## ଲୁଚି ଲୁଚି ନିର୍ବନ୍ଧ କଲେ ଏଲଭିଶ ଯାଦବ

ଲୋକପ୍ରିୟ ୟୁଟ୍ୟୁବର୍ ଏଲଭିଶ ଯାଦବ ଏବଂ ଅଭିନେତ୍ରୀ ଜିଆ ଶଙ୍କରଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଜୋରଦାର ଚର୍ଚ୍ଚା ଚାଲିଛି। ନିକଟରେ ଏଲଭିଶ ଏକ ରହସ୍ୟମୟ ଫଟୋ ସେୟାର କରି ନିଜର ପ୍ରେମ ସମ୍ପର୍କ ବିଷୟରେ ସୂଚନା ଦେବା ପରେ ପ୍ରଶଂସକମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ଏଲଭିଶ ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ଫଟୋ ସେୟାର କରିଛନ୍ତି, ଯେଉଁଥିରେ ସେ ଜଣେ ଯୁବତୀଙ୍କ ହାତ ଧରିଥିବା ନଜର ଆସୁଛନ୍ତି। ସେହି ଯୁବତୀଙ୍କ ହାତରେ ଏକ ବଡ଼ ହୀରା ମୁଦି ମଧ୍ୟ ରହିଛି। ଏହି ଫଟୋ ସହିତ ଏଲଭିଶ କ୍ୟାପସନରେ ଲେଖିଛନ୍ତି, "ଭଲପାଇବାକୁ ଆଉ ଏକ ସୁଯୋଗ ଦେଲି ଏବଂ ମୁଁ ମୋର ପ୍ରେମକୁ ପାଇଗଲି।" ଏଲଭିଶ ଏହି ପୋଷ୍ଟରେ ଅଭିନେତ୍ରୀ ଜିଆ ଶଙ୍କରଙ୍କୁ ଟ୍ୟାଗ୍ କରିଛନ୍ତି। ବିଶେଷ କଥା ହେଉଛି, ଜିଆ ମଧ୍ୟ ଏହି ପୋଷ୍ଟକୁ ନିଜ ଇନଷ୍ଟାଗ୍ରାମରେ ରି-ପୋଷ୍ଟ କରିଛନ୍ତି, ଯାହା ପରେ ଉଭୟଙ୍କ ନିର୍ବନ୍ଧ ହୋଇଯାଇଥିବା ନେଇ ଗୁଜବ ସୃଷ୍ଟି ହୋଇଛି। ଏହି ପୋଷ୍ଟକୁ ଦେଖି ଅନେକ ପ୍ରଶଂସକ ଶୁଭେଚ୍ଛା ଜଣାଉଥିବା ବେଳେ ଅନ୍ୟ କିଛି ୟୁଜର୍ସ ଏହାକୁ ଏକ ପ୍ରମୋସନାଲ୍ ଆକ୍ଟିଭିଟି ବୋଲି କହୁଛନ୍ତି। ପୂର୍ବରୁ ଏଲଭିଶଙ୍କ ନାମ ଜନ୍ନତ ଜୁବେରଙ୍କ ସହ ମଧ୍ୟ ଯୋଡ଼ା ଯାଇଥିଲା, କିନ୍ତୁ ପରେ ତାହା ଏକ ମ୍ୟୁଜିକ ଭିଡିଓର ପ୍ରମୋସନ ବୋଲି ଜଣାପଡ଼ିଥିଲା। ସେହିପରି କିଛି ଦିନ ପୂର୍ବରୁ ଜିଆ ଶଙ୍କର ଏବଂ ଅଭିଷେକ ମଲ୍ଲାନଙ୍କ ନିର୍ବନ୍ଧ ଖବର ମଧ ଚର୍ଚ୍ଚାକୁ ଆସିଥିଲା, ଯାହାକୁ ଅଭିଷେକ ଖଣ୍ଡନ କରିଥିଲେ।







# ଉତ୍କଳ ଆଲୁମିନା ପକ୍ଷରୁ ସାରଥୀ ଉତ୍ସବ





ରାୟଗଡ଼ା, (ପିପିଏସ୍): ରାୟଗଡ଼ା ଜିଲ୍ଲା ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସାରଥୀ ଉତ୍ସବ ଆୟୋଜିତ ହୋଇଯାଇଛି। ଭାରିଯାନ ଚଳକଙ୍କୁ ସମ୍ବର୍ଦ୍ଧିତ ତଥା ସେମାନଙ୍କୁ ସଡ଼କ ପରିବହନ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ରାୟଗଡ଼ା ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପଲ୍ ଯୋଗଦେଇଥିବା ବେଳେ ଦୋରାଗୁଡ଼ା ଏସ୍ଆଇ ସ୍ୱରୂପ ପ୍ରଧାନଙ୍କ ସମେତ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବିନାରାୟଣ ମିଶ୍ର ଓ ଏଫ୍ଏଚ୍ ଲଜିଷ୍ଟିକ୍ ସମୀର ପାଢ଼ୀ ପ୍ରମୁଖ ମଞ୍ଚସ୍ଥ ଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପଲ୍ କହିଥିଲେ ଯେ, ଦେଶର ଅର୍ଥନୈତିକ ମେରୁଦଣ୍ଡ ହେଉଛନ୍ତି ସାରଥୀ ରୂପକ ଭାରିଯାନ ଚାଳକ। ସେମାନଙ୍କ ପାଇଁ ଦେଶର ଅର୍ଥନୀତି ଗତିଶୀଳ। ତେଣୁ ସେମାନଙ୍କ ସୁରକ୍ଷା ଓ ସାମାଜିକ କଲ୍ୟାଣ ସମସ୍ତଙ୍କ ଗୁରୁଦାୟିତ୍ୱ। କ୍ରମାଗତ ଭାବେ ସଡ଼କ ଦୁର୍ଘଟଣା ବୃଦ୍ଧି ଯୋଗୁଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ସମସ୍ତ ଚାଳକ ସଡ଼କ ନିୟମ କଡ଼ାକଡ଼ି ଭାବେ ପାଳନ ନିମନ୍ତେ ସେ ଅନୁରୋଧ କରିଥିଲେ। ଏଥିସହିତ ଉତ୍କଳ ଆଲୁମିନା ପକ୍ଷରୁ ଚାଳକଙ୍କୁ ସଚେତନତା ଓ ସମ୍ବର୍ଦ୍ଧନା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ଶ୍ରୀ ପଲ୍ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ଏସ୍ଆଇ ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଥିଲେ ଯେ, ଦୋରାଗୁଡା ଥାନା ଅଧୀନରେ ଗତ ବର୍ଷ ୧୮ ଗୋଟି ଦୁର୍ଘଟଣା ଘଟିଥିବା ବେଳେ ଅନେକ ବ୍ୟକ୍ତିଙ୍କ ପ୍ରାଣହାନୀ ହୋଇଛି। ଏହାର ପ୍ରମୁଖ କାରଣ ମଦ୍ୟପ ଚାଳକ ଯୋଗୁଁ ଦୁର୍ଘଟଣା ବୃଦ୍ଧି ହୋଇଥିବା ସେ ଦର୍ଶାଇ ଥିଲେ। ଅନୁରୂପ ଭାବେ ସଭାରେ ଉଦବୋଧନ ଦେଇ ୟୁନିଟ୍ ମୁଖ୍ୟ ଶ୍ରୀ ମିଶ୍ର କହିଥିଲେ ଯେ, ମହାଭାରତରେ ସାରଥୀ ଶ୍ରୀ କୃଷ୍ଣ ଭଗବାନଙ୍କ ଭୂମିକାକୁ ସ୍ମରଣ କରିବା ସହ ଚାଳକମାନେ ମଧ ଅନୁରୂପ କାରଖାନାର ମେରୁଦଣ୍ଡ ବୋଲି ସେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଚଳକମାନେ କଞ୍ଚାମାଲ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ କରିବା ଫଳରେ ଅର୍ଥନୀତି ଗତିଶୀଳ ହେବା ସହିତ ଦେଶ ସମୃଦ୍ଧ କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ। ତେଣୁ ଚଳକଙ୍କ ସୁରକ୍ଷା ସର୍ବୋପରି।

ସଡ଼କ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଶ୍ରୀ ମିଶ୍ର ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ। ଏଫ୍ଏଚ୍ ଲଜିଷ୍ଟିକ ଶ୍ରୀ ପାଢ଼ୀ ଦ୍ରୁତ ବେଗରେ ଗାଡ଼ି ଚାଳନା, ମଦ୍ୟପାନ ନକରି ଗାଡିଚଳନା, ସିଟବେଲ୍ଟ ପିନ୍ଧି ଗାଡ଼ି ଚାଳନା ଇତ୍ୟାଦି ସମ୍ପର୍କିତ ନିୟମ ପ୍ରତି ଗୁରୁତ୍ୱ ଦେଇ ଗାଡ଼ି ଚାଳନା ପାଇଁ ସେ ଚଳକଙ୍କୁ ଅନୁରୋଧ କରିଥିଲେ। ପରବର୍ତୀ ପର୍ଯ୍ୟାୟରେ ଚଳକଙ୍କୁ ସଚେତନତା ନିମନ୍ତେ ଏକ ପାରମ୍ପାରିକ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିସହିତ ଅଡିଓ ଭିଜୁଆଲ ମାଧ୍ୟମରେ ଭିଡ଼ିଓ ପ୍ରଦର୍ଶନ କରାଯାଇ ଚାଳକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭାଗୀୟ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ମିରିନ୍ମୟ ମଣ୍ଡଳ, ବିଶ୍ୱଜିତ୍ ଜୱ୍ଦାର, ପିତାମ୍ବର ବେହେରା ଓ ଡା ରଞ୍ଜନ ଲେଙ୍କାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ସହ ସଂଶ୍ଳିଷ୍ଟ ଠିକାଦାର ସଂସ୍ଥାରେ ପ୍ରତେକ୍ଷ ଭାବେ ଜଡ଼ିତ ୩୦୦ରୁ ଊର୍ଦ୍ଧ୍ୱ ଚାଳକ ଯୋଗ ଦେବା ସହିତ ୨୦୦ରୁ ଊର୍ଦ୍ଧ୍ୱ ଉତ୍କଳ ଆଲୁମିନାର କର୍ମକର୍ତ୍ତା ଏବଂ ଲଜିଷ୍ଟିକ ବିଭାଗର ସମସ୍ତ କର୍ମଚାରୀଙ୍କ ପ୍ରତେକ୍ଷ ସହଭାଗିତାରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ରମୋହନ ପ୍ରଧାନଙ୍କ ଜୟନ୍ତୀ

# ‘ଶିକ୍ଷା ହିଁ ସମାଜର ପ୍ରତ୍ୟେକ ଶ୍ରେଣୀଙ୍କ ବିକାଶର ମାର୍ଗ’



ତାଳଚେର, (ପିପିଏସ୍): ଆଜି ଥିଲା ତାଳଚେର ଗଡଜାତ ଆନ୍ଦୋଳନ ପୁରୋଧା ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟ ପବିତ୍ର ପ୍ରଧାନଙ୍କ ୧୧୮ତମ ଜନ୍ମ ଜୟନ୍ତୀ ,ଏହି ସରକାରୀ କାର୍ଯ୍ୟ କ୍ରମରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗ ଦେଇଥିଲେ ତାଙ୍କ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ର ନାରାୟଣ ପାଣି, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରଭୃତି ମଞ୍ଚାସୀନ ଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ ନିଜ ଅଭିଭାଷଣରେ କହିଲେ ପାଲ ଲହଡ଼ା ବିକାଶ ପାଇଁ ପାଖାପାଖି ୧୭୦ କୋଟି ଟଙ୍କାର ପ୍ରୋଜେକ୍ଟ ଶିଳାନ୍ୟାସ ସହିତ ଲୋକାର୍ପଣ କରିଥିଲେ। ଖମାର ଠାରେ ୧୧ କୋଟି ଟଙ୍କାର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଶୁଭ ଉଦ୍ଘାଟନ କରିଥିଲେ। ଏହି ଶିକ୍ଷ ଓ ସେବା ପ୍ରଦାନ କରି ପ୍ରୋଜେକ୍ଟ କେବଳ ଏହି ଅଞ୍ଚଳ ବିକାଶ ସାଧିବାରେ ଫଳପ୍ରଦ ନହୋଇ ଅନୁଗୋଳ ଜିଲ୍ଲାରେ ସାମଗ୍ରିକ ବିକାଶ ସହାୟକ ହେବ। ଆଜି ଏହାହିଁ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଶିକ୍ଷାମନ୍ତ୍ରୀ ପୁଣି କହିଲେ ବର୍ତ୍ତମାନ ପାଠ୍ୟ ପୁସ୍ତକ ଓ ପରିକ୍ଷାଗରରେ ଅର୍ଟିଫିଶିଆଲ ଇଣ୍ଟେଲିଯେଣ୍ଟ ବା ଆଇ ପାଠ୍ୟକ୍ରମ ପ୍ରତି ଯୁବ ପୀଢ଼ିଙ୍କ ପ୍ରଥମ ପସନ୍ଦ ହୋଇଛି। ଶିକ୍ଷା ହିଁ ସମାଜର ପ୍ରତ୍ୟେକ ଶ୍ରେଣୀଙ୍କ ବିକାଶର ମାର୍ଗ। ଆଜି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାତୀୟ ଶିକ୍ଷା ନୀତିର ପ୍ରତିଫଳନ। ଛାତ୍ରଛାତ୍ରୀ ମାନେ ପାଠ ଅଧ୍ୟୟନ ସହ ଜଣେ ଜଣେ ସମ୍ପଦ ସୃଷ୍ଟିକର୍ତ୍ତା ହେବା ଆବଶ୍ୟକ ବୋଲି ଶ୍ରୀଯୁକ୍ତ ପ୍ରଧାନ ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟ କ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ କଣିହାଁ ଅଶୋକ ମହାନ୍ତି , ପରଜଙ୍ଗ ମାନ୍ୟବର ଏମ୍ ଏଲ ଏ ବିଭୂତି ପ୍ରଧାନ , ଅନୁଗୋଳ ଏମ୍ ଏଲ ଏ ପ୍ରତାପ ପ୍ରଧାନ ଉପସ୍ଥୁଟ ଥିଲେ।

ସମସ୍ତେ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶ ଓ ପ୍ରେରଣାରେ ଉଦବୁଦ୍ଧ ହୋଇ ଏହି ଅଂଚଳରେ ଶିକ୍ଷାର ବ୍ୟାପକ ବିକାଶ କରାଇବା ପାଇଁ ସେ ଆହ୍ୱାନ କରିଛନ୍ତି । ଉତ୍ସବ ଅବସରରେ ବିଦ୍ୟାଳୟର ବାର୍ଷିକ ସ୍ମରଣିକା ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା, ଯାହାକୁ ପ୍ରଶଂସା କରିଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ । ଏହି ପୁସ୍ତକ ପଢ଼ିବା ଦ୍ୱାରା ପିଲାଙ୍କ ମଧ୍ୟରେ ଦେଶପ୍ରେମ ଓ ବୌଦ୍ଧିକ ବିକାଶ ଘଟିବ ବୋଲି କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏଥିସହ ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ପବିତ୍ରନଗର ଠାରେ ଲୋକାର୍ପିତ ହୋଇଥିବା ’ପବିତ୍ର ମୋହନ ପ୍ରଧାନ ସ୍ମୃତିପୀଠ’ ପରିଦର୍ଶନ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

# ପୀତବାସ ହତ୍ୟା ମାମଲାରେ ଅସୁସ୍ଥ ବିକ୍ରମ ପଣ୍ଡା ଏମ୍‌କେସିଜିରେ ଚିକିତ୍ସିତ



ବ୍ରହ୍ମପୁର, (ପିପିଏସ୍): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଟକ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଅସୁସ୍ଥତା କାରଣରୁ ରବିବାର ଏମକେସିଜି ମେଡିକାଲ କଲେଜ ଓ ହସପିଟାଲରେ ଚିକିତ୍ସିତ ହୋଇଛନ୍ତି। ଛାତି ଓ ପେଟ ଯନ୍ତ୍ରଣା ସହ ଦାନ୍ତରେ ସମସ୍ୟା ରହିବାରୁ ତାଙ୍କୁ କଡା ପୁଲିସ ସୁରକ୍ଷାରେ ଜେଲରୁ ମେଡିକାଲକୁ ଆଣାଯାଇଥିଲା।

ମେଡିକାଲରେ ପ୍ରଥମେ ମେଡିସିନ ଓ ସର୍ଜରୀ ବିଭାଗରେ ପରୀକ୍ଷା କରାଯାଇ ପରେ ଦାନ୍ତ ଚିକିତ୍ସା ବିଭାଗକୁ ନିଆଯାଇଥିଲା। ଡାକ୍ତରଙ୍କ ପରାମର୍ଶରେ ଅଲ୍ଟ୍ରାସାଉଣ୍ଡ କରାଯାଇଥିବାବେଳେ ପେଟରେ ଟ୍ୟୁମର ସହ କିଛି ଅନ୍ୟାନ୍ୟ ସମସ୍ୟା ଥିବା ଜଣାପଡ଼ିଛି। ଏହି ସମୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିକ୍ରମ ପଣ୍ଡା କହିଛନ୍ତି, ‘ମୁଁ ନିର୍ଦୋଷ। ରାଜନୈତିକ ଉଦ୍ଦେଶ୍ୟରେ ମୋତେ ମିଛରେ ଏହି ମାମଲାରେ ଫସାଯାଇଛି। ନ୍ୟାୟ ବ୍ୟବସ୍ଥା ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ରହିଛି ଓ ମୁଁ ନିଶ୍ଚୟ ମୁକ୍ତ ହେବି।’ ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ଓ ବିଜେଡିକୁ ବଦନାମ କରିବା ପାଇଁ ଯୋଜନାବଦ୍ଧ ଭାବେ ଷଡଯନ୍ତ୍ର କରାଯାଇଛି। ପୁଲିସ ଆକଟ ଥିବାରୁ ସେ ଅଧିକ କଥା କହିପାରିନଥିଲେ। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୬ ତାରିଖରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ବିକ୍ରମ ପଣ୍ଡା ଓ ବ୍ରହ୍ମପୁରର ପୂର୍ବତନ ମେୟର ପିଣ୍ଟୁ ଦାଶ ସହ ମୋଟ ୧୬ ଜଣଙ୍କୁ ଗିରଫ କରିଛି।

## ସରୋଜିନୀ ତରାଇ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ବିଜେଡିରୁ ସସପେଣ୍ଡ

ଭୁବନେଶ୍ୱର : ବିଜୁ ଜନତା ଦଳ (ବିଜେଡି) ପୁରୀ ଜିଲ୍ଲାର ବ୍ରହ୍ମଗିରି ବିଧାନସଭା କ୍ଷେତ୍ର ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଅଧକ୍ଷା ସରୋଜିନୀ ତରାଇଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପରେ ଜଡିତ ଥିବା ଅଭିଯୋଗରେ ଦଳରୁ ତତ୍କାଳ ପ୍ରଭାବରେ ନିଲମ୍ବିତ କରିଛି।

୮ ଫେବୃଆରୀରେ ଜାରି ହୋଇଥିବା ଔପଚାରିକ କାର୍ଯ୍ୟାଳୟ ଆଦେଶ ଅନୁସାରେ, ତାଙ୍କର ଦଳ ବିରୋଧୀ ଆଚରଣକୁ ନେଇ ଏହି ଅନୁଶାସନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ନିଲମ୍ବନ ଆଦେଶ ବିଜେଡି ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ଦଳ ମୁଖ୍ୟାଳୟ ଦ୍ୱାରା ଜାରି କରାଯାଇଛି।

ଏହି ନିର୍ଦ୍ଦେଶରେ ବିଜୁ ଜନତା ଦଳର ଉପାଧକ୍ଷ (ମୁଖ୍ୟାଳୟ) ଶ୍ରୀ ପ୍ରତାପ ଜେନାଙ୍କ ସ୍ୱାକ୍ଷର ରହିଛି। ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି ଯେ ନିଲମ୍ବନ ତତ୍କାଳ ପ୍ରଭାବରେ କାର୍ଯ୍ୟକାରୀ ହେବ।

# ନିଖୋଜ ନାବିକ ସାର୍ଥକଙ୍କ ପରିବାରକୁ ଭେଟିଲା ଜିଲ୍ଲା ପ୍ରଶାସନ



ଭଦ୍ରକ, (ପିପିଏସ୍): ଗତ ୩ ତାରିଖରୁ ମରିସସରେ ଜାହାଜରୁ ନିଖୋଜ ହୋଇଥିବା ଭଦ୍ରକ ଜିଲା କେଶପୁର ଗୋପାଳବିନ୍ଧାର ମୂଳ ନିବାସୀ ସତ୍ୟଜିତ୍ ମହାପାତ୍ରଙ୍କ ପୁତ୍ର ସାର୍ଥକ ମହାପାତ୍ର ଖବର ପାଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ,ବିଭାଗୀୟ ଶ୍ରମ ଆୟୁକ୍ତ ସଚ୍ଚିଦାନନ୍ଦ ଜେନା ,ଜିଲ୍ଲା ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ ଭୁବନେଶ୍ୱର ସ୍ଥିତ ବାସଭବନରେ ତାଙ୍କ ପରିବାର କୁ ଭେଟି ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ନିୟମ ଅନୁଯାୟୀ ସମସ୍ତ ସହଯୋଗ ପ୍ରଦାନ କରିବାକୁ ଆଶ୍ୱାସନା ପ୍ରଦାନ କରାଯାଇଛି। ଏଥି ସହ ସଂପୃକ୍ତ ପରିବାର କୁ ସମବେଦନା ପ୍ରଦାନ ସହ ପ୍ରଭୁଙ୍କ ନିକଟରେ ତାଙ୍କର ଏକ ମାତ୍ର ପୁଅ ସକୁଶଳ ଫେରି ଆସିବା କୁ ପ୍ରାର୍ଥନା କରିଥିଲେ । ଏବଂ ଏଥି ସହ ଭଦ୍ରକ ଜିଲାପାଳ ଦିଲୀପ ରାଉତରାୟଙ୍କ ବାର୍ତା ପ୍ରଦନ କରିଥିଲେ।

ଭେଟିଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ: ମର୍ଚାଂଟ ନେଭି କ୍ୟାଡେଟ୍ ସାର୍ଥକ ମହାପାତ୍ରଙ୍କ ନିଖୋଜ ଖବର ହୃଦୟକୁ ମର୍ମାହତ କରିଥିବାବେଳେ ଭଦ୍ରକ ବ୍ଲକ ବେନ୍ତାଳ ଗ୍ରାମ ପଂଚାୟତର କେଶପୁର ଗ୍ରାମରେ ପରିବାର ସହ ଭେଟି ସାନ୍ତ୍ୱନା ଓ ଆଶ୍ୱାସନା ଦେଇଛନ୍ତି ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ। ପରିବାରର ବେଦନାକୁ ନିଜର ବେଦନା ଭାବି ଘଟଣାକୁ ଗୁରୁତର ସହ ନେଇ ଉଚ୍ଚ ସ୍ତରରେ ଆଲୋଚନା କରି ସଠିକ୍ ସୂଚନା ଓ ଆବଶ୍ୟକ ପଦକ୍ଷେପ ନିଶ୍ଚିତ କରାଯିବ। ଏହା କେବଳ ଗୋଟିଏ ପରିବାରର ଦୁଃଖ ନୁହେ, ସମଗ୍ର ସମାଜର ଦୁଃଖ। ଆମ ସମସ୍ତଙ୍କ ପ୍ରାର୍ଥନା ସାର୍ଥକ ସୁରକ୍ଷିତ ଭାବେ ଘରକୁ ଫେରି ଆସନ୍ତୁ ବୋଲି କହିଛନ୍ତି ଶ୍ରୀ ସାମଲ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କି ହବିବ, ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ସରପଂଚ ଫରହାତ ଆଲମ ଖାନ, ପାରିଷଦ ପ୍ରଭାତ ମାଝୀ, ଯୁବନେତା ବିକାଶ ଶ୍ରେଷ୍ଠା, ନାସିରୁଦ୍ଦିନ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା
ଜାତୀୟ କୃମିନାଶକ ଦିବସ
୧୦ ଫେବୃଆରୀ ୨୦୨୬
କୃମି ମୁକ୍ତ ଶିଶୁ ହେଉଛନ୍ତି
ରୋଗ ମୁକ୍ତ ଶିଶୁ





ଆପଣ ଜାଣନ୍ତି କି ଯେଉଁମାନେ କୃମି ଦ୍ୱାରା ସଂକ୍ରମିତ ହୋଇଥାନ୍ତି, ସେମାନେ
• ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ସର୍ବଦା କ୍ଳାନ୍ତ ଅନୁଭବ କରନ୍ତି।
• ତାଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ବାଧାପ୍ରାପ୍ତ ହୁଏ।
କୃମି ନିୟନ୍ତ୍ରଣର ଉପାୟ ଅତି ସହଜ



OIPR-10001/10003/2/25-26/0015

୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ତଥା ପିଲାମାନଙ୍କୁ ଅଙ୍ଗନୱାଡ଼ି ଓ ବିଦ୍ୟାଳୟରେ ବିନାମୂଲ୍ୟରେ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ଅଣପଞ୍ଜୀକୃତ ଓ ବିଦ୍ୟାଳୟ ଯାଉନଥିବା ପିଲାମାନେ ଏବଂ ପ୍ରଜନନକ୍ଷମ ମହିଳାମାନେ (୨୦ରୁ ୨୪ ବର୍ଷ ବୟସ) ଅଙ୍ଗନୱାଡ଼ି କେନ୍ଦ୍ରରେ ଔଷଧ ଖାଇବେ।
ଏହି ଦିନ ଗର୍ଭବତୀ ଓ ପ୍ରସୂତି ମହିଳା କୃମିନାଶକ ଔଷଧ ଖାଇବେ ନାହିଁ।
ଯେଉଁ ପିଲାମାନେ ଜାତୀୟ କୃମିନାଶକ ଦିବସରେ ଔଷଧ ଖାଇନଥିବେ, ସେମାନଙ୍କୁ ୧୭ ଫେବୃଆରୀ ୨୦୨୬ ଦିନ ଔଷଧ ଦିଆଯିବ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

# ରଷିକୁଲ୍ୟା ନଦୀର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ

ବ୍ରହ୍ମପୁର, (ପିପିଏସ୍): ଗଞ୍ଜାମର ଜୀବନରେଖା ଭାବେ ପରିଚିତ ରଷିକୂଲ୍ୟା ନଦୀର ଉପର ମୁଣ୍ଡରେ ସୋରଡ଼ା ବ୍ଲକର ପିପଲପଙ୍କା ଠାରେ ଏକ ଜଳଭଣ୍ଡାର ନିର୍ମାଣ କରିବାକୁ ବର୍ତ୍ତମାନର ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ନଦୀବନ୍ଧ ଜରିଆରେ ରଷିକୂଲ୍ୟାର ପାଣିକୁ ଶହେ କି.ମି ଲମ୍ବା ପାଇପ୍ ଲାଇନ୍ ଯୋଗେ ନିଆଯାଇ ଛତ୍ରପୁର ଓ ଗୋପାଳପୁର ଶିଳ୍ପ କରିଡ଼ରରେ ଥିବା ଶିଳ୍ପମାନଙ୍କୁ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଉପର ମୁଣ୍ଡରୁ ପାଣିକୁ କମ୍ପାନୀମାନଙ୍କ ପାଇଁ ନେଇଗଲେ ରଷିକୂଲ୍ୟା ନଦୀ ଜଳଶୂନ୍ୟ ହୋଇଯିବ ଏବଂ ତା' ଉପରେ ନିର୍ଭରଶୀଳ ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କ ଚାଷ ଓ ପିଇବା ପାଣି ପ୍ରଭାବିତ ହେବ ବୋଲି ଆଜି ରଷିକୂଲ୍ୟା ନଦୀ ସୁରକ୍ଷା କନ୍‌ଭେନସନ୍‌ରେ ମତ ପ୍ରକାଶ ପାଇଛି।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଳବାୟୁ ସଙ୍କଟ ଓ ନଦୀଶଯ୍ୟାରୁ ବ୍ୟାପକ ବାଲିଖନନ ଫଳରେ ବର୍ତ୍ତମାନ ରଷିକୂଲ୍ୟା ନଦୀ ଏକ ଶୁଷ୍କ ନଦୀରେ ପରିଣତ ହୋଇଛି। ବର୍ଷାଦିନର ତିନି ଚାରି ମାସକୁ ଛାଡ଼ିଲେ ବର୍ଷର ଅଧିକାଂଶ ସମୟ ନଦୀରେ କୌଣସି ପାଣି ରହୁନି। ଏପରି ସ୍ଥଳେ ଉପରମୁଣ୍ଡରୁ ନଦୀର ପାଣି ନେଇ କମ୍ପାନୀଙ୍କୁ ଦେଇଦେଲେ ନଦୀ ଉପରେ ଚାଷ ଓ ପିଇବା ପାଣି ପାଇଁ ନିର୍ଭରଶୀଳ ଜିଲ୍ଲାର ଲକ୍ଷ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହେବେ। ନଦୀର ପାଣି ଶୁଖିଗଲେ ଦୁଇ ପାଶ୍ୱର୍ରେ ଥିବା ଶତାଧିକ ଗ୍ରାମର ଭୂତଳ ଜଳ ହ୍ରାସ ପାଇ ଗ୍ରାମବାସୀଙ୍କ ପାଇଁ ସଙ୍କଟ ସୃଷ୍ଟି ହେବ। ଏହାସହ ନଦୀର ପାଣି ଉପରେ ନିର୍ଭର କରୁଥିବା ବ୍ରହ୍ମପୁର, ଆସିକା, ପୁରୁଷୋତ୍ତମପୁର, ଛତ୍ରପୁର, ଗଞ୍ଜାମ, ଗୋପାଳପୁର ଆଦି ସହରର ଲକ୍ଷାଧିକ ବାସିନ୍ଦାଙ୍କ ପିଇବା ପାଣି ବ୍ୟବସ୍ଥା ପ୍ରଭାବିତ ହେବ। ପୁନଶ୍ଚ ନଦୀର ପାଣି କମିଗଲେ ନଦୀ ମୁହାଣ ଦେଇ ସମୁଦ୍ରର ଲୁଣି ପାଣି ବହୁତ ଭିତରକୁ ଆସିବା ଫଳରେ ଲୋକଙ୍କ ଚାଷ ଓ ପିଇବା ପାଣି କ୍ଷତିଗ୍ରସ୍ତ ହେବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଜୀବନରେଖା ରୂପେ ପରିଚିତ ରଷିକୂଲ୍ୟାର ସୁରକ୍ଷା ପାଇଁ ଲଗାତାର ଅଭିଯାନ ଚଳାଇ ଆସିଥିବା ରଷିକୂଲ୍ୟା ନଦୀ ସୁରକ୍ଷା କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଆଜି ସ୍ଥାନୀୟ ଏନ୍‌ଜିଓ ହଲ୍ ଠାରେ ଜିଲ୍ଲାର ସବୁ ରାଜନୈତିକ ଦଳର ନେତା ଓ ଲୋକ ପ୍ରତିନିଧିମାନଙ୍କୁ ଡ଼ାକି ଏକ ରାଉଣ୍ଡ ଟେବୁଲ କନ୍‌ଭେନସନ୍ ଅନୁଷ୍ଠିତ ହୋଇଥିଲା। କମିଟିର ଆବାହକ ସୁଧୀର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କନ୍‌ଭେନସନ୍‌ରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, କମିଟିର ସଂଯୋଜକ ଭାଲଚନ୍ଦ୍ର ଷଡ଼ଙ୍ଗୀ ରଷିକୂଲ୍ୟା ନଦୀର ବର୍ତ୍ତମାନର ସ୍ଥିତି ଏବଂ ଅବାଧ ବାଲି ଖନନ ଓ ପ୍ରସ୍ତାବିତ ପିପଲପଙ୍କା ଡ୍ୟାମ୍ ଦ୍ୱାରା କିଭଳି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି, ତା'ର ଉପସ୍ଥାପନା କରିଥିଲେ। କମ୍ପାନୀଙ୍କ ସ୍ୱାର୍ଥରେ ସରକାର ଯେଉଁ ନଦୀବନ୍ଧ କରିବାକୁ ଯାଉଛନ୍ତି ତା'ରି ଫଳରେ ଆଗାମୀ ଦିନରେ ଜିଲ୍ଲାର କୃଷି, କୃଷକ, ମତ୍ସ୍ୟଜିବୀ ଓ ରଷିକୂଲ୍ୟାର ପାନୀୟ ଜଳ ଉପରେ ନିର୍ଭରଶୀଳ ସାଧାରଣ ଜନତା ସଙ୍କଟରେ ପଡ଼ିବେ ବୋଲି କହିଥିଲେ। ଦଳମତ ନିର୍ବିଶେଷଲବ୍ଦ୍ଧେ ରାଜନୈତିକ ନେତା, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ସଚେତନ ନାଗରିକ ସମସ୍ତେ ରଷିକୂଲ୍ୟା ନଦୀର ସୁରକ୍ଷା ପାଇଁ ଆଗେଇ ଆସିବାକୁ ନିବେଦନ କରିଥିଲେ।

କନ୍‌ଭେନସନ୍‌ରେ ଯୋଗଦେଇ ପୂର୍ବତନ ବିଧାୟକ ତଥା ବିଜେଡ଼ି ନେତା ଡ଼ାଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଗଞ୍ଜାମ ବାସୀଙ୍କ ସ୍ୱାର୍ଥରେ ରଷିକୂଲ୍ୟା ସୁରକ୍ଷା ଅଭିଯାନକୁ ସମର୍ଥନ କରିଥିଲେ ଏବଂ ଦଳମତ ନିର୍ବିଶେଷରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ଥିତି ସମ୍ପର୍କରେ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। କଂଗ୍ରେସର ଗଞ୍ଜାମ ପୂର୍ବ କମିଟି ସଭାପତି ରଶ୍ମୀ ରଂଜନ ପଟ୍ଟନାୟକ ନିଜର ବକ୍ତବ୍ୟ ରଖି ରଷିକୂଲ୍ୟା ନଦୀ ଓ ତା' ଉପରେ ନିର୍ଭରଶୀଳ ଗଞ୍ଜାମବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ପିପଲପଙ୍କାରେ ଡ୍ୟାମ୍ ନିର୍ମାଣକୁ ବିରୋଧ କରିଥିଲେ ଏବଂ ନଦୀ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରିଥିଲେ। ସିପିଏମ୍‌ର ଜିଲ୍ଲା ସମ୍ପାଦକ ଯୁଦ୍ଧିଷ୍ଠିର ବେହେରା ନିଜର ବକ୍ତବ୍ୟ ରଖି ରଷିକୂଲ୍ୟା ନଦୀର ପାଣିକୁ କମ୍ପାନୀମାନଙ୍କୁ ଦେବାକୁ ତଥା ଅବାଧ ବାଲି ଖନନକୁ ବିରୋଧ କରିଥିଲେ। ସିପିଆଇ ନେତା ତଥା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ରଷିକୂଲ୍ୟା ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ ଆଦମୀ ପାର୍ଟିର ଜିଲ୍ଲା ସମ୍ପାଦକ ଆଦିତ୍ୟ ରଥ, ସିପିଆଇ (ଏମ୍‌ଏଲ୍) ରେଡ୍‌ଷ୍ଟାରର ଜିଲ୍ଲା ସମ୍ପାଦକ ଶଙ୍କର ଇନ୍ କିଲାବ୍, ସିପିଆଇ (ଏମ୍‌ଏଲ୍) ନିଉ ଡ଼େମୋକ୍ରାସୀର ଜିଲ୍ଲା ସମ୍ପାଦକ ପ୍ରତାପ ନାୟକ, ଏସ୍‌ୟୁସିଆଇ(ସି)ର ଜିଲ୍ଲା ସମ୍ପାଦକ ସୋମନାଥ ବେହେରା, ରଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ, ଗଞ୍ଜାମ ବ୍ଲକ୍‌ର ମତ୍ସ୍ୟଜୀବି ନେତା ମାଗତା ବେହେରା, ପିପଲପଙ୍କା ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ପକ୍ଷର କାଳୀଚରଣ ନାୟକ, ଗଞ୍ଜାମ ଜିଲ୍ଲା ବିକାଶ ମଂଚ ପକ୍ଷରୁ ରାଜେନ୍ଦ୍ର ପଣ୍ଡା, ଗଗନ ଚନ୍ଦ୍ର ମଲିକ, ଲେଖିକା ଡ଼ଃ ବିଧୁପ୍ରଭା ରଥ, କୃଷକ ନେତା ବୃନ୍ଦାବନ ଖଟେଇ, ଶିକ୍ଷାବିତ୍ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ସାମ୍ବାଦିକ ରବି ରଥ ପ୍ରମୁଖ ରଷିକୂଲ୍ୟା ନଦୀ ଓ ଗଞ୍ଜାମବାସୀଙ୍କ ସ୍ୱାର୍ଥରେ ପ୍ରସ୍ତାବିତ ପିପଲପଙ୍କା ଜଳଭଣ୍ଡାର ଓ ଅବାଧ ବାଲି ଖନନକୁ ବିରୋଧ କରିଥିଲେ। ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା ମଧ୍ୟ ନିଜର ବକ୍ତବ୍ୟରେ ରଷିକୂଲ୍ୟା ନଦୀର ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡ଼ି ନେତା ସୁବାଷ ମହାରଣା, ଆପ୍ ନେତା ସୁବାଷ ରାଉତ, ଶ୍ରମିକ ନେତା ପି.ପାର୍ବତୀ, ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ଅଧ୍ୟାପକ ଲୋକନାଥ ପରିଡ଼ା, ସଞ୍ଜୀବ ରେଡ୍ଡୀ, କିଶୋର ସ୍ୱାଇଁ, ଲକ୍ଷ୍ମୀ ନୃସିଂହ ରଥ, ଶ୍ରମିକ ନେତା ଅଳକନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କମିଟିର ସଦସ୍ୟ ଅଶୋକ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର : ଏମ୍‌ଏସ୍‌ଏମ୍‌ଇଗୁଡିକ ଭାରତୀୟ ଅର୍ଥନୀତିର ପ୍ରମୁଖ ମେରୁଦଣ୍ଡ, ଯାହା ନିଯୁକ୍ତି, ନବସୃଜନ ଓ ରୋଜଗାର ସୃଷ୍ଟି ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଅନ୍ତି। ସେମାନଙ୍କ ନିରନ୍ତର ଅଭିବୃଦ୍ଧି ଏବଂ ପ୍ରତିଯୋଗିତାମୂଳକତାକୁ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ଓ ବିଭିନ୍ନ ଆର୍ଥିକ ସଂସ୍ଥାଗୁଡିକ ପକ୍ଷରୁ ବିଭିନ୍ନ ପ୍ରକାରର ଯୋଜନା ଆରମ୍ଭ କରାଯାଇଛି। ଏହି କ୍ରମରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡ଼ିକୁ ସମୟୋପଚିତ ଋଣ, ଆର୍ଥିକ ସହାୟତା ଓ କ୍ଷେତ୍ର ଉପଯୋଗୀ ସମାଧାନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ସହ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ସିଡିଏସ୍ଥିତ ଜନଶିକ୍ଷଣ ସଂସ୍ଥାଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ନିର୍ଦ୍ଦେଶକ ପି.କେ ଗୁପ୍ତା, କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଡି ଏସ୍ ରାଠୋର, ଡିଆଇସି ଉପ-ମହାପ୍ରବନ୍ଧକ ମନୋଜ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାରଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୧୦୩ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ସେଣ୍ଟ୍ରାଲ୍ ବ୍ୟାଙ୍କ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସଶକ୍ତ କରିବା ସହ ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ସୁଧାର ଆଣିବାରେ ନିଜର ଦୃଢ଼ ପ୍ରତିବଦ୍ଧତାକୁ ବଜାୟ ରଖିଛି।



# ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବାଲେଶ୍ୱର ୪-୨ ଗୋଲରେ ଚାମ୍ପିଅନ୍



ଗୋପ (ପିପିଏସ ): ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟ ସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୮ ଦିନ ଧରି ଚାଲିଥିବା ଆଜିର ଉଦ୍‌ଯାପିତ ଫାଇନାଲ ମ୍ୟାଚରେ ମିଶନ ଟାଇଗର ବାଲେଶ୍ୱର ସହିତ ବଜରଙ୍ଗୀ ଫୁଟୁବଲ କ୍ଲବ୍, ଘାଟିଖିଆ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଛି। ଆଜିର ମ୍ୟାଚ୍ ରେ ମିଶନ ଟାଇଗର ବାଲେଶ୍ୱର ୪-୨ ଗୋଲରେ ବଜରଙ୍ଗୀ ଫୁଟୁବଲ କ୍ଲବ୍ ଘାଟିଖିଆ, ଭୁବନେଶ୍ୱର ହରାଇ ଚାମ୍ପିଅନ ହୋଇଛନ୍ତି। ଖେଳକୁ ପରିଚାଳନା କରିଥିଲେ ରାଜୁ ମହାନ୍ତି, ସେଖ୍‌ଓ୍ୱାତ ଖାନ୍, ପ୍ରଫୁଲ୍ଲ ବେହେରା, ଶୁଶାନ୍ତ ରାଉତରାୟ। ଏହି ଅବସରରେ ଅତିଥି ରୁପେ ଆଥ୍‌ଲେଟିକ ଆସୋସିଏଶନର ସଭାପତି ସମୀର ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଓଡ଼ିଶାର ଫୁଟୁବଲଟିମ୍‌ର କୋଚ୍ ଅକ୍ଷୟ କୁମାର ଦାଶ ମୁଖ୍ୟ ଅତିଥି ରୁପେ, ବରିଷ୍ଠ ଶିକ୍ଷାବିତ ଜଗତା ପ୍ରସାଦ ସାବୁତ, ଶିଳ୍ପପତି ସୁରେନ୍ଦ୍ର ବେହେରା,ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ପ୍ରମୁଖ ଅତିଥି ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ମ୍ୟାନଅଫ୍ ଦି ମ୍ୟାଚ ମନୋଜ କୁମାର ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ମ୍ୟାନ ଅଫ୍ ଦି ସିରିଜି ଚୁନୁ ମହାନ୍ତଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ୪୦ହଜାର ଟଙ୍କା ଓ ଟ୍ରଫି ଏବଂ ରନରଅପ୍ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ୍ତ ଖଟୋଇ, ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ, କାର୍ଯ୍ୟକାରୀ ସଭାପତି ଧୀରେନ ବରାଳ, ଫୁଟ୍‌ବଲ ସମ୍ପାଦକ ପ୍ରକାଶ ବରାଳ, ଫୁଟ୍‌ବଲ୍ ଖେଳର ପରିଚାଳକ ବିଶ୍ୱଜିତ ମଲ୍ଲିକ,ତାପସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବାସୁଦେବପୁର ଲୋକକଳା ମହୋତ୍ସବରେ ସୁବାସ ମଲ୍ଲିକ ସମ୍ବର୍ଦ୍ଧିତ



ଧାମନଗର (ପିପିଏସ) ଫୁଲର ମହକ ଚର୍ତୁଦ୍ଦିଗକୁ ମହକିଲାଭଳି ପ୍ରତିଭାର ପରିଚୟ ସବୁ ସ୍ଥାନକୁ ବ୍ୟାପିଥାଏ। ଜଣେ ପ୍ରତିଭାଙ୍କୁ ସମାଜର ଉନ୍ନତିରେ ସମର୍ପିତ ତାଙ୍କ ଅନବଦ୍ୟ କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନ ପ୍ରଦାନ କରାଯାଇଥାଏ। ଏହି ସମ୍ମାନ ତାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଥାଏ। ସେହିଭଳି ଜଣେ ଅନନ୍ୟ ପ୍ରତିଭା ତଥା ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରାପ୍ତ ଗୁରୁ ଅଟନ୍ତି ସୁବାସ ଚନ୍ଦ୍ର ମଲ୍ଲିକ। କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମିତ୍ତ ତାଙ୍କୁ ବାସୁଦେବପୁରର ପ୍ରସନ୍ନ ବାସୁଦେବ ପାଲାମଣ୍ଡଳର ୧୦ ମ ବାର୍ଷିକ ପାଲା ଓ ଲୋକକଳା ମହୋତ୍ସବ-୨୦୨୬ ଅବସରରେ ସଶ୍ରଦ୍ଧ ସମ୍ବର୍ଦ୍ଧିତ କରାଯାଇଛି। ଗତ ୭ ତାରିଖ ଶନିବାର ଅପରାହ୍ନରେ ଅନୁଷ୍ଠାନର ସ୍ଥାୟୀ ସଭାପତି ବର୍ଷୀୟାନ୍ ପାଲା ଗାୟକ ସନାତନ ପୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଧାମନଗରର ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସଂସ୍କୃତି ଗବେଷକ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ସମ୍ମାନିତ ଅତିଥି ପ୍ରସନ୍ନ ବାସୁଦେବଙ୍କର ଆଦ୍ୟସେବକ ଚୌଧୁରୀ ସତ୍ୟନାରାୟଣ ରାୟ,ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ପ୍ରସନ୍ନ କୁମାର ନାୟକ, ବରିଷ୍ଠ ଗାୟକ କପିଳ ନାଥ ଶର୍ମା, ଅମୂଲ୍ୟ ରତ୍ନ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମଲ୍ଲିକଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।ଧାମନଗର ବ୍ଲକ ଅଧିନ ବୟାଙ୍ଗଡିହି ପଞ୍ଚାୟତ କମାରବନ୍ଧ ଗ୍ରାମର ବାସିନ୍ଦା ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀମଲ୍ଲିକ ନିଜ ଅସାଧାରଣ କୀର୍ତ୍ତି ପାଇଁ ଧାମନଗରର ଗୌରବ ବୃଦ୍ଧି କରିଛନ୍ତି ବୋଲି ମଞ୍ଚାସୀନ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ତିନିଶହରୁ ଉର୍ଦ୍ଧ୍ୱ ପାଲା,ଘୋଡାନାଚ, ଲଉଡ଼ି, ସଖୀନାଚ, ରଙ୍ଗଢୋଲ, ସମରକଳା ଓ କେନ୍ଦରା ପ୍ରଭୃତି ଲୋକକଳାର କଳାକାର ମାନେ ସେମାନଙ୍କ ପାରମ୍ପରିକ ପୋଷାକ ପରିଧାନକ ପୂର୍ବକ ସହର ପରିକ୍ରମା କରି ଏକ ବିରାଟ ପଟୁଆରରେ ସଭାସ୍ଥଳକୁ ଆସିଥିଲେ।ସଭା ପୂର୍ବରୁ ଓ ପରେ ଦଳ ମାନଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସଙ୍ଗେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମୟୁରଭଞ୍ଜର ଛଉ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

# ପଣ୍ଡିତ ସତ୍ୟବାଦୀ ମିଶ୍ରଙ୍କ 'ଶ୍ରୀମଦ ଭଗବତ ଗୀତା ଉନ୍ମୋଚିତ'



ବ୍ରହ୍ମପୁର, (ପିପିଏସ) : ବିଶିଷ୍ଟ ସଂସ୍କୃତ ପଣ୍ଡିତ ସ୍ୱର୍ଗତ ସତ୍ୟବାଦୀ ମିଶ୍ରଙ୍କ ରଚିତ' ଅନ୍ୱୟ ସହ ଶ୍ରୀମଦ ଭାଗବତ ଗୀତା ' ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ବାବାଜୀ ତୋଟା ସାହି ସ୍ଥିତ ଏକ ଘରୋଇ ହୋଟେଲ (ହୋଟେଲ ଜେ. ବି. ପ୍ରାଙ୍ଗଣ) ଠାରେ ବ୍ରହ୍ମପୁର ସାହିତ୍ୟ ପରିଷଦ ତରଫରୁ ଆୟୋଜିତ ଏହି ' ପୁସ୍ତକ ଉନ୍ମୋଚନ ପର୍ବ ଓ ସାହିତ୍ୟ ସଭା ' କାର୍ଯ୍ୟକ୍ରମକୁ ଶିଶୁ ଗୌରବ ନିରଞ୍ଜନ ତ୍ରିପାଠୀ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଇଂ ଯାମିନୀ କାନ୍ତ ଦାସ ଯୋଗ ଦେଇ ଭଗବତ ଗୀତା ମାନବ ସମାଜକୁ ଆଧାତ୍ମିକ ବାର୍ତ୍ତା ପ୍ରଦାନ ସହ ସମାଜକୁ ସତମାର୍ଗ ପ୍ରଦାନ କରିଥାଏ ବୋଲି ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ସାହିତ୍ୟ ଗବେଷକ ଅନନ୍ତରାମ କର କୌଣ୍ଡନ୍ୟ ଯୋଗଦେଇ ଭାଗବତ ଗୀତା ମଣିଷ ସମାଜକୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ। ଏହି ଅବସରରେ ଇଂ କିରଣ କାନ୍ତ ମିଶ୍ର, ମହନ୍ତ ହରି ହାର ଦାସ ମହାରାଜ, ପ୍ରଫେସର ବନ୍ଦିତା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଂଚାସୀନ ଥିଲେ। ବିଶିଷ୍ଟ କବି ସୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ କୁମୁଦିନୀ ମିଶ୍ରଙ୍କୁ ପ୍ରଥମ ସତ୍ୟବାଦୀ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଥମ ଅଧିବେଶନରେ ଏକ ମନୋଜ୍ଞ କବିତା ଆସର କବି ପ୍ରଫୁଲ୍ଲ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବି ସତ୍ୟମ ଅଚାରୀ ସମ୍ପାଦକୀୟ ପାଠ କରିଥିଲେ। ବରିଷ୍ଠ ଆଇନଜ୍ଞୀ ବିଜୟ ମିଶ୍ର ମୁଖ୍ୟ ଅତିଥି ଓ ସଂଯୁକ୍ତା କୁମାରୀ ହୋତା ସମ୍ମାନିତ ଅତିଥି ଭାବେ ମଂଚାସୀନ ଥିବାବେଳେ କବି ଶ୍ରୀମାନ ରାଜେଶ କୁମାର ପତ୍ର ଓ କବି ରୁଦ୍ର ନାରାୟଣ ନାୟକଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବି ପ୍ରମୋଦ କୁମାର ପଣ୍ଡା,ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ବିଜୟ ପ୍ରଧାନ,କବି ଅମିତା ମିଶ୍ର, ଗଙ୍ଗାଧର ମହାକୁଡ଼,କବି ବିଜୟ ମହାରଣା, ଡ଼ ସନ୍ତୋଷ ଦାଶ, ସୌଦାମିନୀ ମିଶ୍ର, ସ୍ୱର୍ଣ୍ଣମୟୀ ପାଢ଼ୀ, ସୁଜାତା ଶତପଥୀ, ମଧୁସ୍ମିତା ସାହୁ, ତାପସ ପାଣିଗ୍ରାହୀ, ଜୋଛନା ରାଣୀ ଦେବୀ, ପଦ୍ମିନୀ ମିଶ୍ରଙ୍କ ସହ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। କବି ସ୍ମିତ ପ୍ରଜ୍ଞା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱେଚ୍ଛାସେବୀ ସଂଗଠନ 'କାହ୍ନା' ଆୟୋଜିତ କରୁଛି ସାମୂହିକ ବିବାହଉତ୍ସବ




ବ୍ରହ୍ମପୁର, (ପିପିଏସ୍) : ବ୍ରହ୍ମପୁର ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ କାହ୍ନା ଚାରିଟେବୁଲ ଟ୍ରଷ୍ଟ ତରଫରୁ ୨୦/୦୨/୨୦୨୬ ତାରିଖରେ ସାମୂହିକ ବିବାହ ଉତ୍ସବ ଗୀତ ଭବନ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଆଜି ଷ୍ଟେସନ୍ ରୋଡ ସର୍କିଟ ହାଉସଠାରେ ଟ୍ରଷ୍ଟ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ସଭାନେତ୍ରୀ ରଞ୍ଜନା ମିଶ୍ର, ରବୀନ୍ଦ୍ର ନାଥ ମିଶ୍ର, ତରୁଣ କୁମାର ପାଢ଼ୀ ଏବଂ ସୁସ୍ମିତା ଶର୍ମା ଆଜିର ଏହି ସମ୍ମିଳନୀର ଉଦ୍ଦେଶ୍ୟ ଓ ଟ୍ରଷ୍ଟର ଲକ୍ଷ୍ୟ ବିଷୟରେ ଆଲୋଚନା କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବ୍ରହ୍ମପୁର ସହରର ବହୁ ବରିଷ୍ଠ ସାମ୍ବାଦିକ ଗଣ ମାଧ୍ୟମ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଆମ ସମାଜରେ ପ୍ରଚଳିତ କୁସଂସ୍କାର ଯୌତୁକ ପ୍ରଥା ଏବଂ ବାଲ୍ୟ ବିବାହ ପ୍ରଥା ଦୂର କରିବା ଏବଂ ବାହାଘର ଯେଉଁ ପରିବାରର ଝିଅ ଓ ପୁଅମାନଙ୍କ ପାଇଁ ସ୍ୱପ୍ନ, ସେମାନଙ୍କ ମୁହଁରେ ହସ ଫୁଟାଇ ଏକ ନୂତନ ବୈବାହିକ ଜୀବନ ଆରମ୍ଭ କରିବା ପାଇଁ ପ୍ରେରଣା ଦେବା ଏହି ସାମୂହିକ ବିବାହ ଉତ୍ସବ ଆହୋଜନ ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଟ୍ରଷ୍ଟ ସଭାନେତ୍ରୀ ରଞ୍ଜନା ମିଶ୍ର ପ୍ରକାଶ କରିଛନ୍ତି। ବନ୍ଧୁତା ଓ ସେବା ମନୋବୃତି ନେଇ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଅଧିକ ତ୍ୱରାନ୍ୱିତ କରାଯିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରକାଶ କରାଯାଇଛି। ଶ୍ରୀମତୀ ରଞ୍ଜନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଟ୍ରଷ୍ଟ ସଦସ୍ୟ ସଦସ୍ୟା ଯଥା ମୁରଲୀ ମୋହନା ଆଚାର୍ଯ୍ୟ, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ଇନ୍ଦିରା ପଟ୍ଟନାୟକ, ପ୍ରସର୍ଣ୍ଣ ମହାପାତ୍ର, ଅଞ୍ଜଳି ମହାନ୍ତି, ଜିତେନ୍ଦ୍ର ନାହାକ, ପ୍ରଦୀପ ସେଠୀ, ସନ୍ତୋଷ ପଣ୍ଡା, ରୋନାଲି ପାଣିଗ୍ରାହୀ, ରିତାଞ୍ଜଳି ସ୍ୱାଇଁ, ରାଗିଣୀ ସାହା, ସଂଯୁକ୍ତା ତ୍ରିପାଠୀ, ଅନିମା ମିଶ୍ର, ବିନୋଦ ମିଶ୍ର, ସନ୍ତୋଷ ପାଣିଗ୍ରାହୀ, ଭେଙ୍କଟ ରମଣ ସୁବୁଦ୍ଧି, ବିଶ୍ୱନାଥ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ। ସାମ୍ବାଦିକ ବନ୍ଧୁ ମାନେ ନିଜ ନିଜର ମତ ପ୍ରକାଶ କରିବା ସହ ଟ୍ରଷ୍ଟ ର ସେବା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ପରିଶେଷରେ ଟ୍ରଷ୍ଟ ତରଫରୁ ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କ ସହଯୋଗ କାମନା କରିବା ସହ ସେମାନଙ୍କ ଉପସ୍ଥିତି ପାଇଁ ଟ୍ରଷ୍ଟ ତରଫରୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା।

# ଦୁର୍ଗାମାଧବ ମନ୍ଦିରରେ ପହଞ୍ଚିଲେ ପ୍ରାଚୀ ପରିକ୍ରମା ଯାତ୍ରୀ



ଚାରିଛକ, (ପିପିଏସ): ଶନିବାର ଠାରୁ ଆରମ୍ଭ ହୋଇଛି ପଞ୍ଚଦଶ ବାର୍ଷିକ ପ୍ରାଚୀ ନଦୀ ପରିକ୍ରମା ମହୋତ୍ସବ। ଅନ୍ତଃରାଷ୍ଟ୍ରୀୟ କ୍ରିୟା ଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ପ୍ରାଚୀଗୁରୁ ଧର୍ମକ୍ଷେତ୍ରର ମହନ୍ତ ବାବାଜୀ ଦାମୋଦର ଦାସ, ବାବାଜୀ ରାମ ଦାସ, ସ୍ୱାମୀ ଆଖଣ୍ଡକ୍ଷନନ୍ଦଜୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ନ୍ୟାୟବ୍ରତ ରାଉତ, ହଂସନାଥ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସାଧୁ ସନ୍ଥ, ପ୍ରାଚୀ ପ୍ରେମୀ ପୁରାଣ ବର୍ଣ୍ଣିତ ପ୍ରାଚୀ ଉପତ୍ୟକାର ଅନ୍ଧକପିଳେଶ୍ୱର ଶମ୍ଭୁଙ୍କ ନିକଟରୁ ପୂଜାର୍ଚ୍ଚନା କରି ଅଖଣ୍ଡ ଦୀପ ସ୍ଥାପନ କରି ସାତ ଦିନ ପାଇଁ ସଂକଳ୍ପ ନେଇ ପ୍ରାଚୀନଦୀ ପରିକ୍ରମା ଆରମ୍ଭ କରିଥିଲେ। ଶନିବାର ପଦଯାତ୍ରୀମାନେ ନିଆଳିର ପ୍ରସିଦ୍ଧ ରାଧା କାନ୍ତ ମଠଠାରେ ପହଞ୍ଚି ରାତ୍ରୀ ଯାପନ କରିଥିଲେ। ରବିବାର ଦିନ ପ୍ରାତଃ ରୁ ପଦଯାତ୍ରୀମାନେ ଏଠାରୁ ବାହାରି ପଦଯାତ୍ରା ରେ ଶୋଭନେଶ୍ୱର ଶମ୍ଭୁ ମନ୍ଦିର, ଟୋଲା ର ରାମେଶ୍ୱର ଶମ୍ଭୁ ମନ୍ଦିର ପରିଦର୍ଶନ କରିସାରି ଶ୍ରୀ ଜଗନ୍ନାଥଙ୍କ ମାମୁଁ ଘର ଭାବେ ପରିଚିତ ମାଧବ ଗ୍ରାମର ଦୂର୍ଗା ମାଧବ ମନ୍ଦିର ରେ ପହଞ୍ଚି ସେଠାରେ ରାତ୍ରୀ ଯାପନ କରିଥିଲେ। ରାତ୍ର ଯାପନ ସ୍ଥଳରେ କୀର୍ତ୍ତନ ଓ ପ୍ରାଚୀ କୂଳ ର ପାଣ୍ଡବ ତୀର୍ଥ ଠାରେ ପଣ୍ଡିତ ଚିତ୍ତ ରଞ୍ଜନ ମିଶ୍ରଙ୍କ ଦ୍ୱାରା ପ୍ରାଚୀ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁଣ୍ୟତୋୟା ପ୍ରାଚୀ ନଦୀର ପୁନଃରୁଦ୍ଧାର ଓ ପ୍ରାଚୀ ଉପତ୍ୟକାରେ ଥିବା ପୁରାତନ ମଠ, ମନ୍ଦିର ଓ କୀର୍ତ୍ତିରାଜି ସବୁର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରାଚୀ ପରିକ୍ରମା ଟ୍ରଷ୍ଟ ପକ୍ଷରୁ ଆଜକୁ ଦୀର୍ଘ ୧୫ ବର୍ଷ ହେଲା ସାଧୁ ସନ୍ଥ, ପ୍ରାଚୀ ପ୍ରେମୀମାନେ ଏପରି ଏକ ସପ୍ତାହ ବ୍ୟାପି ପ୍ରାଚୀ ପରିକ୍ରମା କରି ଆସୁଛନ୍ତି। ସୋମବାର ଦିନ ପଦଯାତ୍ରୀମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଏନ୍ତୁଡ଼ିଶାଳ ଭାବେ ପରିଚିତ ପ୍ରାଚୀନଦୀ କୂଳରେ ଥିବା ଦେଉଳି ମଠ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ବିଭିନ୍ନ ଗ୍ରାମରେ ପଦଯାତ୍ରୀମାନଙ୍କୁ ଫୁଲ, ଚନ୍ଦନ, ବନ୍ଦାପନା କରାଯାଇ ସ୍ୱାଗତ କରାଯାଉଥିବା ଦେଖିବାକୁ ମିଳୁଛି।

# ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ପଥପ୍ରାନ୍ତ ସଭା

ବ୍ରହ୍ମପୁର, (ପିପିଏସ୍) : ଘୃଣ୍ୟ ଶ୍ରମ କୋଡ଼ ବାତିଲ, ଫସଲର ସ୍ୱର୍ନିମ୍ନ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆଇନ, ନିଯୁକ୍ତି, ଦର କମାଅ, ମନରେଗା ପୁନଃ ପ୍ରଚଳନ, ସ୍ମାର୍ଟ ମିଟର ଓ ଇଏଡ଼ ବାତିଲ କର ଦାବିରେ ଆଗାମୀ ଫେବୃୟାରୀ ୧୨ ଧର୍ମଘଟକୁ ସଫଳ କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେର୍ତ୍ତୃତ୍ୱ ସହରର ଇଞ୍ଜିନିୟରିଙ୍ଗ ସ୍କୁଲ ଛକ, ମେଡିକାଲ ଛକ, କମାପଲି ଛକ ଓ ନୂଆ ବୁସଷ୍ଟାଣ୍ଡ ଛକ ଠାରେ ମିଳିତ ନିବେଦନ କରିଥିଲେ।

ଆଗାମୀ ଫେବୃୟାରୀ ୧୨ ସର୍ବ ଭାରତୀୟ ଧର୍ମଘଟ କେବଳ ଶ୍ରମିକ କୃଷକମାନଙ୍କର ନୁହେଁ ବରଂ ଏହା ଦେଶର ସୁରକ୍ଷା, ଆର୍ଥିକ ସ୍ୱାଧୀନତା, ସମ୍ବିଧାନ, କୃଷି, ସରକାରୀ ସମ୍ପତ୍ତି, ଶିକ୍ଷା, ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ତେଣୁ ଏହି ଧର୍ମଘଟକୁ ବନ୍ଦରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିର ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ଗୋକୁଳ ତ୍ରିପାଠୀ, ମଧୁ ବେହେରା, ପ୍ରଶାନ୍ତ ଶତପଥୀ, ପୁରସ୍ତମ୍ ସାହୁ, ପ୍ରଦୀପ ସେଠି, ନୀଳକଣ୍ଠ ଦାସ, କାମ ଦେବ ନାହକ, ପ୍ରଫୁଲ୍ଲ ଜେନା, ପପୁନ ସାହୁ, ନିମାଇଁ ସାହୁ ଓ ସତ୍ୟ ତ୍ରିପାଠୀ ପ୍ରମୁଖ ନେତୃତ୍ୱ ନେତୃତ୍ୱ ନେଇଥିଲେ।

# ନୟାଗଡ଼: ମାର୍ଚ୍ଚ ୧୫ରୁ ୬ଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ନୟାଗଡ଼, (ପିପିଏସ): ଆସନ୍ତା ମାର୍ଚ୍ଚ ୧୫ରୁ ସପ୍ତାହବ୍ୟାପୀ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୨୬ ପଠାଣି ସାମନ୍ତ ଅଡିଟୋରିଅମ ଠାରେ ଅନୁଷ୍ଠିତ ହେବ। ନୟାଗଡ଼ ସହରର ପଞ୍ଜିକୃତ ନାଟ୍ୟସଂସ୍ଥା 'ନାଟ୍ୟଧାରା' ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମାର୍ଚ୍ଚ ୧୫ ରୁ ୨୧ ତାରିଖ ଯାଏଁ ନାଟକ ମହୋତ୍ସବ ଆୟୋଜନ କରିବାକୁ ଯାଉଛି। ଏଥିରେ ଭୁବନେଶ୍ୱର, ସମ୍ବଲପୁର,ବାରିପଦା, ବାଲେଶ୍ୱର ଏବଂ ନୟାଗଡ଼ ପ୍ରଭୃତି ସ୍ଥାନର ଧୁରୀଣ ନାଟ୍ୟାନୁଷ୍ଠାନ ମାନେ ସେମାନଙ୍କ ନାଟକ ପରିବେଷଣ କରିବେ ବୋଲି ନାଟ୍ୟଧାରା ପକ୍ଷରୁ ସ୍ଥାନୀୟ ବୁଦ୍ଧ ମଣ୍ଡପ ଠାରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ପ୍ରତ୍ୟହ ସନ୍ଧ୍ୟା ୭ ଘ.୩୦ ମିନିଟ ସମୟରେ ଆରମ୍ଭ ହେବାକୁ ଥିବା ନାଟକ ଗୁଡ଼ିକ ଥିଏଟର ଶୈଳୀରେ ପ୍ରଦର୍ଶିତ ହୋଇ ସର୍ବାଧିକ ଦୁଇ ଘଣ୍ଟା ଅବଧି ମଧ୍ୟରେ ପରିସମାପ୍ତ ହେବ ।

ଏହି କ୍ରମରେ ୧୫ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରର ବିଦ୍ୟାକନକ ସୃଜନୁଷ୍ଠାନର ନାଟକ 'କୁହୁଡ଼ି' ମଞ୍ଚସ୍ଥ ହେବାକୁ ଥିବା ବେଳେ, ୧୬ ତାରିଖରେ ବାରିପଦାର ନୂପୁର ନାଟ୍ୟାନୁଷ୍ଠାନ ପକ୍ଷରୁ 'ଚକ୍ରବ୍ୟୂହ', ୧୭ ରେ ଭୁବନେଶ୍ୱରର ପ୍ରତିଭା ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ 'ଏକ ନାୟକର ମୃତ୍ୟୁ', ୧୮ରେ ପଞ୍ଚଧ୍ୱନି ଭୁବନେଶ୍ୱରର ନାଟକ 'ବଧୂ ବିଦାୟ', ୧୯ ରେ ଯୁଧିଷ୍ଠିର ଥିଏଟର ଭୁବନେଶ୍ୱରର ନାଟକ 'ଇନ୍ଦ୍ରଜାଲ', ୨୦ ରେ ସମ୍ବଲପୁର ନାଟ୍ୟାନୁଷ୍ଠାନ ସ୍ୱର ପକ୍ଷରୁ ନାଟକ 'ସମୁଦ୍ର ସମୂହ' ଏବଂ ଅନ୍ତିମ ଦିବସ ୨୧ ତାରିଖରେ ନୟାଗଡ଼ର ନାଟ୍ୟାନୁଷ୍ଠାନ ଚମତ୍କାର ପକ୍ଷରୁ ନାଟକ 'ଡାଆଣି' ମଞ୍ଚସ୍ଥ ହେବ। ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ନାଟକ ଗୁଡ଼ିକ ସାଂପ୍ରତିକ ସମାଜ ଭିତ୍ତିକ ହୋଇ ଦର୍ଶକୀୟ ଆଦୃତି ଲାଭ କରିବ ବୋଲି ପ୍ରସ୍ତୁତି ବୈଠକରେ ଉପସ୍ଥିତ ନାଟ୍ୟଧାରା ସଦସ୍ୟ ମାନେ ମତ ପ୍ରକାଶ କରିଥିଲେ । ଏହି ରାଜ୍ୟସ୍ତରୀୟ ନାଟ୍ୟମେଳାକୁ ପରିପୂର୍ଣ୍ଣ ଉପଭୋଗ ପୂର୍ବକ ମଞ୍ଚମୁଖୀ ହେବା ସକାଶେ ନାଟ୍ୟପ୍ରେମୀଙ୍କୁ ନାଟ୍ୟାନୁଷ୍ଠାନ ପକ୍ଷରୁ ଆନ୍ତରିକ ନିବେଦନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ୫୦ ଟଙ୍କିଆ ଲଟେରୀ କୁପନର ବ୍ୟବସ୍ଥା କରାଯାଇ ଦର୍ଶକମାନଙ୍କୁ ମଞ୍ଚାଭିମୁଖୀ କରିବା ପାଇଁ ନାଟ୍ୟଧାରା ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ପ୍ରସ୍ତୁତି ବୈଠକରେ ନାଟ୍ୟଧାରା ନାଟ୍ୟନୁଷ୍ଠାନର ସଭାପତି ସମାଜସେବୀ ପ୍ରମୋଦ ପଟ୍ଟନାୟକ, ନିର୍ଦ୍ଦେଶକ ଡ. ବିଜୟ କୁମାର ଚୌଧୁରୀ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ନାଟ୍ୟକାର ବିଶ୍ୱନାଥ ମହାପାତ୍ରଙ୍କ ସମେତ ନବକିଶୋର ମିଶ୍ର, ନୀଳକଣ୍ଠ ଦାଶ, ଲକ୍ଷ୍ମୀଧର ସାହୁ, ପ୍ରଦୀପ୍ତ ଡାକୁଆ, ଅଶୋକ ମଲ୍ଲ, ପ୍ରଶାନ୍ତ କୁମାର ପଟ୍ଟନାୟକ, ରଞ୍ଜନ ରଶ୍ମି ଜେନା, ପ୍ରଶାନ୍ତ କୁମାର ଦାଶ, ଗୋପୀନାଥ ସେଠି,ଉମାକାନ୍ତ ମିଶ୍ର,ପ୍ରଫୁଲ୍ଲ ନାୟକ, ରବୀନ୍ଦ୍ର ସାହୁ,ସୋନାଲି ଶୁଚିସ୍ମିତା ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠିତ ହେବାକୁ ଯାଉଥିବା ସପ୍ତାହବ୍ୟାପୀ ନାଟ୍ୟମେଳାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ସରଳାଦେବୀଙ୍କ ଜୀବନାଦର୍ଶ ଓ ଅଗ୍ନିକନ୍ୟା ସରଳା ଆଲୋଚନାଚକ୍ର



ରାଉରକେଲା : ସାମାଜିକ ଅନୁଷ୍ଠାନ ଭଜକୃଷ୍ଣ ସାରସ୍ୱତ ସ୍ମୃତି ସଂସଦ ରାଉରକେଲା, ସରଳାଦେବୀ- ଭାଗିରଥି ମହାପାତ୍ର ଟ୍ରଷ୍ଟ କଟକ ଓ ସେକ୍ଟର ୪ ସ୍ଥିତ ରାଉରକେଲା କଲେଜ ରାଉରକେଲା ର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସଭା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତିଙ୍କ ଅଧକ୍ଷତା ଓ କବୟିତ୍ରୀ ନିରୁପମା ପତିଙ୍କ ସଂଯୋଜନା କରିଥିଲେ। ଏଥିରେ ଉଦଘାଟକ ଭାବେ କଲେଜର ଅଧକ୍ଷ ଡ ରବୀନ୍ଦ୍ର କୁମାର ଜେନା, ବିଷୟ ବିଶେଷଜ୍ଞ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ସଂଘମିତ୍ରା ବେହେରା, ରାମାୟଣୀ ମାନସ ଦାସ, ବିଶିଷ୍ଟ ଅତିଥି ଭାବେ ରାଉରକେଲା କଲେଜର ଓଡ଼ିଆ ବିଭାଗର ମୁଖ୍ୟ ରଶ୍ମିପ୍ରଭା ମଥାନ ଯୋଗଦେଇ ସରଳା ଦେବୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଉଦଘାଟକ ଡ ଜେନା ତାଙ୍କ ବକ୍ତବ୍ୟରେ ଏହି ଆଲୋଚନାଚକ୍ରକୁ ସମୟର ଆହ୍ୱାନ ତଥା ସରଳାଦେବୀଙ୍କୁ ସମାଜ ସଂସ୍କାରକ, ନିର୍ଭିକତାର ପ୍ରତୀକ ବୋଲି ଅବହିତ କରିଥିଲେ। ବିଷୟ ବିଶେଷଜ୍ଞା ଡ ବେହେରା ସରଳାଦେବୀଙ୍କ ଜୀବନାଦର୍ଶ ସମ୍ପର୍କରେ ବହୁ ଅନାଲୋଚିତ ଦିଗକୁ ଉନ୍ମୋଚନ କରିବା ସହ ତତ୍କାଳୀନ ସମୟରେ ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ସେ କିପରି ରାଜନୀତି, ସମାଜସେବା ଓ ସାହିତ୍ୟ ସର୍ଜନା କରିଥିଲେ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଆଲୋଚକ ରାମାୟଣୀ ଶ୍ରୀ ଦାସ ଆଲୋଚ୍ୟ ପ୍ରସଙ୍ଗ ଅଗ୍ନିକନ୍ୟା ସରଳା ସମ୍ପର୍କରେ ଆଲୋଚନା କରି ସାମ୍ପ୍ରତିକ ସମାଜ ଓ ତତ୍କାଳୀନ ସମାଜର ତୁଳନାତ୍ମକ ଚିତ୍ର ସହ ନାରୀମାନଙ୍କ ସଶକ୍ତିକରଣ ଓ ଦାୟିତ୍ୱ ତଥା କର୍ତ୍ତବ୍ୟବୋଧ ଉପରେ ମତ ରଖିଥିଲେ। ବିଶିଷ୍ଟ ଅତିଥି ଶ୍ରୀମତୀ ମଥାନ ସରଳାଦେବୀଙ୍କ ସୃଷ୍ଟି, ଆଦର୍ଶ ଓ ତାଙ୍କ ବ୍ୟକ୍ତିତ୍ୱ କିପରି ଆମ ଜନମାନସକୁ ପ୍ରଭାବିତ କରିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଂସଦର ସମ୍ପାଦକ କବି କୁଞ୍ଜବିହାରୀ ରାଉତ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ଅନ୍ୟତମ ଆବାହକ ଟ୍ରଷ୍ଟର କାର୍ଯ୍ୟକାରୀ ସମ୍ପାଦକ ତଥା ସରଳାଦେବୀଙ୍କ ନାତି ଲକ୍ଷ୍ମୀପ୍ରକାଶ ମହାପାତ୍ର ସରଳା ଦେବୀଙ୍କ ସଂଗଠନ ସମ୍ପର୍କରେ ତଥା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀ ସର୍ବଶ୍ରୀ ଇସ୍ତାକ ଆଲାମ, ଦୀପକ ସାହୁ, ରାନୀ ବାଡା, ଆନିମା ମୁଣ୍ଡା ଓ ଆୟୁସ୍ମିତା ପତି ସରଳା ଦେବୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଅତିଥି ମାନେ ନିରୁପମା ପତିଙ୍କ ରଚିତ ପୁସ୍ତକ ବିଚିତ୍ର ବ୍ରହ୍ମାଣ୍ଡ କୁ ଉନ୍ମୋଚନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ପତିଙ୍କୁ ସାରସ୍ୱତ ବିଦ୍ୱତ୍ତା ସମ୍ମାନ, ଉଦଘାଟକ ଡ. ଜେନାଙ୍କୁ ବିଦ୍ୟାବାଗୀଶ ସମ୍ମାନ,ବିଷୟ ବିଶେଷଜ୍ଞ ଡ. ବେହେରାଙ୍କୁ ବାଗଦେବୀ ସମ୍ମାନ, ବିଷୟ ବିଶେଷଜ୍ଞ ରାମାୟଣୀ ଶ୍ରୀ ଦାସଙ୍କୁ ବ୍ୟାସଦେବ ସମ୍ମାନ, ବିଶିଷ୍ଟ ଅତିଥି ପ୍ରାଧ୍ୟାପିକା ଶ୍ରୀମତୀ ମଥାନଙ୍କୁ ବିଦ୍ୟାବତୀ ସମ୍ମାନ, ସଂଯୋଜିକା ଶ୍ରୀମତୀ ପତିଙ୍କୁ ସରସ୍ୱତୀ ସମ୍ମାନ, ଅନ୍ୟତମ ସଂଯୋଜିକା ଅଧ୍ୟାପିକା ପ୍ରିୟଙ୍କା ପଲେଇଙ୍କୁ ବିଦ୍ୟୁତପ୍ରଭା ସମ୍ମାନ, ରାଉରକେଲା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ. ସୁଷମା ମୋଦୀଙ୍କୁ ବିଦ୍ୟାବତ୍ତା ସମ୍ମାନ, ରାଉରକେଲା କଲେଜର ପ୍ରାଧ୍ୟାପିକା ଭାରତୀ ବରୁଆଙ୍କୁ ଶିକ୍ଷା ସାରଥୀ ସମ୍ମାନ, ପ୍ରାଧ୍ୟାପିକା ବନ୍ଦନା ସୋରେଙ୍ଗଙ୍କୁ ଶିକ୍ଷା ଭାରତୀ ସମ୍ମାନ, ଅଧ୍ୟାପକ କରୁଣାକର ପାଢ଼ଶାଣୀଙ୍କୁ ବିଦ୍ୱତ୍ତମ ସମ୍ମାନ, କଟକରୁ ଆସିଥିବା ଆଇନଜୀବୀ ମନୋଜ କୁମାର ପଣ୍ଡାଙ୍କୁ ସାରସ୍ୱତ ସହଯୋଗୀ ସମ୍ମାନ, ଶିକ୍ଷକ କରୁଣାକର ସାହୁଙ୍କୁ ଭାଷାଭାରତୀ ସମ୍ମାନ, ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କୁ ସାରସ୍ୱତ ଝଙ୍କାର ସମ୍ମାନ, ସମାଜସେବୀ ସରୋଜ ପାତ୍ର, ସମାଜସେବୀ ଦିଲ୍ଲିପ କୁମାର ଜେନା ଓ ସାମାଜିକ ସଂଗଠନ ଉପହାର ସୂର୍ଯ୍ୟକାନ୍ତ ସାହୁ, ରାଜଲକ୍ଷ୍ମୀ ପ୍ରଧାନ ପ୍ରମୁଖଙ୍କୁ ସେବାନିଧି ସମ୍ମାନରେ ଉତ୍ତରୀୟ, ମେମେଣ୍ଟୋ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମରେ ବରସୁଆଁ ପ୍ରଗତି ଅନୁଷ୍ଠାନର ସାଧାରଣ ସମ୍ପାଦକ ବସନ୍ତ କୁମାର ନାୟକ,ସହର ସେବା ସମିତିର ମୁଖ୍ୟ ଶୈଳେନ୍ଦ୍ର କୁମାର ମହାନ୍ତି ଓ କବୟିତ୍ରୀ ଡ ସସ୍ମିତା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଚମ୍ପୁଆ ପଞ୍ଚାୟତ ସମିତିର ଦ୍ୱାଦଶ ଅଧିବେଶନ

# ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ରାସ୍ତାଘାଟ ମୁଖ୍ୟ ପ୍ରସଙ୍ଗ

ଚମ୍ପୁଆ: ଚମ୍ପୁଆ ପଞ୍ଚାୟତ ସମିତିର ଦ୍ୱାଦଶ ଅଧିବେଶନ ପଞ୍ଚାୟତ ସମିତି ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ବିଧାୟକ ପ୍ରତିନିଧି ସଞ୍ଜିବ କୁମାର ବେହେରା, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଉପାଧ୍ୟକ୍ଷା ମଞ୍ଜୁଲତା ମହାକୁଡ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚୁନୁ ହାଁସଦା, ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସାଚି ନାୟକ, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ମୋନାଲିସା ନାୟକ, ୧୩ ନଂ ଜିଲ୍ଲା ପରିଷଦ ସଦସ୍ୟ ଉଦୟନାଥ ନାଏକ, ୧୫ନଂ ଜିଲ୍ଲା ପରିଷଦ ସଦସ୍ୟା ରମଣୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ଚମ୍ପୁଆ ଉପଖଣ୍ଡର ଗ୍ରାମ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ, ଜଳ ଓ ପରିମଳ ବିଭାଗ, ପୂର୍ତ୍ତ ବିଭାଗ, ମତ୍ସ୍ୟ ବିଭାଗ, ପ୍ରାଣୀଧନ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ବନବିଭାଗ ଆଦି ବହୁ ପଦାଧିକାରୀଗଣ ଉପସ୍ଥିତ ଥିଲେ । ଏଥିରେ ୨୨ ଗୋଟି ପଂଚାୟତର ସମିତି ସଭ୍ୟ ସଭ୍ୟା, ସରପଂଚ, ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏକାଦଶ ଅଧିବେଶନର ବିବରଣୀ ପାଠ କଲାପରେ ଦ୍ୱାଦଶ ଅଧିବେଶନର ରୂପରେଖ ସମ୍ପର୍କରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୃହକୁ ଅବଗତ କରିଥିଲେ । ପରେ ଉପସ୍ଥିତ ସମିତି ସଭ୍ୟ ସଭ୍ୟା ନିଜ ନିଜ ପଞ୍ଚାୟତ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଉପୁଜୁଥିବା ସମସ୍ୟାଗୁଡିକ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓମ୍ ପ୍ରକାଶ ବାରିକଙ୍କୁ ଅବଗତ କରିଥିଲେ । ଗ୍ରାମଗୁଡିକରେ ଥିବା ସ୍ୱାସ୍ଥ୍ୟକର୍ମୀ ନିଜ ଅଂଚଳରେ ନରହି ସୁଦୂର ସହରାଂଚଳରେ ରହି ସ୍ୱାସ୍ଥ୍ୟ ସେବାକୁ ଅଣଦେଖା କରୁଥିବା ଉପରେ ଅଙ୍କୁଶ ଲଗାଇବାକୁ ସୂଚନା ଦେଇଥିଲେ । ବିଭିନ୍ନ ଗ୍ରାମପଂଚାୟତର ପ୍ରାୟ ୧୦ ଗୋଟି ସଂଯୋଗୀକରଣ ରାସ୍ତାକୁ ଗ୍ରାମ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିଥିବା କଥା ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହାଛଡା ବିଭିନ୍ନ ଗ୍ରାମାଂଚଳ ତଥା ପଂଚାୟତଗୁଡିକୁ ସଂଯୋଗ କରୁଥିବା ରାସ୍ତାର ପୋଲଗୁଡିକ ବର୍ଷବର୍ଷ ଧରି ପଡିରହୁଥିବାରୁ ଏହାର ତୁରନ୍ତ ନିର୍ମାଣ ଏବଂ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାକୁ ଉନ୍ନୟନ ବିଭାଗକୁ ସମିତି ସଭ୍ୟମାନେ ଅବଗତ କରିଥିଲେ । ଲୋକମାନଙ୍କର ପାନୀୟ ଜଳର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ୨୦୧୯ ମସିହାରୁ କାର୍ଯ୍ୟ କରୁଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଯାହାକି ଚମ୍ପୁଆ, ଝୁମ୍ପୁରା, ସଦର, ପାଟଣା, ବାଉଁଶପାଳ ଆଦି ବ୍ଲକକୁ ୨୦୨୫ ମାର୍ଚ୍ଚ ସୁଦ୍ଧା ଯୋଗାଇଦେବା ଲକ୍ଷ୍ୟ ରହିଥିଲା । ମାତ୍ର ୨୦୨୬ ମାର୍ଚ୍ଚ ହେବାକୁ ବସିଲାଣି ଆଜିସୁଦ୍ଧା ସମସ୍ତ ଅଂଚଳକୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ହୋଇନଥିବାରୁ ଏହା ଉପରେ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ । ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଆବଶ୍ୟକ ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା ଆଦି ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସଦସ୍ୟମାନେ ଦାବୀ କରିଥିଲେ ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ

## କୁଳପତି ଓ କୁଳ ସଚିବଙ୍କୁ ଦାବିପତ୍ର

ଜୟପୁର: ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଛାତ୍ରଛାତ୍ରୀମାନେ ବିକ୍ଷୋଭ, ଧାରଣା ଦେଇଥିଲେ । କୁଳପତି ଦେବୀପ୍ରସାଦ ମିଶ୍ର ଓ କୁଳ ସଚିବ ମହେଶ୍ୱର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିସବୁ ଖୁବ ଶୀଘ୍ର ପୂରଣ କରିବାକୁ ପ୍ରତିଶୃତି ଦେବାରୁ ଛାତ୍ରଛାତ୍ରୀମାନେ ବିକ୍ଷୋଭରୁ ଓହରି ଥିଲେ । ବିଶ୍ୱ ବିଦ୍ୟାଳୟ ହେଷ୍ଟଲ ଛାତ୍ରମାନେ ନିମ୍ନ ମାନର ଖାଦ୍ୟ ଏବଂ ଅସ୍ୱାସ୍ଥ୍ୟକର ପରିମଳ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଲାଇଟ, ଫ୍ୟାନ, ବଲ୍ବ ଏବଂ କାନ୍ଥ ପ୍ଲାଷ୍ଟର ଭଳି ମୌଳିକ ସୁବିଧା କ୍ଷତିଗ୍ରସ୍ତ ଅବସ୍ଥାରେ ଅଛି । ପରୀକ୍ଷା ଫି ଆଦାୟ କରିବା ସତ୍ୱେ ପରୀକ୍ଷା ହଲ୍‌ଗୁଡିକରେ ବିଦ୍ୟୁତ ଉପଯୁକ୍ତ ଆସନ ବ୍ୟବସ୍ଥା ପାନୀଜଜଳ ଏବଂ ସଫା ଶୌଚାଳୟ ଭଳି ନଥିବା ଯୋଗୁଁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଇଛନ୍ତି । ତୁରନ୍ତ ବିଚାରାଧୀନ ଫଳାଫଳ ପ୍ରକାଶ କରିବା, ପୁନଃମୁଲ୍ୟାୟନଫିର ଅନ୍ୟାୟ ସଂଗ୍ରହ ବନ୍ଦ କରିବା, ପ୍ରମାଣ ପତ୍ର ପ୍ରଦାନରେ ବିଳମ୍ବ ହେବ । ଶେଷ ବର୍ଷର ଫଳାଫଳ ପ୍ରକାଶନ ପରେ ମଧ ପରୀକ୍ଷା ପ୍ରମାଣପତ୍ର ପ୍ରଦାନରେ ଅତ୍ୟଧିକ ବିଳମ୍ବ ହେଉଛି । ଯାହାଫଳରେ ଛାତ୍ର ଛାତ୍ରୀ ମାନେ ଉଚ୍ଚ ଶିକ୍ଷା ଏବଂ ନିଯୁକ୍ତି ପାଇ ସୁଯୋଗ ହରାଇଛନ୍ତି । ମେଧାବି ଛାତ୍ରଛାତ୍ରୀଙ୍କ ପ୍ରତି ଅନ୍ୟାୟ ବନ୍ଦ କରିବା, ଅନୁପସ୍ଥିତ ଥିବା ଛାତ୍ର ଛାତ୍ରୀଙ୍କୁ ଅଧିକ ମାର୍କ ଦେବା, ପରୀକ୍ଷା ଫଳାଫଳ ପ୍ରକାଶନରେ ବିଳମ୍ବ ହେବା, ପୂର୍ବରୁ ପ୍ରକାଶିତ ସମସ୍ତ ତ୍ରୁଟିପୁର୍ଣ୍ଣ ଫଳାଫଳକୁ ଦୁଇ ସପ୍ତାହ ମଧ୍ୟରେ ପୁଙ୍ଖାନୁପୁଙ୍ଖ ସମିକ୍ଷା ଏବଂ ସଂଶୋଧନ କରାଯାଉ, ଫଳାଫଳ ଗୁଡିକୁ ସମୟୋଚିତ, ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ ଭାବରେ ପ୍ରକାଶ କରାଯାଉ, ଫଳାଫଳ ଘୋଷଣା ପରେ ତୁରନ୍ତ ପ୍ରମାଣ ପତ୍ର ପ୍ରଦାନ କରାଯାଉ, ଖାଲି ଅଧାପକ ପଦବୀ ବିଳମ୍ବ ନକରି ପୁରଣ କରାଯାଉ, କ୍ୟାମ୍ପସ ସୁରକ୍ଷା ଏବଂ ଛାତ୍ର ସହାୟତା ବ୍ୟବସ୍ଥା କରାଯାଉ, ତୁରନ୍ତ କ୍ୟାମ୍ପସରେ ସିସିଟିଭି କ୍ୟାମେରା ଲଗାଯାଉ, ବ୍ୟାକ ପେପର ପରିଚାଳନା ନକରିବା, ୟୁଜି ବ୍ୟାକ୍ ୨୦୨୩-୨୪ ପ୍ରଥମରୁ ପଞ୍ଚମ ସେମିଷ୍ଟାରେ ବ୍ୟାକ୍ ପେପର ପଡି ରହିଛି । ଛାତ୍ର ଛାତ୍ରୀ ମାନେ ଆଗାମୀ ଷଷ୍ଠ ସେମିଷ୍ଟାର ପରୀକ୍ଷା ଦେବାକୁ ଯାଉଥିବାରୁ ପଛ ପତ୍ର ପରିଚାଳନା ନକରିବା ଦ୍ୱାରା ଶୈକ୍ଷିକ ଅସୁବିଧା ଏବଂ ଫଳାଫଳ ପକ୍ରିୟାକରଣ ଏବଂ ଡିଗ୍ରୀ ସମାପ୍ତିରେ ବିଳମ୍ବ ହୋଇପାରେ । ଏହି ବିକ୍ଷୋଭରେ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ସୁଭମ ମହାପାତ୍ର, ଆଦି ଦେବଦତ, ସୁଭମ ମହାରଣା, ସ୍ୱାସ୍ତିକ ସାହୁ, ସୋନାଲି ପଟ୍ଟନାୟକ, ରୋହନ ପାଙ୍ଗି ଙ୍କ ସହ ଏବିଭିପିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ଉତ୍କଳ ପ୍ରାଦେଶିକ ମାରୱାଡ଼ି ମହିଳା ସମ୍ମେଳନ

# ସନ୍ତୋଷଙ୍କୁ ଅଧ୍ୟକ୍ଷା, ସୁନୀତା ସମ୍ପାଦିକା ମନୋନୀତ

ବଲାଙ୍ଗିର(ପିପିଏସ): ଉତ୍କଳ ପ୍ରାଦେଶିକ ମାରୱାଡ଼ି ମହିଳା ସମ୍ମେଳନର ବଲାଙ୍ଗିର ଶାଖାରେ ନୂତନ ନେତୃତ୍ୱ ନିର୍ବାଚନ ସହିତ ମହିଳା ସଶକ୍ତିକରଣ ଦିଗରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଛି । ୨୦୨୬ରୁ ୨୦୨୮ ବର୍ଷ ପାଇଁ ସନ୍ତୋଷ ଲାଲଙ୍କୁ ଅଧ୍ୟକ୍ଷା ଏବଂ ସୁନୀତାଙ୍କୁ ସମ୍ପାଦିକା ଭାବେ ମନୋନୀତ କରାଯାଇଛି । ଦୁହେଁ ନବନିର୍ବାଚିତ ପଦାଧିକାରୀ ସଂଗଠନର ଦାୟିତ୍ୱ ଗ୍ରହଣ କରି ସମାଜସେବା ଓ ମହିଳା ଉନ୍ନତିକୁ ସର୍ବୋଚ୍ଚକ ପ୍ରାଥମିକତା ଦେବାକୁ ଘୋଷଣା କରିଛନ୍ତି । ନବନିର୍ବାଚିତ ଅଧ୍ୟକ୍ଷା ସନ୍ତୋଷ ଲାଲ କହିଛନ୍ତି ଯେ, ତାଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣରୂପେ ମହିଳା ସଶକ୍ତିକରଣ, ସମାଜ ସୁଧାର ଓ ସାମାଜିକ ସେବାକୁ ଉତ୍ସର୍ଗୀତ ରହିବ । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାରରେ ଉତ୍ତମ ସୁଯୋଗ ପ୍ରଦାନ କରିବା ହେଉଛି ସଂଗଠନର ମୂଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି । ସମ୍ପାଦିକା ସୁନୀତା ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ଆସନ୍ତା ଦୁଇ ବର୍ଷ ଧରି ମହିଳା ସମ୍ମେଳନ ଭୂମିସ୍ତରରେ କାର୍ଯ୍ୟ କରି ମହିଳାମାନଙ୍କୁ ଆଗେଇ ଯିବା ପାଇଁ ଏକ ସୁଦୃଢ଼ ମଞ୍ଚ ପ୍ରଦାନ କରିବ । ସେ କହିଛନ୍ତି ଯେ, କନ୍ୟାଶିକ୍ଷା, ମହିଳାମାନଙ୍କର କୌଶଳ ବିକାଶ, ସ୍ୱୟଂରୋଜଗାର, ସ୍ୱାସ୍ଥ୍ୟ ସଚେତନତା ଓ ଅନେକ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରକାଶ କରିଥିଲେ । ଦୁହେଁ ପଦାଧିକାରୀ ଏହା ମଧ କହିଛନ୍ତି ଯେ, ସଂଗଠନର ପ୍ରତ୍ୟେକ ସଦସ୍ୟାଙ୍କୁ ସହଯୋଗରେ ନେଇ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ତାଙ୍କର ପ୍ରଧାନ ଦାୟିତ୍ୱ । ଏହି ଉଦ୍ଦେଶ୍ୟରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସ୍ଥାନୀୟ ସଦସ୍ୟ ଓ ସମାଜର ବରିଷ୍ଠ ବ୍ୟକ୍ତିମାନେ ସନ୍ତୋଷ ଲାଲ ଓ ସୁନୀତାଙ୍କୁ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇ ଆଶା ପ୍ରକାଶ କରିଛନ୍ତି ଯେ, ତାଙ୍କ ନେତୃତ୍ୱରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ମହିଳା ସମ୍ମେଳନ, ବଲାଙ୍ଗିର ସମାଜସେବା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରାଯିବ ବୋଲି ଉଭୟେ ମତ ବ୍ୟକ୍ତ କରିଥିଲେ ।

# ଡିଏଭି ଗୁରୁକୂଳ ବିଦ୍ୟାଳୟର ୧୨ତମ ବାର୍ଷିକ ଉତ୍ସବ

ମାଲକାନଗିରି: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ସଦର ମହକୁମାରେ ଥିବା ଡିଏଭି ଗୁରୁକୂଳ ବିଦ୍ୟାଳୟର ୧୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରିନ୍ସିପାଲ ଜୟଦେବ ଦେଓଙ୍କ ଏହି ଉତ୍ସବରେ ମାଲକାନଗିରି ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ର ସଭାପତି ଦେବ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଶିଷ୍ଟାଚାର ଓ ସଂସ୍କାରର ଗୁରୁତ୍ୱ ବିଷୟରେ ଉପଦେଶ ଦେଇଥିଲେ । କାଲିମେଳା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୁଖ୍ୟବକ୍ତା ଭାବେ ଧନେଶ୍ୱର ନାୟକ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଓ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସିମାଂଚଳ ପାଣିଗ୍ରାହୀ, ମାଲକାନଗିରି ଜିଲ୍ଲା ଡିଏଭି ଗୁରୁକୂଳ ସମୁହ ର ଅଧକ୍ଷ ସୁଶାନ୍ତ ସାମଲ, ସିଆରସିସି ଅସୀମ ପାଲ, ଅନନ୍ତ ପାଲ୍ଲୀ ଆଶ୍ରମ ବିଦ୍ୟାଳୟ ର ସହକାରୀ ଶିକ୍ଷକ ସଞ୍ଜୟ ସରକାର, ସମାଜସେବୀ କାମେଶ୍ୱର ପ୍ରଧାନ, ଏସ ରମେଶ, ବିଦ୍ୟାଳୟ ପରିଚାଳକ ଅନନ୍ତ ଦାଶ, ବିଦ୍ୟାଳୟ ର ପ୍ରତିଷ୍ଠାତା କିଶୋର ଦାଶ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ବିକାଶ ତାଣ୍ଡି ପରିଚାଳନା କରିଥିଲେ । ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ବାର୍ଷିକ ଉତ୍ସବ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଉମାଶଙ୍କର ଆଚାର୍ଯ୍ୟ, ଅଭିଷେକ ମଲ୍ଲିକ, ରୋହିତ ମଣ୍ଡଳ, ଅନ୍ତିମଜୟ ମଣ୍ଡଳ, ସନିଆ ମାଡକାମୀ, କଶିକ୍ଷୟିତ୍ରୀ ରାକ୍ଷୀ ହାଲଦାର, ଲତିକା ରାଣୀ ପତି, କିର୍ସ୍ନା ପାତ୍ରୀ, ମିତା ତାପାଲି, ମଇନା ବିଶ୍ୱାସ, ପୂର୍ଣ୍ଣମ ଜେନା, ଶୁଭଶ୍ରୀ ପରିଡା, ଜୋତି ଦେବନାଥ ସୋମେମାଡକାମୀ, ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ ଶିବିର

କେନ୍ଦୁଝର: ପିଏମଶ୍ରୀ ସନ୍ଥେଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ ପଳାସପଙ୍ଗାଠାରେ ୩୮ତମ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ୍ ଶିବିର ଉଦଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଏହି ଶିବିରରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ସମାଜସେବୀ ଶୁକଦେବ ମହାନ୍ତ ଯୋଗ ଦେଇ ପିଲା ମାନଙ୍କୁ ସ୍କାଉଟ ଓ ଗାଇଡ୍ ମାଧ୍ୟମରେ ସଫଳତା ପାଇବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଡିଏନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି, ସଦର ଗୋଷ୍ଠୀ ଶିକ୍ଷା କମିଶନର ଗାଇଡ୍ ସନ୍ତୋଷିନୀ ସେଠୀ, ଲୀଳା ପଡିଆରି ଯୋଗ ଦେଇ ସ୍କାଉଟ ଓ ଗାଇଡ୍ ମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ଦ୍ୱିତୀୟ ଦିବସରେ ଜାତୀୟ ଉପସଭାପତି ତଥା ରାଜ୍ୟ କମିଶନର ସ୍କାଉଟ ଓ ଗାଇଡ୍ କାଳୀ ପ୍ରସାଦ ମିଶ୍ର ଯୋଗ ଦେଇଥିଲା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କାଉଟସ ଓ ଗାଇଡସ କ୍ୟାମ୍ପୋରୀ ଉଦ୍‌ଯାପିତ




ଦାରିଙ୍ଗବାଡି : କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଗତ ୩ ଦିନ ଧରି ଚାଲିଥିବା ୨୨ତମ ଜିଲାସ୍ତରୀୟ ଭାରତ ସ୍କାଉଟସ ଓ ଗାଇଡ଼ସ କ୍ୟାମ୍ପୋରୀ ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ କନ୍ଧମାଳ ଶିକ୍ଷା ଜିଲା ଅଧିକାରୀ ତଥା ଭାରତ ସ୍କାଉଟସ ଓ ଗାଇଡ଼ସର ଜିଲା ଅଧକ୍ଷ ରାଜେଶ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଫୁଲବାଣୀ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗଦାଧର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥିଙ୍କ ମଧ୍ୟରେ ଭାରତ ସ୍କାଉଟସ ଓ ଗାଇଡ଼ସର ଜିଲା ସମ୍ପାଦକ ସଞ୍ଜୟ କୁମାର ପାତ୍ର, ସହ ସମ୍ପାଦକ ରାଜକିଶୋର ବେହେରା, ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନ, ଏବିଇଓ ଗୋକୁଳାନନ୍ଦ ମଲିକ, ବନମାଳୀ ମାଝୀ, କୌଶିକ ନାୟକ, ସିମନବାଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏହି ୩ ଦିନ ଧରି ୪ ଶହରୁ ଉର୍ଦ୍ଧ୍ୱ ସ୍କାଉଟ ଓ ଗାଇଡ଼ର ଛାତ୍ରୀଛାତ୍ର, ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟନ ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରେ ବିଭିନ୍ନ ଇଭେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପାରମ୍ପରିକ ଲୋକ କଳା ପ୍ରଦର୍ଶନ ହୋଇଥିଲା । ଏଥିରେ କନ୍ଧମାଳର ଦଣ୍ଡ ଚରିତ୍ରରେ ଛାତ୍ରୀଛାତ୍ରମାନେ ନୃତ୍ୟ କରି ମଞ୍ଚ ଦୁଲୁକାଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଖେଳ ଶିକ୍ଷକ ସାମନ୍ତ ପ୍ରଧାନ, ଶ୍ରାନିକେତା ଉଚ୍ଚ ବିଦ୍ୟାଳୟର ରାମକୃଷ୍ଣ ଦାସ, ଦିନବନ୍ଧୁ ସାହୁ, ବନ୍ଧଗଡର ପ୍ରଦୀପ ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଖେଳ ଶିକ୍ଷକ ଗାଇଡ କରିବା ସହ ସହଯୋଗ କରିଥିଲେ । ଫୁଲବାଣୀ ଏଜେଓ ହାଇସ୍କୁଲର ଖେଳ ଶିକ୍ଷକ ତଥା ସ୍କାଉଟ ଓ ଗାଇଡ଼ର ଡିସି ଓ ରାକେଶ ବିଶୋଇ ମଞ୍ଚ ପରିଚାଳନା କରିଥିଲେ ।

# ପାତାଳେଶ୍ୱର ମହାଦେବଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ

କେନ୍ଦୁଝର: ପାଟଣା ବ୍ଲକ ଅନ୍ତର୍ଗତ ମିରିଗିଖୋଜି ପଂଚାୟତ ମୁଖ୍ୟାଳୟ ଠାରେ ପାତାଳେଶ୍ୱର ମହାଦେବଙ୍କ ମନ୍ଦିରରେ ଆଜି ରତ୍ନ ମୁଦ ଦିଆଯାଇଛି । ମନ୍ଦିର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଥିବାବେଳେ ଆଜି ସମ୍ପୂର୍ଣ୍ଣ ଆଧାତ୍ମିକ ମୟ ପରିବେଶରେ ବିଧିମତେ ରତ୍ନ ମୁଦ କାର୍ଯ୍ୟ ସମ୍ପନ୍ନ ହୋଇଛି । ପ୍ରଭାତରୁ ମହିଳା ମାନେ ବୈତରଣୀରୁ ୧୦୮ କଳସ ସହ ଶୋଭାଯାତ୍ରାରେ ଯାଇ ଯଜ୍ଞ ମଣ୍ଡପ ଯାଏ ଆସିଥିଲେ । ଏହା ପରେ ହୋମ ଯଜ୍ଞାଦି କାର୍ଯ୍ୟ ଆରମ୍ଭ ହୋଇଥିଲା । ପୂଜା ଓ ଯଜ୍ଞ କାର୍ଯ୍ୟ ରେ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ ଓ ନିରଞ୍ଜନ କର ପୂଜା କାର୍ଯ୍ୟ ସମ୍ପାଦନା କରିଥିବା ବେଳେ କର୍ତ୍ତା ଭାବେ ଦ୍ୱିତୀୟା ବିଶ୍ୱାଳ ଓ ତାଙ୍କ ସହ ଧର୍ମିଣୀ ଲତା ବିଶ୍ୱାଳ ସୁକାର୍ଯ୍ୟ ତୁଲାଇ ଥିଲେ । ଆଜି ଏହି ଅବସରରେ ଗ୍ରାମରେ ଏକ ଆଧାତ୍ମିକ ପରିବେଶରେ ଭଜନ କୀର୍ତନ ମଧ୍ୟରେ ରତ୍ନ ମୁଦ ଉତ୍ସବ ଉପଲକ୍ଷେ ସମଗ୍ର ଗ୍ରାମ ଉତ୍ସବ ମୁଖର ହୋଇ ଉଠିଥିଲା । ଏହି ରତ୍ନ ମୁଦ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା ।

# ସିଏମ୍ ଟ୍ରଫି କବାଡ଼ି ପ୍ରତିଯୋଗିତା ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ

ନୂଆପଡା: ନୂଆପଡା ସ୍ଥିତ ପି ଏମ ଶ୍ରୀ ନେସନାଲ ଉଚ୍ଚ ବିଦ୍ୟାଳୟରେ ସି ଏମ ଟ୍ରଫି କବାଡି ପ୍ରତିଯୋଗୀତା ନିମନ୍ତେ ଚୟନ ପ୍ରକ୍ରିୟା ଆଜି ଆରମ୍ଭ ହୋଇଯାଇଛି । ଉକ୍ତ ଚୟନ ପ୍ରକ୍ରିୟାରେ ଜିଲ୍ଲାର ସମସ୍ତ ବ୍ଲକରୁ ଏବଂ ସମସ୍ତ ବିଜ୍ଞାପିତ ଅଂଚଳ ପରିଷଦରୁ ବାଳକ ବିଭାଗରେ ୨୦୫ ଜଣ ଓ ବାଳିକା ବିଭାଗରେ ୯୪ ଜଣ କବାଡି ଖେଳାଳୀ ଅଂଶଗ୍ରହଣ କରିଥିଲେ । ନେସନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଖେଳ ଇଣ୍ଡିଆ କବାଡି ସେଂଟରରେ ଏହି ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଜିଲ୍ଲାର ବିଶିଷ୍ଟ କ୍ରୀଡାବିତ୍ ତଥା ଜିଲ୍ଲା କ୍ରିକେଟ ଏସୋସିଏସନ ର ସମ୍ପାଦକ ତଥା ଓସିଏର ଉପସଭାପତି ଭୈରବ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ନେସନାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ସମାଜସେବି ଯାଜ୍ଞସେନି ମହାପାତ୍ର, ପ୍ରତିଭା ହୋତା ପ୍ରମୁଖ ଯୋଗ ଦେଇଥିଲେ । ମହତାବ ଆଡଜୁଆଡ୍, ମୋହନ କୁମାର ମହନ୍ତ, ଅନିଲ ରାଉତ, ସୁରୁବାବୁ ପ୍ରଧାନ, ଭରତ ପ୍ରଧାନ, ନିରୁପମା ପଟେଲ, କୁମକ୍ଷରୀ ରିଙ୍କି ଦଣ୍ଡସେନା, ଚମନଲାଲ ରାଉତ ଇତ୍ୟାଦି ସମସ୍ତ ଖେଳ ଶିକ୍ଷକ ମାନେ ଚୟନ ପ୍ରକ୍ରିୟାକୁ ସୁଚାରୁରୂପେ କାର୍ଯ୍ୟକାରୀ କରିଥିଲେ । ଏହି ଚୟନ ପ୍ରକ୍ରିୟାରୁ ୧୬ ବର୍ଷରୁ କମ ବାଳକ ବିଭାଗରେ ୧୦ ଗୋଟି ଦଳ ଓ ୧୬ ବର୍ଷରୁ କମ ବାଳିକା ବିଭାଗରେ ୬ ଗୋଟି ଦଳ ଚୟନ କରାଯିବ ଏବଂ ଏହି ଦଳ ମକ୍ଷନେ ଆଗାମୀ ଫାଇନାଲରେ ହେବାକୁ ଥିବା ସି ଏମ ଟ୍ରଫି କବାଡି ପ୍ରତିଯୋଗୀତା ରେ ଭାଗ ନେବେ । ପ୍ରକାଶ ଥାଉକି, ଏହି ଜିଲ୍ଲାର କବାଡ଼ି ଖେଳଳୀ ମାନେ ପ୍ରତି ବର୍ଷ ଓଡିଶା ରାଜ୍ୟକୁ ପ୍ରତିନିଧିତ୍ୱ କରି ଜାତୀୟ ସ୍ତରରେ ଭାଗ ନେଉଛନ୍ତି । ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ପ୍ରକାଶ କରିଛନ୍ତି ଯେ, ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଠିକ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଚଳିତ ସିଏମ ଟ୍ରଫିକବାଡିରେ ଉଚ୍ଚତର ଖେଳ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଏମାନେ ନିଶ୍ଚୟ ପ୍ରଶଂସା ଆଣିବେ । ଜିଲ୍ଲାର ସମସ୍ତ ବରିଷ୍ଠ କ୍ରୀଡାବିତ୍ ଓ ଆୟୋଜକ ମାନେ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଜିଲ୍ଲାର ସମସ୍ତ ରେଜିଷ୍ଟ୍ରିଭୁକ୍ତ ଖୋଖୋ, ଫୁଟବଲ ଓ ଭଲିବଲ୍ ଖେଳାଳିମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, ଅଳ୍ପ ଦିନ ମଧ୍ୟରେ ଅନ୍ୟ ତିନି ଗୋଟି ଖେଳର ଚୟନ ପ୍ରକ୍ରିୟା ଆରମ୍ଭ ହେବ । ସେଥିପାଇଁ ରେଜିଷ୍ଟ୍ରିଭୁକ୍ତ ଖେଳାଳୀ ମାନେ ପ୍ରସ୍ତୁତ ରହିବାକୁ ସେ ଅନୁରୋଧ କରିଛନ୍ତି ।

# କନ୍ଧମାଳର ଯୁବ ସାମ୍ବାଦିକଙ୍କୁ ନେସନାଲ୍ ପ୍ରେଷ୍ଟିଜ୍ ଆୱାର୍ଡ଼

କନ୍ଧମାଳ, (ହି.ସ.)- କନ୍ଧମାଳ ଜିଲ୍ଲାରେ ଦୀର୍ଘ ପନ୍ଦର ବର୍ଷରୁ ଅଧିକ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କନ୍ଧମାଳ ଜିଲ୍ଲାର ଯୁବ ସାମ୍ବାଦିକ ରାଧାମୋହନ ମହାପାତ୍ରଙ୍କୁ ସର୍ବ ଭାରତୀୟ ସ୍ତରର ସମ୍ମାନଜନକ ପୁରସ୍କାର ନେସନାଲ୍ ପ୍ରେଷ୍ଟିଜ୍ ଆୱାର୍ଡ଼ -୨୦୨୬ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି । ନୂଆଦିଲ୍ଲୀ ସ୍ଥିତ ହୋଟେଲ ରାଡିସନ୍ ବ୍ଲୁରେ ଟ୍ରେଡ୍ ଏଣ୍ଡ ମିଡ଼ିଆ ପକ୍ଷରୁ ଆୟୋଜିତ ଏକ ବିଶେଷ ସମାରୋହରେ ଏହି ଜାତୀୟ ସ୍ତରୀୟ ସମ୍ମାନ ପ୍ରଖ୍ୟାତ ବଲିଉଡ୍ ଅଭିନେତା ତୁଷାର କାପୁର ପ୍ରଦାନ କରିଛନ୍ତି । ରାଧାମୋହନ ଦୀର୍ଘ ବର୍ଷ ଧରି ସାଧାରଣ ଲୋକଙ୍କ ହକ୍ ଓ ନ୍ୟାୟ ପାଇଁ ସାମ୍ବାଦିକ ଭାବରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି । ସମାଜସେବା ଓ ରାଜନୀତି କ୍ଷେତ୍ରରେ ମଧ ଉଲ୍ଲେଖନୀୟ ଅବଦାନ ପାଇଁ ନିକଟରେ ରାଧାମୋହନଙ୍କୁ ଓଡ଼ିଶା ଯୁବରତ୍ନ ସମ୍ମାନ-୨୦୨୬ ରେ ସମ୍ମାନିତ କରାଯାଇଥିଲା । କନ୍ଧମାଳ ଜିଲ୍ଲାର ସର୍ବାଙ୍ଗିନ ବିକାଶ, ଜନଜାତି ଅଧିକାର, ସ୍ଥାୟୀ ଘରବାଡ଼ି ପଟ୍ଟା ଦାବି ଓ ରେଳ ଯୋଗାଯୋଗ ଭଳି ବିଭିନ୍ନ ପ୍ରସଙ୍ଗରେ ସେ ସକ୍ରିୟ ଭୂମିକା ନିର୍ବାହ କରି ଆସୁଛନ୍ତି । ଆଜି ଏହି ଜାତୀୟ ସ୍ତରୀୟ ଆୱାର୍ଡ଼ ଗ୍ରହଣ କରିବା ପରେ କନ୍ଧମାଳ ଜିଲ୍ଲା ବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ସଫଳତା ପାଇଁ କନ୍ଧମାଳ ଜିଲ୍ଲାବାସୀଙ୍କ ଅବିରତ ସ୍ନେହ, ସହଯୋଗ ଓ ଭଲ ପାଇବାକୁ ସେ ମୁଖ୍ୟ କାରଣ ବୋଲି ଉଲ୍ଲେଖ କରିଛନ୍ତି । ଏହି ସମ୍ମାନକୁ ସେ ସମ୍ପୂର୍ଣ୍ଣ ରୂପେ ତାଙ୍କ ପ୍ରିୟ କନ୍ଧମାଳ ବାସୀଙ୍କୁ ଉତ୍ସର୍ଗୀକୃତ କରିଛନ୍ତି । ଏହି ପୁରସ୍କାର ଓଡ଼ିଶାର ଯୁବ ସାମ୍ବାଦିକ ମାନଙ୍କ ପାଇଁ ବଡ଼ ପ୍ରେରଣାର ସ୍ରୋତ ହୋଇପାରିବ ବୋଲି ମନେ କରାଯାଉଛି । ବର୍ତ୍ତମାନ ବିଭିନ୍ନ ମହଲରୁ ରାଧାମୋହନଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ରାଜ୍ୟସ୍ତରୀୟ ଦଳର ପଡୁଆ ପଞ୍ଚାୟତ ପରିଦର୍ଶନ

ଚମ୍ପୁଆ : ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ସଂରକ୍ଷଣ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଦଳ ପଡୁଆ ପଞ୍ଚାୟତକୁ ପରିଦର୍ଶନ କରିଥିବା ଜଣାପଡିଛି । ଖବର ଅନୁସାରେ, ଚଳିତବର୍ଷ କେନ୍ଦୁଝର ଜିଲ୍ଲାରୁ ଏକ ମାତ୍ର ଆଦର୍ଶ ପଞ୍ଚାୟତ ଭାବେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଞ୍ଚାୟତକୁ ଘୋଷଣା କରିବା ନିମନ୍ତେ ମନୋନୀତ କରାଯାଇଛି । ଫଳରେ ପଂଚାୟତର ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ରାସ୍ତାଘାଟ, ପୋଖରୀ, ଗାଧୁଆତୁଠ, କୃଷି, ଜୀବନ ଜୀବିକାରେ ଜଳ ସଂରକ୍ଷଣ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା, ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ଆଦିକୁ ରାଜ୍ୟସ୍ତରରୁ ପଂଚାୟତ ପରିଦର୍ଶନରେ ଆସିଥିବା ଅଧିକାରୀ ମାନେ ତନ୍ନ ତନ୍ନ କରି ଅନୁଧାନ କରି ତା'ର ଭିଡିଓ ଉତୋଳନ କରିବା ସହିତ ଗ୍ରାମସଭାରେ ପଂଚାୟତ ପକ୍ଷରୁ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକର ସମୀକ୍ଷା କରିଛନ୍ତି । ଯାହାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବାପରେ ପଡୁଆ ପଂଚାୟତକୁ ଆଦର୍ଶ ପଂଚାୟତ ଭାବେ ଘୋଷଣା କରାଯିବା ନେଇ ବିଚାର କରାଯିବ । ତେବେ ଜିଲ୍ଲାରେ ପଡୁଆ ପଂଚାୟତ ପ୍ରଥମ ସ୍ଥାନରେ ଥିବାରୁ ପଂଚାୟତ ବାସୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ପଡୁଆ ସରପଂଚ ମନୋଜ କୁମାର ନାଏକ, ପିଇଓ ଗଣେଶ୍ୱର ପ୍ରଧାନ, ଏଡିଇଓ. ମଲ୍ଲୀ ମହାନ୍ତ, ଭୂଇଁପୁର ପିଇଓ ଅନିଲ କୁମାର ମହାନ୍ତ, ଉଚ୍ଚବାଲି ପିଇଓ ସ୍ୱାଗତିକା ପୃଷ୍ଟି, ଆର.ଡବ୍ଲୁ.ଏସ.ଏସ. ଜେଇ କରନ ସୋରେନ, ବିଆର୍‌ସି ଚମ୍ପୁଆ ସୁଶମା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ୮୦ ମେଧାବୀ ଛାତ୍ରଛାତ୍ରୀଙ୍କୁ ମିଳିଲା ଆର୍ଥିକ ସହାୟତା

ସମ୍ବଲପୁର: ସମ୍ବଲପୁରର ଅଗ୍ରଣୀ ସେଚ୍ଛାସେବୀ ଅନୁଷ୍ଠାନ 'ଉତ୍ସର୍ଗ' ପକ୍ଷରୁ ଚଳିତ ବର୍ଷର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରକଳ୍ପ ସଫଳତାର ସମ୍ପର୍ଣ୍ଣ ହୋଇଛି । ଏହି କ୍ରମରେ ୮୦ରୁ ଉର୍ଦ୍ଧ୍ୱ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ପାଇଁ ଏବଂ ଦୁଇ ଜଣଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଓ ପୁରସ୍କାର ପ୍ରଦାନ କରାଯାଇଛି । ଅର୍ଥାଭାବ ଯୋଗୁ ପାଠ ପଢାରେ ଡୋରି ବାନ୍ଧିବାକୁ ଯାଉଥିବା ଅନେକ ଛାତ୍ରଛାତ୍ରୀ ଉତ୍ସର୍ଗ'ର ଏହି ପ୍ରକଳ୍ପ ଦ୍ୱାରା ଆଗକୁ ପଢିବା ପାଇଁ ଉତ୍ସାହିତ ହେବ୍ଚେ । ଏହିଭଳି ସେବା ଦୁର୍ବଳ ଆର୍ଥିକ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ସାହ ଓ ଆଶ୍ୱାସନାର ବିଷୟ ବୋଲି ପ୍ରକଳ୍ପ ସଂଯୋଜକ ପ୍ରିୟ ରଞ୍ଜନ ସାହୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ବିଗତ ୪୧ବର୍ଷ ଧରି ଏହି ଅନୁଷ୍ଠାନ ରକ୍ତଦାନ, ରୋଗୀ ସେବା, ସମାଜସେବା ଓ ଶିକ୍ଷା ସହାୟତା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛି । ଏଥିରେ ଅନାଥାଶ୍ରମ ଛାତ୍ରଛାତ୍ରୀ ବିଶେଷ ଭାବରେ ଉପକୃତ ହୋଇଆସୁଛନ୍ତି । ଚଳିତ ବର୍ଷ ଏହି ପ୍ରକଳ୍ପର ସମ୍ପ୍ରସାରିତ ଯୋଜନାରେ ସ୍ମାଇଲ ଫାଉଣ୍ଡେସନ, ନୂଆଦିଲ୍ଲୀ ସହଯୋଗ କରିଛି । ଏଥିରେ ମେଟ୍ରିକ ପରୀକ୍ଷାରେ ଜିଲ୍ଲାର ୩୨ଟି ସରକାରୀ ହାଇସ୍କୁଲର ଅଧିକ ମାର୍କ ହାସଲ କରିଥିବା ୬୮ ଜଣଙ୍କୁ ଗ୍ରେଡ୍ ଅନୁଯାୟୀ ୧ଲକ୍ଷ ୪୧ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି କଳାହାଣ୍ଡି ଜିଲ୍ଲା ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜର ଜଣେ, ସମ୍ବଲପୁର ସରକାରୀ ମହିଳା କଲେଜର ୯ ଜଣ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୨ ଜଣଙ୍କୁ ଉଚ୍ଚତର ଶିକ୍ଷା ପାଇଁ ୩,୦୪,୨୦୦ ଟଙ୍କାର ସହାୟତା ରାଶି ଚଳିତ ବର୍ଷ ପାଇଁ ହସ୍ତାନ୍ତର କରାଯାଇଛି । ଏମାନଙ୍କ ମଧ୍ୟରେ ୧୦ ଜଣ ଛାତ୍ରୀ ଅଛନ୍ତି ଓ ଏଥିପାଇଁ ବଂଚିତ ତଥା ଆର୍ଥିକ ଅନଗ୍ରସରତାକୁ ମାପକାଠି କରାଯାଇଥିଲା ବୋଲି ଶ୍ରୀ ସାହୁ କହିଛନ୍ତି । ଏହି ଅବସରରେ ଜରୁରୀକାଳୀନ ପରିସ୍ଥିତିର ଡ୍ରିଆରଆଇ ବନ୍ଦୀ ତଥା ବ୍ୟବସାୟୀ ବିଜୟ କେଡ଼ିଆ(୭୫) ତାଙ୍କ ବନ୍ଧୁ ଗୋପାଳ କେଡ଼ିଆଙ୍କ ସ୍ମୃତିରେ ପେନସନ୍ ବାବଦକୁ ପାଇଥିବା ଓ ନିଜ ପକ୍ଷରୁ ୩ ଲକ୍ଷ ଟଙ୍କାର ଚେକ ଜନସେବା ପାଇଁ ଉତ୍ସର୍ଗକୁ ହସ୍ତାନ୍ତର କରିଥିଲେ । ସେହିଭଳି ବିଶିଷ୍ଟ ନାଟ୍ୟକାର ବିତ ପ୍ର. ସୁଦର୍ଶନ ପୂଜାରୀଙ୍କ ସ୍ମୃତିରେ ଏକ ସିଲିଣ୍ଡର ଓ ଅନ୍ୟ ଆନୁସାଙ୍ଗିକ ସାମଗ୍ରୀ ପ୍ରଦାନ କରିଥିଲେ । ଏଥିପାଇଁ ସୁଧୀର ପୂଜାରୀ ଉତ୍ସର୍ଗ ତରଫରୁ ଶ୍ରୀ କେଡ଼ିଆ ଏବଂ ପ୍ର. ପୂଜାରୀଙ୍କ କନ୍ୟା ଜିଜ୍ଞାସା ପୂଜାରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଞ୍ଜୀବ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ହୋତା, ସଂଯୋଜକ ପ୍ରଶାନ୍ତ ପାଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ସ୍ତରୀୟ ପରିଭ୍ରମଣ କାର୍ଯ୍ୟକ୍ରମ

ମାଲକାନଗିରି : ମାଲକାନଗିରି ଜିଲ୍ଲା ଉପାନ୍ତ ମାଥିଲି ବ୍ଲକ ଟେମୁରୁପାଲି ପଂଚାୟତ ଅନ୍ତର୍ଗତ କୁକୁରକୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ପରିଭ୍ରମଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା । ସାଲିମି ପଂଚାୟତ ଅନ୍ତର୍ଗତ ଚାମୁଣ୍ଡାରାଣି ନିକଟରେ ଥିବା ଏକାଗୋଡ଼ି ଜଳପ୍ରପାତ ପରିଭ୍ରମଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବାଲ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ମାନଙ୍କ ସହ କେତେକ ଅବିଭାବକ ଉପସ୍ଥିତଥିଲେ । ଏହି ଅବସରରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ନକୁଳ ଚନ୍ଦ୍ର ବିଶ୍ୱାଳ ଛାତ୍ରଛାତ୍ରୀ ମାନଙ୍କୁ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଜଳପ୍ରପାତ କିପରି ସୃଷ୍ଟି ହେଉଛି ଏବଂ ଭୂମିରୁପ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ସେହିପରି ସହକାରୀ ଶିକ୍ଷକ ପି. ଜାନକୀ ରାଓ ପ୍ରାକୃତିକ ଭାବେ ଜଙ୍ଗଲ ସୃଷ୍ଟି ସହ ବୃକ୍ଷର ବିଭିନ୍ନ ଅଂଶ ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପାଳଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଟେମୁରୁପାଲି ପଂଚାୟତ ସରପଂଚ ତୁମେଶ୍ୱର ସମରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସିଆରସି ସତ୍ୟବ୍ରତ ବେହେରା, ଟେମୁରୁପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଜେନା, ପରିଚାଳନା କମିଟି ସଭାପତି ମାରୁ ଦୂରୂଆ ଯୋଗଦେଇ ପରିଭ୍ରମଣ କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଲେ ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ପ୍ରକାରର ଦକ୍ଷତା ବୃଦ୍ଧି ହେବ ବୋଲି ମତ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଦୂରଭାଷ ଯୋଗେ ଛାତ୍ର ଛାତ୍ରୀ ମାନଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଆଶିଷ କୁମାର ଓଡ଼ିଆ ନିଲାରାମ ଦୁରୁଆ, ସନା ସୋଡ଼ି, ମଙ୍ଗଲି ସୋଡି, ମଙ୍ଗଳା ମିଡିଆମି, ବଳରାମ ଦୁରୁଆ, ବୁଦ୍ରୀ ସୋଡି, ବାଲମତି ଦୁରୁଆ, ସୁନୀଲ ଦୁରୁଆ ଉପସ୍ଥିତ ଥିଲେ ।

# ସବ୍ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



ବଲାଙ୍ଗିର(ପିପିଏସ୍) : ଆଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କରକମଳରେ ନୂତନ ଭାବେ ବଲାଙ୍ଗିର ଜିଲ୍ଲାର ବେଲପଡା, ଖପ୍ରାଖୋଲ, ସଇଁତଳା ଓ ଦେଓଗାଁରେ ସବ୍ ରେଜିଷ୍ଟ୍ରାର ବା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି । ଏହା ସହ 'ଆମ ସାଥି' ସହାୟକ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ଲୋକାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟାଳୟର ଅସ୍ଥାନ ବୈଠକଗୃହ ଠାରେ ଜିଲ୍ଲାପାଳ ଗୌରୱ୍ ଶିୱାଜୀ ଇସଲୱାର, ଅତିରିକ୍ତ ଜିଲ୍ଲାପାଳ ପବିତ୍ର କୁମାର ବେହେରା, ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ଦେବସ୍ମିତ ମଲ୍ଲିକ, ସୌମ୍ୟ ରଞ୍ଜନ ବେହେରା ଓ ସହକାରୀ ଜିଲ୍ଲାପାଳ ସରିତା ରାଣୀ ଶତପଥି, ସସ୍ମିତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଯୋଗ ଦେଇଥିଲେ । ଜନସାଧାରଣ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ସହ ଯୋଡି ହୋଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସରକାରୀ ସେବା ସୁବିଧାଗୁଡିକ ପାଇ ପାରିବେ । ଏହାର ହ୍ୱାଟ୍ସଆପ୍ ନମ୍ବର ହେଉଛି ୯୪୩୭୨୯୨୦୦୦ । ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ତଥା "ଆମ ସାଥି" ସେବା ଦ୍ୱାରା ଜନସାଧାରଣ ଆଉ ଦୂରରେ ଥିବା ଜିଲ୍ଲା କାର୍ଯ୍ୟାଳୟକୁ ଯିବାକୁ ପଡିବନାହିଁ । ଏଣିକି ସମ୍ପୃକ୍ତ ତହସିଲରେ ବସବାସ କରୁଥିବା ଜନସାଧାରଣ ଜମି ଘର କ୍ରୟ ବିକ୍ରୟ ଦଲିଲ ତଥା ଜମି ସଂକ୍ରାନ୍ତ, ପ୍ରମାଣପତ୍ର ସମ୍ପର୍କିତ ସମସ୍ତ ସେବା ନିଜ ନିଜ ତହସିଲରେ ପାଇପାରିବେ । ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପର୍ଯ୍ୟନ୍ତ ସବ୍ ରେଜିଷ୍ଟ୍ରାର ଅଫିସ୍ ଅସ୍ଥାୟୀ ଭାବେ ତହସିଲ୍ କାର୍ଯ୍ୟାଳୟରେ କାର୍ଯ୍ୟ କରିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

*ଠିକ ନେତୃତ୍ୱ ନିଜର ସାଧନ ନିଜେ ପ୍ରସ୍ତୁତ କରେ ଓ ନିଜର ଗୋଷ୍ଠୀକୁ ସଂଗଠିତ କରି ଗଢ଼େ । ମାତ୍ର ଭୁଲ୍ ନେତୃତ୍ୱ ସବୁବେଳେ ନିଜର ସାଧନାକୁ ଦୋଷ ଦେଇ ଚାଲେ ଓ ନିଜ ଗୋଷ୍ଠୀକୁ ବିଭକ୍ତ ଓ ଅସଂଲଗ୍ନ କରିଦିଏ ।*

(ଗାଁ ମଜଲିସ୍, ୭ମ ଖଣ୍ଡ, ପୃଷ୍ଠା-୧୮)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୦୯।୦୨।୨୦୨୬ ■ ସୋମବାର

# ଦୁଃଖଦାୟକ ଘଟଣା

ଦିଲ୍ଲୀ ନିକଟସ୍ଥ ଗାଜିଆବାଦରେ ତିନିଜଣ ଭଉଣୀ ନଅତାଲା କୋଠାରୁ ତଳକୁ ଡେଇଁପଡ଼ି ପ୍ରାଣ ହରାଇଥିବା ଘଟଣାକୁ କେବଳ 'ଆତ୍ମହତ୍ୟା' କହିବା ବାସ୍ତବତା ପ୍ରତି ଆଖି ମୁଦିଦେବା ଭଳି ହେବ । ବାର, ଚଉଦ ଓ ଷୋହଳ ବର୍ଷ ବୟସର ଏ ଝିଅ ତିନିଜଣ ଅଜସ୍ର ସ୍ୱପ୍ନ ଦେଖି ଖୋଲା ଆକାଶରେ ଉଡ଼ିବୁଲିବାକୁ ଇଚ୍ଛୁକ ଥିଲେ ନିଶ୍ଚୟ । ସେ ବୟସରେ ମୃତ୍ୟୁକୁ ଆଲିଙ୍ଗନ କରିବା କିଏ ବା କିପରି ଗ୍ରହଣ କରିପାରିବ ? ପରିସ୍ଥିତି ଓ ଆଭାସୀ ଭାବନାର ମିଥ୍ୟା ସଂସାର ଯେ ଏ ନିଷ୍ପାପଙ୍କୁ ମୃତ୍ୟୁଦ୍ୱାରରେ ନେଇ ପହଞ୍ଚାଇ ଦେଲା, ଏଥିରେ ସନ୍ଦେହ ନାହିଁ । ଏହାକୁ 'ଡିଜିଟାଲ ମର୍ଡର' ବୋଲି କୁହାଯିବ । ଏପ୍ରକାର ବିପଜ୍ଜନକ ଗେମ୍ ଓ ଏହା ଯୋଗୁଁ ପିଲାମାନଙ୍କୁ ପରସୁଥିବା ବ୍ୟକ୍ତିଙ୍କ ଲାଗି ଆଇନରେ ଦଫାଗୁଡ଼ିକୁ ଅଧିକ କଠୋର କରିବାକୁ ହେବ । ଏହି ଦୁଃଖଦ ଘଟଣା ଖୁନୀ ଡିଜିଟାଲ୍ ଏଲ୍‌ଗୋରିଦମ୍‌ର ପରିଣାମ, ଯାହା ମୋବାଇଲ୍ ଜରିଆରେ ଆମ ସମସ୍ତଙ୍କ ଘର ଭିତରକୁ ପଶିଆସିଛି । ଏ ଘଟଣା 'କୋରିୟନ ଲଭ୍ ଗେମ୍' ପ୍ରତି ନିଶା ଓ ତା'ପଛରେ ଲୁଚିଥିବା ଏଲ୍‌ଗୋରିଦମ୍ ଯୋଗୁଁ ହୋଇଛି । ଏ ଡିଜିଟାଲ ଏଲ୍‌ଗୋରିଦମ୍ ନିଷ୍ପାପ ସରଳ ମିଜାଜକୁ ପୂରାମାତ୍ରାରେ ପ୍ରଭାବିତ କରି ନିଜ ବଶକୁ ନେଇଯାଉଛି ଓ ବିବେକ ଉପରେ ମିଛ ଭାବନା ଜରିଆରେ ପରଦା ପକାଇଦେଉଛି ।

ଏହାକୁ ବୁଝିବା ଲାଗି ଏଇ ତିନି ଭଉଣୀଙ୍କ ଆଠ ପୃଷ୍ଠାର ଆତ୍ମହତ୍ୟା ନୋଟ୍ ଉପରେ ନଜର ପକାଇଲେ ଜଣାପଡ଼େ । ଏହା ଜୀବନରେ ହତାଶ ହୋଇ କୌଣସି ଅବୁଝା ପିଲା ଆତ୍ମହତ୍ୟା କରିବାର ଚିଠି ନୁହେଁ, ବରଂ ଡିଜିଟାଲ ଦୁନିଆ ବିରୋଧରେ ଏକ ଆରୋପପତ୍ର । "ମମି-ପାପା ସରି... ଗେମ୍ ଛାଡ଼ି ପାରୁନାହୁଁ ।" ଏ ବାକ୍ୟ ସାବ୍ୟସ୍ତ କରିଛି ଯେ ଏ କିଶୋରୀମାନେ କେତେମାତ୍ରାରେ ମାନସିକ ଚାପଗ୍ରସ୍ତ ହୋଇଯାଇଥିଲେ । ସେମାନେ ମାନସିକ ରୋଗଗ୍ରସ୍ତ ନଥିଲେ, ବରଂ ଏକ ଏପରି ପ୍ରୋଗ୍ରାମିଙ୍ଗର ଶିକାର ଥିଲେ, ଯାହାର ପ୍ରସ୍ତୁତ ନିଶା ବଢ଼ାଇବା ପାଇଁ ହୋଇଛି । 'ଟାସ୍କ-ବେସ୍‌ଡ ଗେମ୍' ଖେଳୁଥିବା ପିଲାଙ୍କ ମନରେ ଡୋପାମାଇନ୍‌ର ଏପରି ସ୍ତର ସୃଷ୍ଟି କରିଦେଇଥାଏ ଯେ ସେମାନଙ୍କୁ ବାସ୍ତବ ଦୁନିଆ ଅସାର ଲାଗେ ଓ ଡିଜିଟାଲ ଖେଳର ଚାଲେଞ୍ଜ ହିଁ ଜୀବନର ଏକମାତ୍ର ସତ୍ୟ ବୋଲି ଲାଗେ । ଯେବେ କୌଣସି ଗେମ୍ ପିଲାକୁ ସ୍କୁଲ୍ ଓ ବହିଠାରୁ ଦୂରେଇ ଦିଏ, ସେତେବେଳେ ତାହା ଆଉ ମନୋରଂଜନ ହୋଇ ରହେନାହିଁ, ମାନସିକ ସ୍ତରରେ ପିଲାକୁ ତାହାର ଦାସ କରିଦିଏ । ଗାଜିଆବାଦର ଘଟଣାରେ ଯେବେ ପିତା ସେ ତିନି ଝିଅଙ୍କୁ ରୋକିବା ଲାଗି ଉଦ୍ୟମ କଲେ, ତାହା ସେମାନଙ୍କ ଲାଗି ଶତ୍ରୁତାପୂର୍ଣ୍ଣ ଭଳି ଥିଲା ।

ଏ ଗେମ୍‌ର ପ୍ରୋଗ୍ରାମିଙ୍ଗ୍ ଏପରି ଯେ ଖେଳାଳିକୁ ବାହ୍ୟଦୁନିଆରୁ ବିଚ୍ଛିନ୍ନ କରିଦିଏ । ଆଜିର ଦୁନିଆରେ ମୋବାଇଲ୍ ବିନା ଜୀବନ ଦୁର୍ବିସହ ସତ, କିନ୍ତୁ ସ୍ମରଣ ରଖିବାକୁ ହେବ ଯେ ସ୍ମାର୍ଟଫୋନ୍ ଉପଯୋଗୀ ହେବା ସହିତ ଏକ 'ସାଇଲେଣ୍ଟ କିଲର' ମଧ୍ୟ । ଗାଜିଆବାଦର ଘଟଣା ପ୍ରତ୍ୟେକ ମାତା-ପିତାଙ୍କ ଲାଗି ଚେତାବନୀ, ଯେଉଁମାନେ ଭାବୁଛନ୍ତି ତାଙ୍କ ପିଲା ଘର ରୁମରେ ସୁରକ୍ଷିତ ରହି ମୋବାଇଲ୍‌ରେ ଖେଳୁଛି । କୋରିଏନ ଲଭ ଗେମ୍ ଭଳି ଡିଜିଟାଲ ଖେଳ ପିଲାଙ୍କ ଭାବନା ଓ ଅସୁରକ୍ଷା ବୋଧର ଫାଇଦା ଉଠାଇ ସେମାନଙ୍କୁ 'ଟାସ୍କ' ପୂରଣ କରିବା ଲାଗି ବାଧ୍ୟ କରିଥାଏ । ନିରୀକ୍ଷଣର ଅଭାବ ଯୋଗୁଁ ଗେମିଙ୍ଗ କମ୍ପାନୀମାନେ ପ୍ରଚୁର ମୁନାଫା ପାଇଁ ଏପରି ସବୁ ଫିଚର ଛାଡ଼ୁଛନ୍ତି, ଯାହା ପିଲାଙ୍କ କୋମଳ ମସ୍ତିଷ୍କ ଉପରେ ଗଭୀର ପ୍ରହାର କରୁଛି ଓ ସେମାନଙ୍କୁ ମୃତ୍ୟୁମୁଖକୁ ନେଇଯାଉଛି । ଗାଜିଆବାଦର ଘଟଣା କେବଳ ଏକ ପରିବାରର ଘଟଣା ନୁହେଁ, ବରଂ ଏକ ବଡ଼ ସାମାଜିକ ସଂକଟ । ଆମକୁ 'ଡିଜିଟାଲ ପେରେଣ୍ଟିଙ୍ଗ'କୁ ଏବେ ଗମ୍ଭୀରତାର ସହ ପାଳନ କରିବାକୁ ହେବ । ପିଲାଙ୍କ ବ୍ୟବହାରରେ ପରିବର୍ତ୍ତନ, ଏକାନ୍ତ-ପ୍ରିୟତା ଓ ପାଠପଢ଼ାଠାରୁ ଦୂରେଇଯିବା ଅଭ୍ୟାସକୁ ସାଧାରଣ ବୋଲି ଭାବିବା ଠିକ୍ ହେବନାହିଁ । ସ୍ମରଣ ରଖିବାକୁ ହେବ ଯେ ମୋବାଇଲ ସ୍କ୍ରିନ ପଛରେ ଲୁଚିଥିବା ବିପଦ ଆମ ଘର ଭିତରକୁ ପଶି ସାରିଲାଣି । ❒❒

# ଶାନ୍ତି ଓ ମୁକ୍ତି

ଜନୈକ ଭକ୍ତଙ୍କର ପ୍ରଶ୍ନ ଥିଲା - ଶାନ୍ତି ଓ ମୁକ୍ତି ଭିତରେ କେଉଁଟି ବଡ । ଯୁଗପୁରୁଷ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱଭାବ ସୁଲଭ କରୁଣା ନିର୍ଝର ହାସ୍ୟମୟ ମୁଖରେ କହିଲେ - ମୁକ୍ତି ନେଇ ମୋର କଣ ହେବ ? ପ୍ରଭୁ ଅନନ୍ତ କାଳ ଅଛନ୍ତି ଓ ମୁଁ ମଧ୍ୟ ଅନନ୍ତକାଳ ରହିବି ତାଙ୍କର ଦାସ ରୂପରେ । ତା ନ ହେଲେ ଅସ୍ତିତ୍ୱ ଲୋପ କରି ଦେଇ ମୁକ୍ତିଲାଭ ପୁଣି କେଉଁ ଆନନ୍ଦର କଥା ? ମୁଁ ବିପଦ ଠାରୁ ମୁକ୍ତି ଚାହେଁ, କିନ୍ତୁ ମୋର ଏହି ଦେହ ଠାରୁ ମୁକ୍ତି ଚାହେଁ ନାହିଁ । ଭଗବାନ (ଗଡ୍) ଶବ୍ଦର ଅର୍ଥ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର କହିଲେ - ଗଡ୍‌ର ସଂସ୍କୃତ ଧାତୁ ହେଲା ହୁ ଅର୍ଥ ଆହ୍ୱାନ କରିବା । ସେହି ଆହ୍ୱାନ କିପରି ? ଭଗବାନଙ୍କ ଅନ୍ତରରେ ସ୍ମରଣ ମନନ କରି ତାଙ୍କର ଗୁଣାବଳୀରେ ଅଭିଷିକ୍ତ ହୋଇ ଉଠିବା । ଯେପରି ଯୀଶୁଖ୍ରୀଷ୍ଟଙ୍କୁ ଆହ୍ୱାନ କରି ଆଜି ତାଙ୍କର ଗୁଣାବଳୀକୁ ଆମ ଭିତରେ ଅଭିଷିକ୍ତ କରିବୁ, ତାଙ୍କର ଭାବବୃତ୍ତି ଅନୁଯାୟୀ ଆମ୍ଭେମାନେ କ୍ରିୟାଶୀଳ ହୋଇ ଉଠିବୁ, ଆମ୍ଭମାନଙ୍କର ଆଚରଣ ଭିତରେ ତାହା ସଞ୍ଚାରିତ ହେବ। ଆମ୍ଭେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ଓ ଅସ୍ତିତ୍ୱର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେହି ଭାବାନୁଯାୟୀ ନିଜକୁ ପରିଚାଳିତ କରିବୁ । ଆପଣ ଜଣେ ଶିକ୍ଷକ, ଯାହା ଆପଣ କରୁଛନ୍ତି ତାହା ବହୁତ ଭଲ। ଆପଣ କିନ୍ତୁ ଆପଣଙ୍କ ଛାତ୍ରକୁ କୌଣସି କର୍ମରେ ପୂର୍ଣ୍ଣଚ୍ଛେଦ ପକାଇବାକୁ କୁହନ୍ତି ନାହିଁ, କେବେ କୁହନ୍ତି ନାହିଁ ଯେ ତୁମର ଜାଣିବାର ଶେଷ ହୋଇଗଲା । ଈଶ୍ୱର-ଉପାସନା ମଧ୍ୟ ତାହା, ତାର ଶେଷ ନାହିଁ। ଈଶ୍ୱର ଅନନ୍ତ ଓ ତାଙ୍କ ପାଇଁ ଚାଲିବା ମଧ୍ୟ ଅନନ୍ତ। ଈଶ୍ୱର ମାନେ ଅଧିପତି ଓ ଆଧିପତ୍ୟ। ଆଧିପତ୍ୟ ହେଲା, ଧାରଣ ପାଳନୀ ସମ୍ବେଗ। ଧାରଣ ପାଳନ ସମ୍ବେଦନା-ଅଭିଷିକ୍ତ ବ୍ୟକ୍ତିତ୍ୱ ଯେତେ ପରିମାଣରେ ଆପଣଙ୍କ ଭିତରେ ଫୁଟି ଉଠିଲା ସେତେ ପରିମାଣରେ ଆପଣଙ୍କ ଭିତରେ ଈଶ୍ୱିତ୍ୱ ଅଧିଷ୍ଠିତ ହେଲା। ଏହି ଧାରଣ ପାଳନୀ ସମ୍ବେଗ ଅଳ୍ପ-ବହୁତ ସମସ୍ତଙ୍କ ଭିତରେ ରହିଛି। କାହିଁକି ଅଛି ? କାରଣ ଆମ୍ଭେମାନେ ବଞ୍ଚିବାକୁ ଚାହୁଁ । ଆମ୍ଭମାନଙ୍କର କ୍ଷୁଧା, ତୃଷ୍ଣା, ଭୟ ଯାହା କିଛି ଅଛି ସବୁ ନେଇ ଆମ୍ଭେମାନେ ବଞ୍ଚିବାକୁ ଚାହୁଁ । ଆଉ ଚାହୁଁ ସ୍ୱାଧୀନତା-ଅର୍ଥ, ଯେତେବେଳେ ଆମ୍ଭେମାନେ ସମସ୍ତେ ମିଶି ପ୍ରିୟ ପରମଙ୍କ ଆବାସ ସ୍ଥାନରେ ପାରସ୍ପରିକ ସ୍ୱାର୍ଥସମ୍ବନ୍ଧ ହୋଇ ରହିଥାଉ, ସେତେବେଳେ ହିଁ ଆମ୍ଭେ ପ୍ରୀଦମ୍ - (ପ୍ରୀ- ପ୍ରୀତି, ଦମ୍ (ବୈଦିକ)- ଗୃହ) ବା ଫ୍ରିଡମ୍ ବା ସ୍ୱାଧୀନତା ଉପଲବ୍ଧି କରୁ । ସ୍ୱାଧୀନତା ମାନେ କିନ୍ତୁ ଯିଏ ଯାହାର ଇଚ୍ଛା ବା ଖୁସି ସହକାରେ ଚାଲିବା ତାହା ନୁହେଁ । ସ୍ୱେଚ୍ଛାଚାରିତା ସ୍ୱାଧୀନତା ନୁହେଁ । ସ୍ୱାର୍ଥପରତା ସ୍ୱାଧୀନତା ନୁହେଁ ।

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

କଟକ

# ଭାରତ-ୟୁରୋପ ସଂପର୍କର ନୂଆ ସୋପାନ

**ସୌମେନ୍ଦ୍ର ଜେନା**

ନିକଟରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟିକ ବୁଝାମଣା ଖୁବ୍ ସହଜରେ ସଂପନ୍ନ ହୋଇଛି। କିନ୍ତୁ ଏହି ପ୍ରକ୍ରିୟା ପାଖାପାଖି ଦୁଇଦଶନ୍ଧିର ରହିଥିଲା । ଦୁଇପକ୍ଷଙ୍କ ମଧ୍ୟରେ ବୁଝାମଣା ଗତ ସନ୍ଦେହ ଯୋଗୁ କାର୍ଯ୍ୟବିଶେଷ ଆଗେଇପାରି ନଥିଲା। ଯେଉଁଥିପାଇଁ ଏହି ସମୟରେ ଦୁଇ ଦୁଇଟି ସରକାରଙ୍କୁ ଢେର ପ୍ରୟାସ କରିବାକୁ ପଡ଼ିଛି। ପ୍ରଥମେ ମନମୋହନ ସିଂହଙ୍କ ସରକାର ଉଦ୍ୟମ ଆରମ୍ଭ କରିଥିଲେ ଏବଂ ବର୍ତ୍ତମାନର ମୋଦି ସରକାର ତାକୁ ଶେଷ କଲେ। ଅଥଚ ଭାରତର ଦୁଇ ପଡୋଶୀ ରାଷ୍ଟ୍ର ବଙ୍ଗଳାଦେଶ ଓ ପାକିସ୍ତାନ ୟୁରୋପୀୟ ରାଷ୍ଟ୍ରମାନଙ୍କରେ ବାଣିଜ୍ୟିକ ସୁବିଧା ପାଇଆସୁଥିବାରୁ ଭାରତ ତୁଳନାରେ ଅଧିକ ବ୍ୟବସାୟ କିଛି କ୍ଷେତ୍ରରେ ଆଜିଯାଏଁ କରିଆସିଛନ୍ତି। ଅଧିକ ଟିକସ ହେବା ଯୋଗୁ ଭାରତର ବସ୍ତୁ ୟୁରୋପରେ ପାକ୍ ଓ ବଙ୍ଗଳାଦେଶଠାରୁ ଅଧିକ ହେବା ଯୋଗୁ ବିକ୍ରୀ ହୋଇପାରୁନଥିଲା। କିନ୍ତୁ ଏବେ ସେ ଅସୁବିଧା ଆଉ ରହିବ ନାହିଁ।

ଦେଖିବାକୁ ଗଲେ ଭାରତ ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ରହିଥିବା ସଂପର୍କ ବହୁ ପୁରୁଣା । ୧୯୬୦ ଦଶକର ଆରମ୍ଭରେ ୧୯୬୨ରୁ ଭାରତ-ୟୁରୋପୀୟ ଆର୍ଥିକ ଗୋଷ୍ଠୀ (ଇଇସି) ମଧ୍ୟରେ ସଂପର୍କ ସ୍ଥାପିତ ହୋଇଥିଲା ।୧୯୯୩ର ମିଳିତ ରାଜନୈତିକ ଘୋଷଣା ଏବଂ ୧୯୯୪ର ସହଯୋଗର ଘୋଷଣା ହିଁ ଦ୍ୱିପାକ୍ଷିକ ବୁଝାମଣାର ମୂଳଦୁଆ ପକାଇଥିଲା । ପରେ ୨୦୦୪ରେ ଭାରତ ଓ ୟୁରୋପୀୟ ସଂଘ ରଣନୀତିକ ସହଯୋଗୀ ହୋଇଥିଲେ। ୨୦୦୭ରୁ ଉଭୟପକ୍ଷ ଏକ ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ଉଦ୍ୟମ କରିଆସୁଥିଲେ। ସେଥିପାଇଁ ୨୦୦୫ରୁ ଏକ ମିଳିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇଥିଲା, ଯାହା ୨୦୦୮ରେ ସଂଶୋଧିତ ରୂପ ନେଇଥିଲା । ୨୦୦୯ ଏବଂ ୨୦୧୨ରେ ଭାରତ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ଶିଖର ବୈଠକର ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ତେବେ ୨୦୦୦ରେ ଲିସବନଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଶିଖର ବୈଠକରେ ଏଥିପାଇଁ ଯେଉଁ ଉଦ୍ୟମ କରାଯାଇଥିଲା ତାର ଫଳସ୍ୱରୂପ ୨୦୦୪ରେ ହେଗ୍‌ଠାରେ ଅନୁଷ୍ଠିତ ୫ମ ଶିଖର ବୈଠକ କାଳରେ "ରଣନୀତିକ ସଂପର୍କ" ସୃଷ୍ଟି ହୋଇଥିଲା । ବସ୍ତୁ ସେବା ଓ ପୁଞ୍ଜିନିବେଶକୁ ଦୃଷ୍ଟିରେ ରଖି ୨୦୦୭ରେ ବିସ୍ତାର-ଆଧାରିତ ବାଣିଜ୍ୟ ଓ ନିବେଶ ବୁଝାମଣା (ବିଟିଆଇଏ) ପାଇଁ ଆଲୋଚନା ଆରମ୍ଭ ହେଲା। ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରିଥିଲେ ମଧ୍ୟ ଅନେକ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ଫଳରେ ଆଲୋଚନାରେ ଗତି ଏବଂ ପ୍ରଗତି ପରିଲକ୍ଷିତ ହେଉନଥିଲା । ବୌଦ୍ଧିକ ସଂପଦ ଅଧିକାର (ଆଇପିଆର), ଡାଟା ସୁରକ୍ଷା, ସେବା ଯୋଗାଣ କ୍ଷେତ୍ରରେ ଭିନ୍ନମତ ସୃଷ୍ଟିହେବା ଯୋଗୁ ଏଥିରେ ଶିଥିଳତା ଦେଖାଦେଲା। ୨୦୧୩ରେ ୟୁରୋପୀୟ ସଂଘ ଅଟୋମୋବାଇଲ, ମଦ ଉପରୁ ଭାରତ ପ୍ରବେଶ ଶୁଳ୍କ ହ୍ରାସ କରିବା ଏବଂ ୟୁରୋପୀୟ ସଂଘ ଆଇଟି ସେବା କ୍ଷେତ୍ରରେ ଡାଟାର ସୁରକ୍ଷା କରୁବୋଲି ଭାରତ ଦାବି କରିବା ପରେ ଆଲୋଚନା ଏକପ୍ରକାର ବନ୍ଦ ହୋଇଯାଇଥିଲା। ତେଣୁ ୨୦୧୩ରୁ ୨୦୨୦ ପର୍ଯ୍ୟନ୍ତ ଏକପ୍ରକାର ଦ୍ୱିପାକ୍ଷିକ ଆଲୋଚନା ବନ୍ଦ ରହିଥିଲା। ୨୦୨୧ ମଇ ମାସରେ ଦୁଇପକ୍ଷ ପୁନର୍ବାର ବନ୍ଦ ହୋଇଯାଇଥିବା ଆଲୋଚନାକୁ ଆରମ୍ଭ କରିବା ପାଇଁ ରାଜି ହୋଇଥିଲେ । ଉଭୟପକ୍ଷ ସନ୍ତୁଳିତ, ଆକାଂକ୍ଷୀ, ବହୁପକ୍ଷୀୟ ଏବଂ ପରସ୍ପର ପାଇଁ ଲାଭଦାୟକ ହେବାପରି ବୁଝାମଣା କରିବାଲାଗି ପ୍ରୟାସ କଲେ। ଫଳରେ ଜୁନ ୨୦୨୨ରେ ବ୍ରୁସେଲସଠାରେ ପୁନର୍ବାର ମୁକ୍ତ ବାଣିଜ୍ୟ ବୁଝାମଣା ନିମନ୍ତେ ଆଲୋଚନା ଆରମ୍ଭ ହେଲା। ଯେଉଁଥିରେ ନିବେଶ ସୁରକ୍ଷା ବୁଝାମଣା ଓ ଭୌଗୋଳିକ ସୂଚକାଙ୍କ ସ୍ଥାନ ପାଇଥିଲା। କିନ୍ତୁ ୨୦୨୩ରୁ ୨୦୨୫ ମଧ୍ୟରେ ହୋଇଥିବା ଆଲୋଚନା କାଳରେ ଅନେକ ବିବାଦ ପୁନର୍ବାର ଦୃଷ୍ଟିକୁ ଆସିଥିଲା । ୧୧ଥର ଆଲୋଚନା ହେବା ପରେ ୟୁରୋପୀୟ ସଂଘର କାର୍ବନ ଆଡଜଷ୍ଟମେ❒ ମେକାନିଜିମକୁ ପରିବେଶ ରକ୍ଷା ବଦଳରେ ବାଣିଜ୍ୟ ପାଇଁ ପ୍ରତିବନ୍ଧକ ବୋଲି ଭାରତ ପକ୍ଷରୁ ମତପ୍ରକାଶ ପାଇଲା। ଭାରତ ନିଜର କୃଷିକ୍ଷେତ୍ରକୁ ଆଲୋଚନାରୁ ବାହାରେ ରଖିବାକୁ ଚାହିଁଲା। କୃଷକଙ୍କ ପାଇଁ ଏହା କରିବା ଆବଶ୍ୟକ ଥିଲା। କାରଣ ଏହି ବିଷୟକୁ ନେଇ ଭାରତ-ଆମେରିକା ମଧ୍ୟରେ ଆଜିଯାଏଁ ମୁକ୍ତ ବାଣିଜ୍ୟ ବୁଝାମଣା ହୋଇପାରିନାହିଁ । ଏହାବାଦ ଭାରତ ନିଜର ପେଷାଦାର ଲୋକଙ୍କ ପାଇଁ ୟୁରୋପରେ ମୁକ୍ତ ଚଳାଚଳ ଚାହୁଁଥିବା ସ୍ଥଳେ ୟୁରୋପୀୟ ସଂଘ ଭାରତର ଆର୍ଥିକ ଆଇନ ଏବଂ ଆଇନଗତ ସେବା ବଜାରରେ ପ୍ରବେଶ କରିବାକୁ ଚାହିଁଲେ। ଫଳରେ ମତଭେଦ ଯୋଗୁ ଆଲୋଚନା ଆଗେଇ ପାରିଲା ନାହିଁ। କିନ୍ତୁ ଉର୍ସୁଲା ୨୦୧୯ରେ ଦାୟିତ୍ୱ ନେବାପରେ ଏହି ଆଲୋଚନା ଉପରେ ଜୋରଦେଲେ । ତେଣୁ ୨୦୨୨ରୁ ପୁନର୍ବାର ଆଲୋଚନା ଆରମ୍ଭ ହେଲା। ଫେବୃଆରୀ ୨୦୨୫ରେ ଉର୍ସୁଲାଙ୍କ ଭାରତଗସ୍ତ କାଳରେ ଗୋଟିଏ ବର୍ଷ ମଧ୍ୟରେ ବୁଝାମଣା ଶେଷ କରିବାକୁ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିଲା । ଯାହା ଫଳରେ ୨୭ ଜାନୁଆରୀ ୨୦୨୬ଦିନ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ବୁଝାମଣା ଶେଷ ହେଲା । ଭାରତର ୯୯.୪୫ ପ୍ରତିଶତ ରପ୍ତାନୀ ହେଉଥିବା ବସ୍ତୁଗୁଡିକ ଉପରୁ ୟୁରୋପୀୟ ସଂଘ ପ୍ରବେଶ ଶୁଳ୍କ ଉଠାଇ ନେବାକୁ ରାଜି ହୋଇଥିଲାବେଳେ ଭାରତ ୟୁରୋପୀୟ କାର ଉପରୁ ୧୧୦ ପ୍ରତିଶତରୁ ୧୦ ପ୍ରତିଶତକୁ ଏବଂ ମଦ ଉପରୁ ପ୍ରବେଶ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଥିଲା । ତେବେ ଯାନବାହନ କ୍ଷେତ୍ରରେ ଭାରତ ଧୀରେ ଧୀରେ ୟୁରୋପର ୧୫୦୦୦ ଡଲାରରୁ ଅଧିକ ମୂଲ୍ୟର କାର୍ ଉପରୁ ଶୁଳ୍କ ହ୍ରାସ କରିବାକୁ ମତ ଦେଇଥିଲା। ଭାରତ ମଦ ଏବଂ ସ୍ପିରିଟ୍ ଉପରୁ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଥିଲେ ମଧ୍ୟ କୃଷି ଓ ଦୁଗ୍ଧଜାତ ଦ୍ରବ୍ୟ କ୍ଷେତ୍ର ଆଲୋଚନାର ବାହାରେ ରଖିଥିଲା । ବୁଦ୍ଧିମତ୍ତା ସୁରକ୍ଷା ପାଇଁ ଉଚ୍ଚସ୍ତରୀୟ ବ୍ୟବସ୍ଥା ଭାରତ କରିଥିଲା ବେଳେ ୟୁରୋପୀୟ ଦାବି ଏବଂ ଭାରତର ଆଇନ ମଧ୍ୟରେ ରହିଥିବା ଦୂରତାକୁ ହ୍ରାସ କରାଯିବାକୁ ସ୍ଥିର ହୋଇଥିଲା।

ଭାରତ-ୟୁରୋପୀୟ ସଂଘ ମଧ୍ୟରେ ବୁଝାମଣା ପାଇଁ ଦୀର୍ଘ ୨୨ ବର୍ଷ ଧରି ଆଲୋଚନା ହୋଇଆସୁଥିଲେ ମଧ୍ୟ ବିଳମ୍ବିତ ହେବାର ପ୍ରକୃତ କାରଣ କଣ ରହିଥିଲା ଏହା ଏକ ବଡ ପ୍ରଶ୍ନ। ବୁଝାମଣାକୁ ବିଳମ୍ବିତ କରିବାକୁ ଦୁଇପକ୍ଷଙ୍କ ମଧ୍ୟରେ ବିଶ୍ୱାସଗତ ଦୁର୍ବଳତାକୁ ସାଧାରଣତଃ ଦାୟୀ କରାଯାଇପାରେ । ହେଲେ ବିଶ୍ୱ ବାଣିଜ୍ୟିକ କ୍ଷେତ୍ରରେ ଅନେକଗୁଡ଼ିଏ କାରଣ ଏହି ଆଲୋଚନାର ଗତିପଥରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ । ସିଧାସଳଖ କହିଲେ ଏହି ବୁଝାମଣା ଦୁଇପକ୍ଷ ଲାଭ ପାଇବାକୁ ଥିଲାବେଳେ ଅନେକ ବାହାର ପକ୍ଷଙ୍କ କ୍ଷତି ହେବା ନିଶ୍ଚିତ ଥିଲା। ଏହି ଦୁଇପକ୍ଷ ହେଲେ ଚୀନ ଏବଂ ଆମେରିକା। ଆମେ ଯଦି ଦେଖିବା ୟୁରୋପୀୟ ସଂଘର ଏହି ଦୁଇରାଷ୍ଟ୍ର ସବୁଠୁ ଅଧିକ ବାଣିଜ୍ୟ କରିଥାନ୍ତି । ଆମେରିକାର ପ୍ରଭାବ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଉପରେ ଅଧିକ ଥିଲାବେଳେ ଚୀନ ଯୋଗାଣପାଇଁ ୟୁରୋପରେ ଭାରତକୁ ଅଟକାଇବାକୁ ଚାହୁଁଥିଲା । ଯାହାଫଳରେ ଆମେ ଦେଖିବା ଯେ ୨୦୦୪ ପରଠାରୁ ଚୀନର ପ୍ରତିବର୍ଷର ବାଣିଜ୍ୟ ବୃଦ୍ଧି ପାଇ ଆସିଛି । ୟୁରୋପୀୟ ସଂଘ ସହ ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ପ୍ରଥମ ପାଞ୍ଚଟି ସ୍ଥାନରେ ଆମେରିକା, ବ୍ରିଟେନ, ଚୀନ, ସ୍ୱିଜରଲାଣ୍ଡ, ତୁର୍କୀ ରହିଛନ୍ତି । ୨୦୨୪ର ହିସାବରେ ଭାରତ ଏହି ତାଲିକାର ୮ମ ସ୍ଥାନରେ ରହିଥିଲା । ୟୁରୋପୀୟ ସଂଘ ସହ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରଗୁଡ଼ିକର ଯୋଗାଯୋଗ ମାର୍ଗ ଭାରତ ତୁଳନାରେ ଅନ୍ୟମାନଙ୍କର ଭଲ ରହିଛି । କେହି ସ୍ଥଳମାର୍ଗରେ କିମ୍ବା କେହି ଜଳମାର୍ଗରେ ନିଜର ଯୋଗାଣ ପଥକୁ ସୁଦୃଢ଼ କରିଛନ୍ତି।

ଭାରତ ନିଜର ବାଣିଜ୍ୟ ଦୃଷ୍ଟିରୁ ୟୁରୋପୀୟ ସଂଘକୁ ଦ୍ୱିତୀୟ ସ୍ଥାନରେ ରଖିଛି । ମଧ୍ୟ ପ୍ରାଚ୍ୟ ସହ ବାଣିଜ୍ୟ ଭାରତର ସର୍ବାଧିକ ଥିଲାବେଳେ ୟୁରୋପ ଦ୍ୱିତୀୟ ସ୍ଥାନରେ ରହିଛି। ମୁକ୍ତ ବାଣିଜ୍ୟ କ୍ଷେତ୍ରରେ ଆମେରିକା ଏବଂ ଚୀନ ଭାରତର ଆର୍ଥିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ ଥିବା ଯୋଗୁ ଚୀନ ଭାରତର ପଡୋଶୀ ରାଷ୍ଟ୍ରଗୁଡ଼ିକରେ ଭାରତର ବାଣିଜ୍ୟିକ ସଂପର୍କକୁ ସଂକୁଚିତ କରିବାକୁ ସକ୍ଷମ ଯେପରି ହୋଇଛି, ସେହିପରି ୟୁରୋପରେ ମଧ୍ୟ ଭାରତର ବାଣିଜ୍ୟିକ ମାର୍ଗକୁ ରୋକିବାକୁ ପ୍ରୟାସ କରିଆସିଛି । ତୁଳନାତ୍ମକ ଦୃଷ୍ଟିରୁ ଭାରତରେ ପ୍ରସ୍ତୁତ ଅନେକ ଦ୍ରବ୍ୟ ଚୀନ ତୁଳନାରେ ବଜାରରେ ସ୍ଥାୟୀ ହୋଇଥିଲେ ମଧ୍ୟ ଭାରତ ଆଜିଯାଏଁ ପ୍ରତିବନ୍ଧକକୁ ସାମ୍ନା କରୁଛି।

ଆଜି ପ୍ରତ୍ୟେକ ରାଷ୍ଟ୍ର ଅନ୍ୟରାଷ୍ଟ୍ର ଉପରେ କୌଣସି ନା କୌଣସି କାରଣ ଯୋଗୁ ନିର୍ଭରଶୀଳ । କିଏ ପ୍ରାକୃତିକ ସଂପଦ ଦୃଷ୍ଟିରୁ, କିଏ ଯୋଗାଣ ଦୃଷ୍ଟିରୁ କିମ୍ବା କିଏ ଉତ୍ପାଦନ ଦୃଷ୍ଟିରୁ ଅନ୍ୟରାଷ୍ଟ୍ର ଉପରେ ନିର୍ଭର କରୁଛନ୍ତି। ସେହିଦୃଷ୍ଟିରୁ ଦେଖିଲେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଏହି ବାଣିଜ୍ୟିକ ମାର୍ଗ ମୁକ୍ତ ହେବା ଆବଶ୍ୟକ ଥିଲା । ଅତୀତରେ ୧୭୫୦ ପର୍ଯ୍ୟନ୍ତ ଭାରତର ବୈଦେଶିକ ବାଣିଜ୍ୟ ବିଶ୍ୱବ୍ୟାପି ଥିବା ସହ ମୋଟ ବିଶ୍ୱବାଣିଜ୍ୟର ଏକ ତୃତୀୟାଂଶ ରହିଥିଲା। କିନ୍ତୁ ୟୁରୋପରେ ଶିଳ୍ପ ବିପ୍ଳବ, ୟୁରୋପୀୟ ରାଷ୍ଟ୍ରମାନଙ୍କର ଭାରତର ଭିନ୍ନ ଭିନ୍ନ ସ୍ଥାନରେ ଶାସନ ପାଇଁ ଯୁଦ୍ଧ ଏହି ବାଣିଜ୍ୟିକ ସଂପର୍କକୁ କ୍ଷତି ପହଞ୍ଚାଇଥିଲା । ଯାହାଫଳରେ ଭାରତବାସୀ ନିଜେ ଲୁଣ ଉତ୍ପାଦନ କରୁଥିଲେ ମଧ୍ୟ ବିଦେଶୀ ଲୁଣ ଏବଂ ବିଦେଶୀ କପଡା କିଣିବାକୁ ବାଧ୍ୟ ହୋଇଥିଲେ। ସ୍ଥାନୀୟ କାରିଗରମାନେ, ସ୍ଥାନୀୟ ଉତ୍ପାଦକମାନେ ଶସ୍ତାରେ ଉତ୍ପାଦନ କରିବାକୁ ସକ୍ଷମ ଥିଲେ ମଧ୍ୟ ବିଦେଶୀଙ୍କ କଟକଣା ପାଇଁ କରିପାରୁନଥିଲେ। ଦୁଇଶହ ବର୍ଷର ଏହି ଅବ୍ୟବସ୍ଥା ଯୋଗୁ ଭାରତର ଘରୋଇ କୁଟୀର ଶିଳ୍ପଗୁଡ଼ିକ ନଷ୍ଟ ହୋଇଥିଲା। ସ୍ୱାଧୀନତା ପରେ ଉତ୍ପାଦନ ବୃଦ୍ଧି ଏବଂ ବିଶ୍ୱବାଣିଜ୍ୟ ପ୍ରତି ଦୃଷ୍ଟି ଦେବାରେ ବିଳମ୍ବ ହେଲା । କୂଟନୀତିକ ସଂପର୍କ ଦୁର୍ବଳ ହେବା ଯୋଗୁ ଭାରତର ପ୍ରଗତି ଚୀନ ତୁଳନାରେ ବହୁପଛରେ ପଡିଗଲା । ଗତ ତିରିଶବର୍ଷ ମଧ୍ୟରେ ବାଣିଜ୍ୟିକ କ୍ଷେତ୍ରରେ ଚୀନ ପ୍ରତିବର୍ଷ ପ୍ରଗତିକରି ଭାରତକୁ ବହୁତ ପଛରେ ପକାଇଦେଲା । ରାଜନୈତିକ ଅସ୍ଥିରତା, ଶାସନ କ୍ଷେତ୍ରରେ ମେ❒ ସରକାରର ବାଧ୍ୟବାଧକତା ଏବଂ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱର ଅଭାବ ହେତୁ ୧୯୭୫ରୁ ୧୯୧୪ ପର୍ଯ୍ୟନ୍ତ ଭାରତ ବିକାଶ ଦୌଡରେ ପଛରେ ପଡି ରହିଲା।

କିନ୍ତୁ ୨୦୧୪ରେ କେନ୍ଦ୍ରରେ ଏକ ସ୍ଥିର ଏବଂ ସଶକ୍ତ ନେତୃତ୍ୱଯୁକ୍ତ ସରକାର ଆସିବା ପରଠାରୁ ଭାରତ ଅନେକ କ୍ଷେତ୍ରରେ ନିଜସ୍ୱ ନିଷ୍ପତ୍ତି ନେଲା। ସେମିତି ୨୦୧୩ଠାରୁ ଶିଥିଳ ହୋଇ ପଡିଥିବା ୟୁରୋପୀୟ ସଂଘ ସହ ବାଣିଜ୍ୟିକ ଆଲୋଚନା ଆରମ୍ଭକଲା। ୟୁରୋପୀୟ ସଂଘ ପାଇଁ ଏହି ବୁଝାମଣା ମଧ୍ୟ ଆବଶ୍ୟକ ରହିଥିଲା । ୨୦୧୩ରେ ୟୁରୋପୀୟ ସଂଘ ୧୫ରାଉଣ୍ଡ ଆଲୋଚନା ପରେ ଭାରତର ଆଇନଗତ ବ୍ୟବସ୍ଥା ଏବଂ ସୁଯୋଗକୁ ପ୍ରତ୍ୟାଖ୍ୟାନ କରି ଆଲୋଚନାକୁ ବନ୍ଦ ରଖିଥିଲା । ୨୦୧୫ରେ ସାମୁଦ୍ରିକ ଘଟଣାବଳୀକୁ କେନ୍ଦ୍ରକରି ୟୁରୋପର ପାର୍ଲିଆମେ❒ ପ୍ରସ୍ତାବ ଆଣିବା ପରେ କୂଟନୀତିକ ବିଶ୍ୱାସ ଦୁର୍ବଳ ହୋଇଥିଲା। ୨୦୧୬ରୁ ୨୦୧୯ ମଧ୍ୟରେ ଆଲୋଚନା ଆରମ୍ଭ କରାଯିବା ଲାଗି ପ୍ରୟାସ ହୋଇଥିଲା। କିନ୍ତୁ ଶ୍ରମିକ ଏବଂ ପରିବେଶକୁ କେନ୍ଦ୍ରକରି ୟୁରୋପୀୟ ସଂଘର ବିଚାରକୁ ଭାରତ ବିରୋଧ କଲା । କୋରୋନା କାଳରେ ୟୁରୋପରେ ଭୟାବହ ମୃତ୍ୟୁ, ଟୀକାଯୋଗାଣରେ ଅବ୍ୟବସ୍ଥା ଏବଂ ପରେ ୟୁକ୍ରେନ-ରୁଷିଆ ଯୁଦ୍ଧ ଏହି ଆଲୋଚନାକୁ ବିଳମ୍ବିତ କରିଥିଲେ ମଧ୍ୟ ବାସ୍ତବତା ଆଡକୁ ଟାଣି ଆଣିଥିଲା। ୟୁରୋପୀୟ ସଂଘରୁ ବ୍ରିଟେନ ଅଲଗା ହେବା ଘଟଣା ପରେ ୟୁରୋପୀୟ ସଂଘ ନିଜସ୍ୱ ବାଣିଜ୍ୟିକ ନୀତି ପ୍ରସ୍ତୁତି ପାଇଁ ଚିନ୍ତିତ ଥିଲା। ଉର୍ସୁଲା ୟରୋପୀୟ ସଂଘର ଦାୟିତ୍ୱ ଗ୍ରହଣ କରିବାପରେ ଅଧିକ ସକ୍ରୀୟତା ସହ କାର୍ଯ୍ୟକଲେ । ଜର୍ମାନୀର ରାଜନୀତିରେ ଜଣେ ଶକ୍ତିଶାଳୀ ମହିଳା, ତିନିଟିନଥର ମନ୍ତ୍ରୀ ହୋଇଥିବା ଉର୍ସୁଲା ଗତ ୨୦ବର୍ଷ ଧରି ସକ୍ରୀୟ ରହିଛନ୍ତି କ୍ଷମତାର ଭିନ୍ନ ଭିନ୍ନ ସ୍ତରରେ । ଆମେରିକାର ଉପକ୍ରମେ ରୁଷିଆଠାରୁ ତୈଳକ୍ରୟ ନକରିବା, ୟୁକ୍ରେନ ଯୁଦ୍ଧକୁ ସମର୍ଥନ କରି ଅସ୍ତ୍ର ଯୋଗାଣ ଜାରି ରଖିବା ଯୋଗୁ ୟୁରୋପୀୟ ରାଷ୍ଟ୍ରଗୁଡିକ ଆର୍ଥିକ ଦୃଷ୍ଟିରୁ ଅନେକ କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନେ ଆମେରିକାର ତାଳରେ ନାଚିବାକୁ ଯାଇ ଭାରତକୁ ସମାଲୋଚନା କରିଆସିଛନ୍ତି ସିନା କିନ୍ତୁ ନିଜେ ସୁବିଧା ଲାଭରୁ ବଞ୍ଚିତ ହୋଇଛନ୍ତି । ଫେବୃଆରୀ-ଜୁଲାଇ ୨୦୨୫ ମଧ୍ୟରେ ୨୪ଟି ପର୍ଯ୍ୟାୟରୁ ୨୦ଟି ପର୍ଯ୍ୟାୟ ଆଲୋଚନା ଶେଷ ହୋଇଥିଲା। ଏହି ସମୟରେ ଟ୍ରମ୍ପଙ୍କ ବିଶ୍ୱବ୍ୟାପି ଶୁଳ୍କ କଟକଣା ନୀତି ଘୋଷଣା ଯୋଗୁ ୟୁରୋପୀୟ ସଂଘ ଭାରତ ସହ ଆଲୋଚନାକୁ ଆଗେଇ ନେବା ପାଇଁ ବାଧ୍ୟ ହୋଇଥିଲା।

ଭୁବନେଶ୍ୱର

# ଆଧ୍ୟାତ୍ମିକ ସେବା

**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ଭଗବଦ ଗୀତାର ଉଦଘୋଷଣା 'ସମ୍ଭବାମି ଯୁଗେ ଯୁଗେ' ନିଶ୍ଚିତ ଭାବେ ସମସ୍ତଙ୍କୁ ଜଣା। ପ୍ରଦତ୍ତ ପ୍ରତିଶ୍ରୁତି ଅନୁଯାୟୀ ତାହାକୁ ସମ୍ପାଦନ କରିବାରେ କେବେହେଲେ ବିଫଳ ନହୋଇ, ସଠିକ ସମୟରେ ସଠିକ ନାମ ରୂପ ଧରି ଅବତୀର୍ଣ୍ଣ ହୋଇ ପଡ଼ନ୍ତି ସେ। ପୂର୍ବ ତିନି ଯୁଗ ଭଳି ଏ କଳି ଯୁଗରେ ମଧ୍ୟ ସେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି, ଫଳରେ ସାଧୁଙ୍କୁ ପରିତ୍ରାଣ କରିବା ତଥା ଅନ୍ୟ ସମସ୍ତଙ୍କୁ ସଂସ୍କାରିତ କରିବା ଲକ୍ଷ୍ୟରେ ଅଗ୍ରସର ହୋଇପଡ଼ିଛନ୍ତି।

ଭଗବାନ ଶ୍ରୀସତ୍ୟସାଇ ବାବା ଧର୍ମ ସଂସ୍ଥାପନ କରିବା ଲାଗି ଓ ଅଧର୍ମର ବିନାଶ କରିବା ପାଇଁ ସୁନ୍ଦର ବାଟ ଦେଖାଇଛନ୍ତି। ସେ ଜାଣି ପାରିଲେ ଯେ ମାନବ ଜାତି ଶାରୀରିକ ସ୍ୱାସ୍ଥ୍ୟ ହରାଇ ବସିଛି। ମାନସିକ ଶାନ୍ତି ତା ପାଇଁ ସୁଦୂର ପରାହତ ହୋଇ ଯାଇଛି। ତା ଠାରେ ନୈତିକ ବଳ ଓ ଆଧ୍ୟାତ୍ମିକ ସମ୍ପଦର ଘୋର ଅଭାବ। ମାନବ ଜାତି ରୁଗ୍ଣ, ଅଶାନ୍ତ, ଦୁର୍ବଳ ଓ ଦରିଦ୍ର ହୋଇ ପଡ଼ିଛି। ସବୁଠାରୁ ବଡ଼ ଦୁଃଖର କଥା ସେ ତା ଜୀବନକୁ କୁରୁଚି ସମ୍ପନ୍ନ କରି ଦେଇଥିବାରୁ ତାର ନାନା କୁଫଳ ଭୋଗି ହୀନ ଓ ନୀଚ ସୋପାନକୁ ଓହ୍ଲାଇ ଯାଇଛି। ସର୍ବଜ୍ଞଙ୍କ ଦୃଷ୍ଟିରୁ ଏହା କେବେହେଲେ ବାଦ ଯାଇ ନଥିବ ଯାହା ସର୍ବସାଧାରଣଙ୍କ ପାଇଁ ସ୍ପଷ୍ଟରୁ ସ୍ପଷ୍ଟତର ହୋଇଯାଇଛି। ଦେଶ ଦେଶ ମଧ୍ୟରେ ମତଭେଦ, ଜାତି ଜାତି ମଧ୍ୟରେ ଘୃଣା ଭାବ, ଗୋଟିଏ ସଂପ୍ରଦାୟ ଅନ୍ୟ ସଂପ୍ରଦାୟର ଶତ୍ରୁ, ସାଧାରଣ କ୍ଷେତ୍ରରେ ସ୍ୱାର୍ଥର ମାତ୍ରା ଏଭଳି ସ୍ତରରେ ପହଞ୍ଚିଛି ଯେ ପ୍ରତ୍ୟେକେ ଭାବୁଛନ୍ତି ଅନ୍ୟ ସମସ୍ତେ ପଛେ ବିନଷ୍ଟ ହୋଇ ଯାଆନ୍ତୁ ମୁଁ ନିଜେ ବଞ୍ଚିରହେ। ପରସ୍ପର ପରସ୍ପର ପ୍ରତି ଏହି ହିଂସା ଓ ଦ୍ୱେଷ ମାନବ ସମାଜକୁ ଧ୍ୱଂସ ପଥରେ ଦ୍ରୁତ ପଦକ୍ଷେପରେ ଆଗେଇ ନେଇ ଚାଲିଛି। ଅନ୍ୟ ଦେଶ କଥା କ'ଣ କହିବା ପୁଣ୍ୟଭୂମି ଭାରତ ଅବସ୍ଥା ମଧ୍ୟ ତଦ୍ରୂପ। ସମଗ୍ର ଜଗତ ସତେ କି କାଳ ସ୍ରୋତରେ ସଲିଳ ସମାଧି ନେବାକୁ ବସିଛି। ଏଭଳି ଦୁଃସମୟ ଆସିଲେ ଗୋଟିଏ ଭଲ କାମ ମଧ୍ୟ ହୁଏ, ଅବତାର ଅବତୀର୍ଣ୍ଣ ହୋଇଆସନ୍ତି। ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଧରାବତରଣ ମଧ୍ୟ ଏସବୁ ନିରାଶା ଭିତରେ ଏକ ବଡ଼ ଓ ଦୃଢ଼ ଆଶାର ରଶ୍ମୀରେଖା। ସମଗ୍ର ଜଗତକୁ ବାଟ ମିଳିଗଲା। ସେ ପଥରେ ପାଦ ଦେବା ଲୋକେ ନିଜକୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ତାଙ୍କ ପରିବାର, ବନ୍ଧୁକୁଟୁମ୍ବ, ଗ୍ରାମବାସୀ, ଏହିପରି ସମଗ୍ର ବିଶ୍ୱ ପରିତ୍ରାଣ ଲାଭ କରିପାରିବ। ଦେଶର ଶାସକ ବର୍ଗ ମଧ୍ୟ ରୂପାନ୍ତରିତ ହୋଇପଡ଼ିବା ଦେଖାଗଲାଣି। ଅବତାର ଆସିବା ବେଳକୁ କେବଳ ମାନବ ନୁହେଁ ଇତର ଜୀବମାନେ ମଧ୍ୟ ଉତଫୁଲ୍ଲିତ ହୋଇପଡ଼ନ୍ତି। ଇତର ଜୀବ ମାନଙ୍କ ପ୍ରତି ମନୁଷ୍ୟ ତାର ଅଭିଭାବକ ଭୂମିକା ସମ୍ପାଦନ କରିବାରେ ଲାଗି ପଡ଼େ। ଅବତାରଙ୍କ ଆର୍ବିଭାବ ଫଳରେ। କେବଳ ଏ ଜାଗତିକ ଅନ୍ଧକାର ଦୂର ହୁଏନାହିଁ ବୌଦ୍ଧିକ ଓ ମାନସିକ ଅନ୍ଧକାର ମଧ୍ୟ ଅପସରି ଯାଏ। ଆଳସ୍ୟ ପରାୟଣ ବ୍ୟକ୍ତିମାନେ ମଧ୍ୟ ବ୍ରାହ୍ମ ମୁହୂର୍ତ୍ତର ସଦୁପଯୋଗ କରନ୍ତି। ପରମେଶ୍ୱରଙ୍କ ସ୍ତବ ଓ ମହିମା ଗାନରେ ପ୍ରତ୍ୟେକ ଗୃହ ପ୍ରାଣବନ୍ତ ହୋଇ ଉଠେ। ଅସହାୟ ମାନଙ୍କ ସହାୟତା କରିବା ଲାଗି ନିଜ ଅନ୍ତରରୁ ଭାବ ସୃଷ୍ଟି ହୁଏ। 'ସର୍ବେ ଭବନ୍ତୁ ସୁଖୀନ' କେବଳ ଧ୍ୱନୀରେ ନରହି, ସେଥିପାଇଁ କର୍ମ କରିବା ଲାଗି ଧ୍ୟାନ ଆକର୍ଷଣ କରିନିଏ। ଅବତାରଙ୍କ ଠାରୁ ତାଙ୍କ ଲୀଳାକୁ କେବେହେଲେ ଅଲଗା କରାଯାଇ ପାରେନାହିଁ। ରୋଗ ଆରୋଗ୍ୟ କରିବା ପାଇଁ ତାଙ୍କୁ ଡାକ୍ତରୀ ପାଠ ଦରକାର ହୁଏନାହିଁ। ତାଙ୍କ ହାତ ରନ୍ଧାରସମ୍ ମଧ୍ୟ ଗ୍ରାମବାସୀଙ୍କ ଜ୍ୱର ଉଡାଇ ଦେଉଥିଲା। ତାଙ୍କ ନିଷ୍ପାର ସଂକଳ୍ପ ସାଗର ସେପାରି ବହୁ ଦୂରସ୍ଥ ଅଞ୍ଚଳର ଆର୍ତ୍ତ ଓ ଅର୍ଥାର୍ଥୀଙ୍କ ଯାହା ଆବଶ୍ୟକ ତାହା ଯୋଗାଇ ଦେଉଛି। ଜିଜ୍ଞାସୁ ମାନଙ୍କୁ ଅନୁସରଣୀୟ ପଥ ମିଳି ଯାଇଛି। ଜ୍ଞାନୀ ମାନଙ୍କୁ ତାଙ୍କ ପ୍ରକୃତ ପରିଚୟ ମିଳି ଯାଇଛି। ଶତ ସହସ୍ର ମୁମୂର୍ଷୁ ଅତି ଆଶ୍ଚର୍ଯ୍ୟ ଜନକ ଭାବେ ପୀଡ଼ା ଓ ମୃତ୍ୟୁ କବଳରୁ ମୁକୁଳି ଯାଉଛନ୍ତି। ସମଗ୍ର ଜଗତକୁ ଗୋଟିଏ ମହମନ୍ତ୍ର ମିଳିଗଲା ତାହା ହେଉଛି 'ସେବା ଓ ପ୍ରେମ'।

ମାନବ ଠାରେ ଥିବା ଆତ୍ମା ବ୍ରହ୍ମାନନ୍ଦର ସ୍ୱାଦ ଚାଖିବା ପାଇଁ ବାରମ୍ବାର ଜନ୍ମ ହେଉଛି, ଶତ ଶତ ଯନ୍ତ୍ରଣା ସହୁଛି, ସେହି ଆତ୍ମାକୁ ଶାଶ୍ୱତ ଧାମରେ ପହଞ୍ଚାଇବା ପାଇଁ ସଠିକ ଶିକ୍ଷା, ସଂସ୍କୃତି ଓ ସେବା ଆବଶ୍ୟକ, ତାହାର ତ୍ରିବେଣୀ ସଂଗମ ଘଟିଛି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନରେ। ସଙ୍ଗଠନର ସଦସ୍ୟ ମାନଙ୍କ ଠାରେ କର୍ମ, ଭକ୍ତି ଓ ଜ୍ଞାନର ଅଭିବୃଦ୍ଧି ଘଟାଇ ଫଳ ସ୍ୱରୂପ ପ୍ରେମ, ଶାନ୍ତି ଓ ଆନନ୍ଦର ସ୍ରୋତ ବୁହାଇ ସମସ୍ତଙ୍କର ଆଧ୍ୟାତ୍ମିକ ତୃଷ୍ଣା ନିବାରଣ କରାଯାଇ ପାରୁଛି। ଭଗବାନ ବାବା ବାରମ୍ବାର କହନ୍ତି - ମୋର କୌଣସି କାମନା ନାହିଁ। ଗୋଟିଏ ମାତ୍ର କାମନା ଇଛା କରି ମୁଁ ମୋ ଠାରେ ରଖିଛି, ତାହା ହେଉଛି, ତୁମକୁ କାମନା ଶୂନ୍ୟ କରିବା। କାମନା ଶୂନ୍ୟ ହୋଇଗଲେ ଆଉ ପୁନର୍ଜନ୍ମ ନାହିଁ। ଭଗବାନ ବାବାଙ୍କ ହୃଦୟସ୍ପର୍ଶୀ ରଚନା, ସମ୍ଭାଷଣ ଓ ଜୀବନାଦର୍ଶ ଶତ ସହସ୍ର ସାଧକ ମାନଙ୍କୁ ସତ୍ୟପଥେ, ଧର୍ମପଥେ ଆଗେଇ ନେଇ ଚାଲିଛି। ସାଧକ ଜୀବନ ଏଇ ମୁହୂର୍ତ୍ତରେ ଉତଥାନ ମାର୍ଗରେ ତ ପର ମୁହୂର୍ତ୍ତରେ ପତନ ମାର୍ଗରେ ପଡ଼ୁଛି। ଏଥିରୁ ଉଦ୍ଧାର କରିବା ନିମନ୍ତେ ତାଙ୍କ ଆଶ୍ୱାସନା, ଆତ୍ମବିଶ୍ୱାସ ଓ ଆତ୍ମ ସଂଯମ ସୃଷ୍ଟିକାରୀ ବାଣୀ ସାଧନାରେ ବହୁ ସାହାଯ୍ୟ କରୁଛି। ସାଧକର ସମସ୍ତ ଭୁଲକୁ କ୍ଷମା ସାଗର କ୍ଷମା କରିଦେଇ ପୁନର୍ବାର ସେ ଭଳି କର୍ମ ନକରିବାକୁ ସତର୍କ କରି ଦିଅନ୍ତି। ତାଙ୍କ ପ୍ରଦତ୍ତ ସାଧନାର ମହାମନ୍ତ୍ର ହେଉଛି ସମସ୍ତଙ୍କ ପ୍ରତି ପ୍ରେମ ଭାବ ପୋଷଣ କର, ସମସ୍ତଙ୍କ ସେବାରେ ବ୍ରତୀ ହୁଅ।

କଟକ

ମୋ: ୯୩୩୭୨୪୨୯୫୫

## ସଂପାଦକଙ୍କୁ ପତ୍ର

# ସଠିକ୍ ଓଡ଼ିଆ ଶବ୍ଦର ବ୍ୟବହାର ଉପରେ ଗୁରୁତ୍ୱ

ମହାଶୟ,

ପ୍ରତିବର୍ଷ ଦୁଇଟି ପ୍ରମୁଖ ଦିବସରେ ଜାତୀୟ ପତାକା ଉତ୍ତୋଳନ ହେବାର ପରମ୍ପରା ରହି ଆସିଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ଖୁଣ୍ଟିରେ ବନ୍ଧା ଯାଇଥିବା ଜାତୀୟ ପତାକାକୁ ତଳୁ ଉପରକୁ ଉଠାଯାଇ ଖୋଲାଯାଉ ଥିବାବେଳେ ଗଣତନ୍ତ୍ର ଦିବସରେ କିନ୍ତୁ ଖୁଣ୍ଟି ଉପରେ ବନ୍ଧା ହୋଇ ରହିଥିବା ଜାତୀୟ ପତାକାକୁ ଖୋଲା ଯାଇଥାଏ।ଏହାର ତାତ୍ତ୍ୱିକ ଅର୍ଥ ହେଉଛି ସ୍ୱାଧୀନତା ଦିବସ ଅବସରରେ ଆମେ ପରାଧୀନତା ରୂପକ ଅମା ଅନ୍ଧାର ଏବଂ ତଳ ସ୍ଥାନ ରୁ ଆଲୋକିତ ଏବଂ ଉଚ୍ଚ ସ୍ଥାନକୁ ଉଠିବା ର ପ୍ରୟାସ ରେ ସଫଳ ହେବା। ତେବେ ସାଧାରଣତନ୍ତ୍ର ଦିବସରେ ଆମେ ଆଲୋକିତ ଏବଂ ଉଚ୍ଚ ସ୍ଥାନରେ ରହିଥିଲେ ମଧ୍ୟ ଏହାକୁ ଅଧିକରୁ ଅଧିକ ସଫଳ ମଣ୍ଡିତ ଏବଂ ଗୌରବାନ୍ୱିତ କରିବା ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାର ଏହା ଏକ ପ୍ରୟାସ କିମ୍ବା ଅବକାଶ ବୋଲି କୁହାଯାଇ ପାରେ।

ଇଂରାଜୀ ରେ ସ୍ୱାଧୀନତା ଦିବସରେ Flag hoisting କୁହାଯାଉ ଥିବାବେଳେ ସାଧାରଣତନ୍ତ୍ର ଦିବସରେ ଏହାକୁ unfurling the flag ବୋଲି କୁହାଯାଇଥାଏ। ତବେ ଏହି ଇଂରାଜୀ ଶବ୍ଦ ମାନଙ୍କର ଅର୍ଥ ଅଲଗା ହୋଇଥିଲା ବେଳେ ଆମେ କିନ୍ତୁ ଓଡ଼ିଆରେ ଉଭୟ ଶବ୍ଦର ଅର୍ଥକୁ ଆମେ ଉତ୍ତୋଳନ ବୋଲି ଅଭିହିତ କରିଥାଉ। ଯାହାର ଆକ୍ଷରିକ ଅର୍ଥ ତଳୁ ଉପରକୁ ଉଠାଇବା। ତେଣୁ ସ୍ୱାଧୀନତା ଦିବସରେ ଏହି ଶବ୍ଦର ଯଥାର୍ଥତା ଥିବା ବେଳେ ଗଣତନ୍ତ୍ର ଦିବସ ପାଳନ ସମୟରେ ଏହାକୁ ପତାକା ଉନ୍ମୀଳନ ବା ଉନ୍ମିଳିତ ହେବା ବୋଲି କହିବା ବା ଲେଖିବା ଯଥାର୍ଥ ବୋଲି ମନେହୁଏ । ତେବେ ବୁଦ୍ଧିଜୀବୀ ମହଲରେ ଏ ସଂକ୍ରାନ୍ତୀୟ ଚର୍ଚ୍ଚା ହେବାର ଆବଶ୍ୟକତା ରହିଛି।

ଡ. ସୀତାକାନ୍ତ ତ୍ରିପାଠୀ

ଅର୍ଣ୍ଣପାଳ, ଭଦ୍ରକ

# ଯୋଗ୍ୟଭୋଟର ବାଦ୍ ନପଡ଼ନ୍ତୁ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଭୋଟର ତାଲିକାରେ ସଂଶୋଧନ ପାଇଁ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟ ଚାଲିଥିବାବେଳେ ଇତି ମଧ୍ୟରେ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ତଥା ପଶ୍ଚିମବଙ୍ଗ, ତାମିଲନାଡୁ, ଗୁଜରାଟ, ରାଜସ୍ଥାନ, ଗୋଆ, ପୁଡୁଚେରୀ ଓ ଲାକ୍ଷାଦୀପରେ ପ୍ରଥମ ପର୍ଯ୍ୟାୟ ଚିଠା ତାଲିକା ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶ ପାଇଛି। ଯେଉଁ ଚିଠା ତାଲିକାରେ ପ୍ରାୟ ୫କୋଟି ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡିଥିବା କୁହାଯାଏ। କହିବା ବାହୁଲ୍ୟ ଯେ, ନିଜ ନିଜ ଅଂଚଳର ବୁଥ ସ୍ତରୀୟ ଅଫିସର (ବିଏଲଓ))ମାନଙ୍କ ନିକଟରେ ଯୋଗ୍ୟ ଭୋଟରମାନେ ସେମାନଙ୍କ ଗଣନା ଫର୍ମ ଦାଖଲ କରିବା ପରେ ଏହି ତଥ୍ୟ ଜଣାପଡିଛି। କେବଳ ପଶ୍ଚିମବଙ୍ଗ, ତାମିଲନାଡୁ ଓ ଗୁଜରାଟରେ ୭କୋଟି ୨୯ଲକ୍ଷ ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡିଥିବା ବେଳେ ତାମିଲନାଡୁରେ ୯୭ଲକ୍ଷ ଏବଂ ଗୁଜରାଟର ୭୩ଲକ୍ଷ ୭ହଜାର ଭୋଟରଙ୍କ ନାମ ତାଲିକାରୁ କଟିଛି । ଭୋଟଦାତାଙ୍କର ମୃତ୍ୟୁ ଘଟିବା, ଅନ୍ୟତ୍ର ଚାଲିଯିବା ଏବଂ ଜଣେ ଭୋଟରଙ୍କ ଏକାଧିକ ସ୍ଥାନରେ ନାମ ଥିବା ଏବଂ ଜାଲ ଭୋଟରଙ୍କ ଥିବା କାରଣରୁ ସେମାନଙ୍କ ନାମ ବାଦ ପଡିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ନିର୍ବାଚନ କମିଶନରଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ପ୍ରାକ୍ ଏସଆଇଆରରେ ପଶ୍ଚିମବଙ୍ଗରେ ପୂର୍ବରୁ ତାଲିକାରେ ନାମ ଥିବା ମୋଟ ଭୋଟରଙ୍କ ମଧ୍ୟରୁ ୭.୫ ପ୍ରତିଶତ ନାମ କଟିଥିବାବେଳେ ତାମିଲନାଡୁରେ ୧୫ପ୍ରତିଶତ ଭୋଟଦାତାଙ୍କ ନାମ କଟିଛି। ବିଶେଷ କରି କୋଲକତାରେ ରେକର୍ଡ ସଂଖ୍ୟାକ ଭୋଟରଙ୍କ ନାମ ବାଦ ପଡିଥିବା କୁହାଯାଏ। ସେହିପରି ତାମିଲନାଡୁର ରାଜଧାନୀ ୧୪ଲକ୍ଷ ୨୫ହଜାର ଭୋଟରଙ୍କ ନାମ ବାଦ୍ ପଡିଛି। ଭୋଟର ତାଲିକାରେ ଚେନ୍ନାଇରେ ପୂର୍ବରୁ ମୋଟ ୪୦ଲକ୍ଷ ୪ହଜାର ଭୋଟଦାତା ଥିବାବେଳେ ଏବେ ସେମାନଙ୍କ ସଂଖ୍ୟା ୨୫ଲକ୍ଷ ୭୯ହଜାରକୁ ହ୍ରାସ ପାଇଛି। ତେବେ ନିର୍ବାଚନ କମିଶନ ବୁଥ ଓ୍ୱାରୀ ତାଲିକା ପ୍ରକାଶ କରିବା ପରେ ମୋଟ କେତେ ସଂଖ୍ୟାକ ପୁରୁଷ, ମହିଳା ଏବଂ କେଉଁ କାରଣରୁ ତାଲିକାରୁ ବାଦ ପଡିଛନ୍ତି ସ୍ପଷ୍ଟ ହେବ। ଚିଠା ତାଲିକାରୁ ବାଦ୍ ପଡିଥିବା ଭୋଟରମାନେ ଆବଶ୍ୟକୀୟ ଦସ୍ତାବିଜ୍ ଦାଖଲ କରି ପୁନଃ ଆବେଦନ କରିପାରିବେ। ଏଥିପାଇଁ ଆସନ୍ତାବର୍ଷ ଜାନୁୟାରୀ ୧୮ତାରିଖ ଅନ୍ତିମ ଦିବସ ରହିଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ନିର୍ବାଚନ କମିଶନ ୧୧ଟି ପ୍ରମାଣପତ୍ରକୁ ଗ୍ରହଣ କରିଥିବାବେଳେ ଆଧାର, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ବାଦ ଦେଇଥିଲେ। କିନ୍ତୁ ଦୀର୍ଘ ଶୁଣାଣୀ ପରେ ସୁପ୍ରିମକୋର୍ଟ ଆଧାରକୁ ଏକ ପ୍ରମାଣପତ୍ର ଭାବେ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ବିହାରେ ପ୍ରଥମ ପର୍ଯ୍ୟାୟ ଏସଆଇଆରରେ ବାଦ୍ ପଡିଥିବା ମୋଟ ୬୫ଲକ୍ଷ ଭୋଟରଙ୍କ ମଧ୍ୟରୁ ୨୪ଲକ୍ଷଙ୍କ ନାମ ପୁନଃ ତାଲିକାରେ ସାମିଲ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ସେପ୍ଟେମ୍ବର ମାସରେ ବିହାରେ ଏସଆଇଆର ଚାଲିଥିବାବେଳେ ବିରୋଧି ଦଳଗୁଡିକ ଏହାକୁ ଦୃଢ ବିରୋଧ କରିଥିଲେ। ଏବେ ଅଣ-ବିଜେପି ଶାସିତ ରାଜ୍ୟଗୁଡିକ ଏହାକୁ ଦୃଢ ବିରୋଧ କରିଛନ୍ତି। ତେବେ ଗ୍ରାଉଣ୍ଡ ରିଅଲିଟିଜ ପ୍ରତି ସହାନୁଭୂତିଶୀଳ ହେବା ପାଇଁ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ ପରାମର୍ଶ ଦେଇଥିବାବେଳେ କୌଣସି ଯୋଗ୍ୟ ଭୋଟରଙ୍କୁ ମତଦାନରୁ ବଂଚିତ କରାଯବି ନାହିଁ ବୋଲି କମିଶନ ସ୍ପଷ୍ଟ ଭାବେ ଘୋଷଣା କରିଛନ୍ତି। ଆସନ୍ତା ଫେବୃୟାରୀରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବାକୁ ଥିବାବେଳେ ଯୋଗ୍ୟ ଭୋଟର ବଂଚିତ ହେବେ ନାହିଁ ବୋଲି ଆଶା ରହିଛି। ଏଥିପାଇଁ ଏସଆଇଆର ଅଧିକ ସମୟ ଦେବା ଜରୁରୀ। ଯାହା ଫଳରେ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡିବେ ନାହିଁ।

ଭୁବନେଶ୍ୱର

ମୋ:୭୯୭୮୬୬୬୪୦୩






# ଉତ୍ତର ବାଲେଶ୍ୱରରେ ଦୁର୍ବଳ ହେଉଛି କୃଷି ଅର୍ଥନୀତି !

ଜଳେଶ୍ୱର: ଉତ୍ତର ବାଲେଶ୍ୱର ହେଉଛି କୃଷିବହୁଳ ଅଞ୍ଚଳ। ୪ଟି ବ୍ଲକ୍; ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତାର ପ୍ରାୟ ୮୫ ପ୍ରତିଶତ ଲୋକ ଜୀବିକା ପାଇଁ କୃଷି ଉପରେ ନିର୍ଭରଶୀଳ। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଏ ଅଞ୍ଚଳରେ ମୋଟ ୯୧ ହଜାର ୫୬୦ ହେକ୍ଟର ଜମି ଥିବାବେଳେ ସେଥି ମଧ୍ୟରୁ ପ୍ରାୟ ୭୯ ହଜାର ୪୫୬ ହେକ୍ଟର ଜମିରେ ଚାଷକାମ ହେଉଛି। ପ୍ରାୟ ୭୦ ହଜାର ପରିବାର କୃଷିକୁ ଜୀବିକା ଭାବେ ବାଛିଛନ୍ତି। ତେବେ ଜଳବାୟୁ ପରିବର୍ତ୍ତନ ଏବଂ ଯୁବପିଢ଼ି ଚାଷରୁ ମୁହଁ ଫେରାଉଥିବାରୁ ଏହି ଅଞ୍ଚଳର କୃଷି ଅର୍ଥନୀତି ଦୁର୍ବଳ ହେବାରେ ଲାଗିଛି।



କୃଷି ବିଭାଗର ଆକଳନ ଅନୁଯାୟୀ; ସମଗ୍ର ଜିଲ୍ଲାରେ ଯେତିକି ଜମିରେ ଚାଷ ହେଉଛି, ତା'ର ପାଖାପାଖି ୫୦ ପ୍ରତିଶତ ଚାଷ କେବଳ ଉତ୍ତର ବାଲେଶ୍ୱରର ୪ଟି ବ୍ଲକ୍‌ରେ ହୋଇଥାଏ। ଏଠାରେ ଜଳସେଚନ ପାଇଁ ସୁବର୍ଣ୍ଣରେଖା, ଜଳକା, ଓଡ଼ିଶା କୋଷ୍ଟ କେନାଲ୍ ସମେତ ଅନ୍ୟ ଛୋଟଛୋଟ ଶାଖାନଦୀ, ପ୍ରାକୃତିକ ଜଳ ଉତ୍ସ

## ଚାଷରୁ ମୁହଁ ଫେରାଉଛନ୍ତି ଯୁବପିଢ଼ି

ରହିଛି। ସେହିପରି ଭୋଗରାଇ ଓ ବାଲିଆପାଳର ବିସ୍ତୀର୍ଣ୍ଣ ଅଞ୍ଚଳର ଉର୍ବର ମାଟି ଚାଷ ପାଇଁ ପ୍ରକୃତିର ଆଶୀର୍ବାଦ ବୋଲି ବିବେଚନା କରାଯାଏ। ତେବେ ଭଲ ଭିତ୍ତିଭୂମି ଥିଲେ ମଧ୍ୟ ଏହାର ସୁବିନିଯୋଗ କରି କୃଷିକ୍ଷେତ୍ରକୁ ବଳ ଦେବା ପାଇଁ ସରକାରୀସ୍ତରରେ ଆଖିଦୃଶିଆ ଯୋଜନା ହୋଇ ନାହିଁ।

ଜଳବାୟୁ ପରିବର୍ତ୍ତନ ଯୋଗୁ ପାଣିପାଗରେ ଅନିୟମିତତା ଏବଂ ବର୍ଷରେ ୫ରୁ ୬ ଥର ବନ୍ୟା ଯୋଗୁ ଫସଲ ନଷ୍ଟ ହେଉଛି। ଏହାସହ ରୋଗପୋକ ପ୍ରାଦୁର୍ଭାବ, ଆଧୁନିକ କୃଷି ପ୍ରଣାଳୀ ବିଷୟରେ ସଚେତନତାର ଅଭାବ ଭଳି ବିଭିନ୍ନ କାରଣ ପାଇଁ ଏ ଅଞ୍ଚଳର ଚାଷୀ କ୍ଷତି ସହୁଛନ୍ତି। ତଥାପି ପୁରୁଣା ଚାଷୀମାନେ ସବୁ ବାଧାବିଘ୍ନକୁ ଏଡ଼ାଇ ଚାଷ କରୁଥିବା ବେଳେ ଯୁବପିଢ଼ି ଥରେ କ୍ଷତି ହେଲେ ଆଉ ଚାଷ ପ୍ରତି ଆଗ୍ରହ ଦେଖାଉ ନାହାନ୍ତି। ତେଣୁ ଯୁବଚାଷୀମାନେ ସମ୍ମୁଖୀନ ହେଉଥିବା ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ କୃଷି ବିଭାଗ ପକ୍ଷରୁ ସହଯୋଗ ଯୋଗାଇବାର ଆବଶ୍ୟକତା ରହିଛି। ଚାଷୀମାନେ କିପରି ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରିବେ, ଚାଷ ପାଇଁ ଉପଲବ୍ଧ ଥିବା ପ୍ରାକୃତିକ ଭିତ୍ତିଭୂମିର ସୁବିନିଯୋଗ କରିବେ ଏବଂ ଛାତ୍ରଛାତ୍ରୀ ଓ ଯୁବଚାଷୀ କୃଷି କ୍ଷେତ୍ରରେ ନୂଆ ପ୍ରୟୋଗ ପାଇଁ ଗବେଷଣାର ସୁଯୋଗ ପାଇବେ, ସେନେଇ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଏଥିପାଇଁ ଉତ୍ତର ବାଲେଶ୍ୱରରେ, ବିଶେଷ କରି ଜିଲ୍ଲାର କେନ୍ଦ୍ରସ୍ଥଳ ଜଳେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଜରୁରୀ ହୋଇପଡ଼ିଛି।

# ସାମ୍ବିଧାନିକ ମାନ୍ୟତା ଅପେକ୍ଷାରେ ଝୋଡ଼ିଆ ସମ୍ପ୍ରଦାୟ ଓ ସୌରା ଭାଷା

ଜୟପୁର: ଓଡ଼ିଶାର ଝୋଡ଼ିଆ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନ କରିବାରେ ହେଉଥିବା ଦୀର୍ଘ ବିଳମ୍ବ ଏବଂ ସମ୍ବିଧାନର ଅଷ୍ଟମ ଅନୁସୂଚୀ ଅନୁଯାୟୀ ସୌରା (ସୋରା) ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବା ପାଇଁ ସ୍ପଷ୍ଟ ଓ ସମୟବଦ୍ଧ ରୋଡମ୍ୟାପ୍‌ର ଅଭାବ ଗୁରୁତର ଚିନ୍ତାର କାରଣ ହୋଇଉଠିଛି। କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା ଲୋକସଭାରେ ଉଠାଯାଇଥିବା ଏକ ଅଣତାରକା ପ୍ରଶ୍ନର ଉତରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନିଶ୍ଚିତ କରିଛି ଯେ, ଝୋଡ଼ିଆ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ତାଲିକାରେ ପରୋଜାର ପ୍ରତିଶବ୍ଦ ଭାବରେ ଅନ୍ତର୍ଭୁକ୍ତ କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ପ୍ରସ୍ତାବଟି ଭାରତର ରେଜିଷ୍ଟ୍ରାର ଜେନେରାଲ (ORGI) କାର୍ଯ୍ୟାଳୟରୁ ସମର୍ଥନ ମିଳିନଥିବା କାରଣରୁ ଫେରାଇ ଦିଆଯାଇଛି। ଏହି ପ୍ରସ୍ତାବଟିକୁ ପୁନର୍ବିଚାର ପାଇଁ ରାଜ୍ୟ ସରକାରଙ୍କୁ ଫେରସ୍ତ



ପଠାଯାଇଥିବାରୁ, ଦୀର୍ଘ ସମୟ ଧରି ପଡ଼ି ରହିଥିବା ପ୍ରକ୍ରିୟାକୁ ଆହୁରି ଲମ୍ବାଇ ଦେଇଛି। ଏହି ବାରମ୍ବାର ସାଙ୍ଗଠାନିକ ଘଟଣା ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକରେ ମୁଖ୍ୟତଃ ବାସ କରୁଥିବା ଏକ ସ୍ୱତନ୍ତ୍ର ଜନଜାତି ସମ୍ପ୍ରଦାୟର ସାମ୍ବିଧାନିକ ମାନ୍ୟତା ପ୍ରଦାନ ପ୍ରକ୍ରିୟାକୁ ସମାଧାନ କରିବାରେ ଥିବା ଗଭୀର ଅନାଗ୍ରହ ଓ ବିଚଳିତକାରୀ ତତ୍ପରତା ଅଭାବକୁ ସ୍ପଷ୍ଟ କରେ। ଏପରି ଦୀର୍ଘ ବିଳମ୍ବର ପ୍ରକୃତ ପରିଣାମ ହେଉଛି ଝୋଡ଼ିଆ ସମ୍ପ୍ରଦାୟକୁ ସାମ୍ବିଧାନିକ ସୁରକ୍ଷା, ସଂରକ୍ଷଣ ଲାଭ ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ଲକ୍ଷ୍ୟଭିତିକ କଲ୍ୟାଣମୂଳକ ପଦକ୍ଷେପରୁ ଦୀର୍ଘକାଳ ଧରି ବଂଚିତ ହୋଇ ରହିବା।

ଅଷ୍ଟମ ଅନୁସୂଚୀରେ ସୌରା (ସୋରା) ଭାଷାକୁ ଅନ୍ତର୍ଭୁକ୍ତ କରିବା ସମ୍ପର୍କରେ ସରକାରଙ୍କ ପ୍ରତିକ୍ରିୟା ମଧ୍ୟ ଅନୁରୂପ ଭାବରେ ଚିନ୍ତାଜନକ। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଅଷ୍ଟମ ଅନୁସୂଚୀରେ କୌଣସି ଭାଷାକୁ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ଥିର, ସୁସ୍ପଷ୍ଟ ମାନଦଣ୍ଡ କିମ୍ବା ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ପାହଓ୍ୱା କମିଟି (୧୯୯୬) ଏବଂ ସୀତାକାନ୍ତ ମହାପାତ୍ର କମିଟି (୨୦୦୩) ସମେତ ପୂର୍ବରୁ ଗଠିତ ବିଶେଷଜ୍ଞ କମିଟିମାନେ ମଧ୍ୟ ନିର୍ଣ୍ଣାୟକ ଓ ଏକରୂପ ମାନଦଣ୍ଡ ବିକଶିତ କରିବାରେ ବିଫଳ ହୋଇଥିଲେ । ଏହାର ପରିଣାମସ୍ୱରୂପ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାରେ ଲକ୍ଷାଧିକ ଆଦିବାସୀ ଲୋକଙ୍କ ଦ୍ୱାରା ଦୈନିକ ଭାବେ କଥା ହେଉଥିବା ସତ୍ତ୍ୱେ ସୌରା ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ପାଇଁ ଦାବିଟି ଏପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଚଳ ରହିଯାଇଛି। ସ୍ପଷ୍ଟ ମାନଦଣ୍ଡ, ସାଂସ୍ଥାଗତ ଦାୟିତ୍ୱବୋଧ ଓ ସମୟସୀମାବଦ୍ଧ ନିଷ୍ପତି ଗ୍ରହଣର ଅଭାବ ଆଦିବାସୀ ପରିଚୟ, ଭାଷା ଅଧିକାର ଏବଂ ସାଂସ୍କୃତିକ ସଂରକ୍ଷଣ ପ୍ରତି ବ୍ୟାପକ ଅବହେଳାକୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରେ। ସାମ୍ବିଧାନିକ ମାନ୍ୟତା କେବଳ ଏକ ପ୍ରତୀକାତ୍ମକ ସ୍ୱୀକୃତି ନୁହେଁ; ଏହା ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା, ଶିକ୍ଷାଗତ ପ୍ରବେଶକୁ ସକ୍ଷମ କରିବା ଏବଂ ଜନଜାତି ସମ୍ପ୍ରଦାୟ ପାଇଁ ସମାନ ବିକାଶ ସୁନିଶ୍ଚିତ କରିବା ପାଇଁ ଅତ୍ୟାବଶ୍ୟକ। ଉଭୟ ପ୍ରସଙ୍ଗର ତୁରନ୍ତ, ସ୍ୱଚ୍ଛ ଓ ସମୟସୀମାବଦ୍ଧ ସମାଧାନ ପାଇଁ ଦୃଢ଼ ଦାବି ଉଠିଛି। ଏହି ସମାଧାନ କଠୋର ଜାତିଗତ, ଭାଷାଗତ ଓ ମାନବଶାସ୍ତ୍ରୀୟ ମୂଲ୍ୟାଙ୍କନ ଉପରେ ଆଧାରିତ ହେବା ସହିତ ପ୍ରଭାବିତ ସମ୍ପ୍ରଦାୟମାନଙ୍କ ସହ ଅର୍ଥପୂର୍ଣ୍ଣ ଓ ସାର୍ଥକ ପରାମର୍ଶକୁ ଅନିବାର୍ଯ୍ୟ କରିବା ଆବଶ୍ୟକ ବୋଲି ଜୋର ଦିଆଯାଇଛି।

# ମଣ୍ଡିରେ ପଡ଼ିଛି ଧାନ, ଚାଷୀ ଗଣୁଛନ୍ତି ଦିନ

କେସିଙ୍ଗା : କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧିନସ୍ଥ କାଣ୍ଡେଲ ପ୍ରାଥମିକ କୃଷି ସମବାୟ ସମିତି ଅଧିନସ୍ଥ ଶିରୋଲ,ବାଲସି ଓ କାଣ୍ଡେଲ ଧାନ ମଣ୍ଡିରେ ୧୭୬ ଜଣ ଚାଷୀଙ୍କ ୯ ହଜାର ୫୨୦ କ୍ୱିଣ୍ଟାଲ ଧାନ ମଣ୍ଡିରେ ଦୀର୍ଘ ଦୁଇ ମାସ ଧାନ ପଡ଼ିରହିଛି। ପ୍ରବଳ ଶୀତ କାକରରେ ଚାଷୀମାନେ ଖୋଲା ଆକାଶ ତଳେ ଦିନରାତି ପାଳି କରି ଧାନକୁ ଜଗୁଛନ୍ତି। ରାଜ୍ୟରେ ଧାନ ମଣ୍ଡିରୁ ଉଠିବା ପ୍ରସଙ୍ଗକୁ ନେଇ ଗତମାସରେ ରାଜ୍ୟ ତଥା ସମସ୍ତ ବ୍ଲକ ଓ ସହରରେ ରାସ୍ତା ଅବରୋଧ କରି ୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଶିରୋଲ ଧାନ ମଣ୍ଡିର ୫୨ ଜଣଙ୍କ ୩ ହଜାର ୫୨୦ କ୍ୱିଣ୍ଟାଲ,ବାଲସି ଧାନ ମଣ୍ଡିରେ ୪୨ ଜଣ ଚାଷୀଙ୍କ ୧୬ ଶହ ଓ କାଣ୍ଡେଲ ଧାନ ମଣ୍ଡିରେ ୮୨ ଜଣଙ୍କ ୪ ହଜାର ରୁ ଉର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। କଳାହାଣ୍ଡି ଜିଲାପାଳ ୫ଟି ଧାନ ମିଲକୁ ଉଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ମିଲର୍ସମାନେ କାହାରି କଥାକୁ କର୍ଣ୍ଣପାତ କରୁନାହାନ୍ତି। ସେହି ମିଲର୍ସମାନେ ମନମୁଖିରେ କ୍ୱିଣ୍ଟାଲ ପ୍ରତି ୬ରୁ ୭ କେଜି ଧାନ କଟ୍‌ନୀ ଛଟ୍‌ନୀ କରୁଛନ୍ତି। ଏତେ ଶୀତ କାକରରେ ଧାନକୁ ପଲିଥିନରେ ଚାଷୀମାନେ ଘୋଡ଼େଇ କରି ରଖିଛନ୍ତି। ରାଜ୍ୟ ସରକାର ଧାନ ଉଠାଇବାରେ ବିଳମ୍ବକୁ ନେଇ ଚାଷୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ଯଥାଶୀଘ୍ର ଏହି ଶିରୋଲ, ବାଲସି ଓ କାଣ୍ଡେଲ ଧାନମଣ୍ଡିରୁ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି। ଶିରୋଲ ଧାନମଣ୍ଡିରେ କେବଳ ଶେଡ଼ ନୂତନ ଭାବେ ନିର୍ମାଣ ହୋଇଛି। କିନ୍ତୁ ବାଲସି ଓ କାଣ୍ଡେଲ ଧାନମଣ୍ଡିରେ ଶେଡ୍ ? ନ ଥିବାରୁ ଶୀତ କାକରରେ ଚାଷୀମାନେ ନାହିଁ ନ ଥିବାର ହଇରାଣ ହେଉଛନ୍ତି। ଏ ସଂକ୍ରାନ୍ତରେ କାଣ୍ଡେଲ ପ୍ୟାକ୍ସ ସମ୍ପାଦକ ଯଶୋବନ୍ତ ବାଗଙ୍କୁ ପଚାରିବାର ୫ରୁ ୧୦ ଦିନ ମଧ୍ୟରେ ଉଠିବ ବୋଲି ପ୍ରକାଶ କରିଥିଲେ।



ରାଜସ୍ୱ ଦେବା କ୍ଷେତ୍ରରେ ସବୁବେଳେ ଆଗରେ ରହୁଥିବା ଅନୁଗୁଳ ଏ ପର୍ଯ୍ୟନ୍ତ ନିଜର ଉପଯୁକ୍ତ ହକ୍ ପାଇନି। ଏହି ଜିଲ୍ଲାରେ ଏ ପର୍ଯ୍ୟନ୍ତ କୌଣସି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ନିର୍ମାଣ ହୋଇପାରିଲାନି। ଜାତୀୟସ୍ତରରେ ପ୍ରତିଷ୍ଠାନ ବି ନାହିଁ। ଚିକିତ୍ସା ଭିତ୍ତିଭୂମି ମଧ୍ୟ ଦୁର୍ବଳ। ଏଣୁ ବିଳମ୍ବରେ ହେ ?ଲେ ବି ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ କରିବାକୁ ସାଧାରଣରେ ଦାବି ଉଠିଛି। କାରଣ ମନ୍ଦରଗିରି ପାହାଡ଼ ଔଷଧୀୟ ବୃକ୍ଷର ମାହାତ୍ମ୍ୟ ସାରା ଦେଶ ଜାଣିଛି। ଅନୁଗୁଳରେ ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ କରିବାକୁ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖରେ ଦାବି ରଖିବେ ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସରକାର ଦେଶରେ ୩ଟି ଆୟୁର୍ବେଦ ପ୍ରତିଷ୍ଠାନ ଖୋଲିବାକୁ ଯାଉଥିଲା ବେଳେ ଏଥିରୁ ଗୋଟିଏ ପ୍ରତିଷ୍ଠାନ ଅନୁଗୁଳ ଜିଲ୍ଲାରେ ସ୍ଥାପନ ହେବା ଦରକାର। ଏ ଦିଗରେ ପଦକ୍ଷେପ ନେବାକୁ ସେ ସରକାରଙ୍କ ପାଖରେ ଯୁକ୍ତି ରଖିବେ।

# ୭୮ ବର୍ଷ ପରେ ବି ରେଳସେବାରୁ ବଞ୍ଚିତ ନବରଙ୍ଗପୁରବାସୀ

ନବରଙ୍ଗପୁର : ରାଜନୈତିକ ଇଚ୍ଛାଶକ୍ତି ଅଭାବ ହେଉ କି ପ୍ରଶାସନିକ ସ୍ଥାଣୁତା ହେଉ ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ବି ନବରଙ୍ଗପୁର ଜିଲ୍ଲାବାସୀ ରେଳଲାଇନ୍ ଦେଖିପାରିନାହାନ୍ତି। ଏହା ଦେଖିବାକୁ ଆଉ କେତେ ବର୍ଷ ଲାଗିବ ତାହାକୁ ନେଇ ଏବେ ଉଠିଲାଣି ପ୍ରଶ୍ନ। ବହୁଚର୍ଚ୍ଚିତ ରେଳପ୍ରକଳ୍ପ ଜୟପୁର-ନବରଙ୍ଗପୁର ରେଳପଥକୁ ପ୍ରସଙ୍ଗ କରି ୨ଟି ସରକାର ୨ଟି ନିର୍ବାଚନର ବୈତରଣୀ ପାର କରିଛନ୍ତି। ଏହା ବାଦେ ବି ୧୦ବର୍ଷ ପରେ ଜମି ସର୍ଭେରେ ସୀମିତ, ଇଞ୍ଚେ ଜମି ଅଧିଗ୍ରହଣ ହୋଇପାରିନାହିଁ। ପ୍ରକଳ୍ପ ପାଇଁ ବ୍ୟୟବରାଦ ହୋଇଥିବା ୭୫୦ କୋଟି ଏବେ ୧୫୦୦କୋଟିରେ ପହଚିଂଛି।



ପ୍ରକଳ୍ପ ପାଇଁ ୩୮କିଲୋ ମିଟରର ସର୍ଭେ ସରିଛି। ଏଥିରେ ନବରଙ୍ଗପୁର ଜିଲ୍ଲାରେ ୭.୧କିଲୋମିଟର ବ୍ରଡଗେଜ୍ ଲାଇନ୍ ହେବ। ସର୍ଭେରେ ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ତହସିଲର ଡାଇଭଟ୍ଟା, ନୂଆଗୁଡା ସିନ୍ଧିଗୁଡା, ଗାଦବାଗୁଡା ଓକେଶରୀଗୁଡା ଓ ନବରଙ୍ଗପୁର ତହସିଲର ନବରଙ୍ଗପୁର ମୌଜା ସହ କୋରାପୁଟ ଜିଲ୍ଲାର ବିଭିନ୍ନ ଗାଁର ମୌଜାରୁ ୭୮୦.୧୭୧ଏକର ଜମି ଏହି ପ୍ରକଳ୍ପ ପାଇଁ ବେସରକାରୀ ଲୋକଙ୍କର ଚାଷଜମି ଓଘର ପ୍ଲଟ ଆଦି ଯାଉଥିବା ସର୍ଭେରେ ଜଣାପଡିଛି।ଜିଲ୍ଲାର ନନ୍ଦାହାଣ୍ଡି ତହସିଲର ଡାଇଭଟ୍ଟା ମୌଜାରୁ ୧୪.୬୬୬ଏକର, ନୂଆଗୁଡାରୁ ୪୦.୧୯୦ଏକର, ସିନ୍ଧିଗୁଡାର ୧୭.୮୭୬ଏକର, ଗାଧବାଗୁଡାର ୩୫.୮୧୫ଏକର, କେଶରୀଗୁଡାର ୩୦.୧୧୫ଏକର ଓ ନବରଙ୍ଗପୁର ମେ?ଜାରୁ ୬.୯୮୧ ଏକର ଏଭଳି ୧୪୫,୬୪୩ଏକର ରେଳଲାଇନ୍ ପାଇଁ ଜମି ଯିବ। ୬ଟି ଯାକ ମୌଜାରେ ବହୁ ଚାଷ ଜମି ମଧ୍ୟରୁ ରେଳ ଯାଉଛି। ଏଥି ପାଇଁ ଜମିହରାଙ୍କୁ ଉଭୟ ତହସିଲରେ ୩୦୦କୋଟି ଟଙ୍କାର କ୍ଷତିପୂରଣ ଦେବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ମିଳିଛି। ୨୦୧୬ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ସରକାର ଥିବା ସମୟରେ ଜୟପୁର-ନବରଙ୍ଗପୁର, ଜୟପୁର - ମାଲକାନଗିରୀ ରେଳପଥ ପାଇଁ ଏମୟୁ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ କେନ୍ଦ୍ରସରକାର। ତତ୍କାଳୀନ ବିଜେଡି ନେତୃତ୍ୱାଧୀନ ସରକାର ନିଜେ ଜମି କିଣି କେନ୍ଦ୍ରକୁ ମାଗଣା ଜମି ସାଙ୍ଗକୁ ପ୍ରକଳ୍ପର ଅଧା ଖର୍ଚ୍ଚ ବହନ କରିବାକୁ ରାଜି ହୋଇଥିଲେ।

୨୦୧୬ରୁ ୨୦୨୪ଯାଏଁ ରାଜ୍ୟରେ ବିଜେଡି ସରକାର ଶାସନରେ ରହିଥିଲା। ଏହି ୮ବର୍ଷ ମଧ୍ୟରେ ରାଜ୍ୟସରକାର ଜମି କିଣି କାହିଁକି ଦେଇପାରିଲା ନାହିଁ ତାହାକୁ ନେଇ ବିଜେପି ନେତାଙ୍କ ସହ ସାଧାରଣ ଜନତାଙ୍କ ପ୍ରଶ୍ନ। ଏହି ସରକାର ଅମଳରେ ବାରମ୍ବାର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ବଦଳିଥିଲେ। ତହସିଲଦାର ମାନଙ୍କୁ ଜମି ଅଧିଗ୍ରହଣ ପାଇଁ ସ୍ୱତନ୍ତ୍ର-ଭୂଅର୍ଜନ ଅଧିକାରୀ ଭାବେ ଦାୟିତ୍ୱ ଦେଇଛନ୍ତି। ତହସିଦଲଦାର ମାନେ ଦାୟିତ୍ୱ ନେବା ପରେ ନବରଙ୍ଗପୁର ତହସିଲର ନବରଙ୍ଗପୁର ମୌଜାରେ ପବ୍ଲିକ ନୋଟିସ ସହ ବ୍ୟକ୍ତିଗତ ନୋଟିସ୍ ଦିଆସରିଛି। ନନ୍ଦାହାଣ୍ଡି ତହସିଲରେ ପବ୍ଲିକ ନୋଟିସ୍ ହୋଇସାରିଛି।

ଆପତ୍ତି ଅଭିଯୋଗ ପାଇଁ ଆଜି ଶେଷ ଦିବସ ରହିଥିଲା। ଏବେ ବ୍ୟକ୍ତିଗତ ନୋଟିସ୍ ଆସନ୍ତା ଦୁଇ ଦିନ ମଧ୍ୟରେ ଦିଆଯିବ ବୋଲି କହିଛନ୍ତି ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ। କେନ୍ଦ୍ର ଓ ରାଜ୍ୟସରକାରଙ୍କ ପକ୍ଷରୁ ଏବେ ବାରମ୍ବାର ଜିଲ୍ଲାପ୍ରଶାସନକୁ ଏହି ପ୍ରକଳ୍ପକୁ ତ୍ୱାରାନ୍ୱିତ କରିବାକୁ ଭିଡିଓ କନଫେରନସିଂରେ ତାଗିଦ୍ କରାଯାଉଛି। ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ନନ୍ଦାହାଣ୍ଡି ଓନବରଙ୍ଗପୁର ତହସିଲଦାର, ରେଳବାଇର ଉଚ୍ଚକର୍ତ୍ତୃପକ୍ଷଙ୍କୁ ଡାକି ସମୀକ୍ଷା କରିବା ସହ ତୁରନ୍ତ ଜମି ଅଧିଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ନୋଟିସ ହିତାଧିକାରୀ ମାନେ ପାଇବା ପରେ ସେମାନେ ସେମାନଙ୍କ କ୍ଷତିପୂରଣକୁ ନେଇ ରାଜି ହେଲେ ଜମି ଅଧିଗ୍ରହଣ ଆଗେଇବା ସହ ପ୍ରକଳ୍ପ ବି ଆଗେଇବ। ଏହି ପ୍ରକଳ୍ପ ଆଗେଇଲେ ନବରଙ୍ଗପୁର-ଜୁନାଗଡ ପ୍ରକଳ୍ପ ବି ଆଗେଇ ପାରିବ ।

# ୧୦ରୁ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ

ବଲାଙ୍ଗିର (ପିପିଏସ୍) : ବଲାଙ୍ଗିର ଜିଲ୍ଲାରେ ଫାଇଲେରିଆ ନିରାକରଣ ଅଭିଯାନ ଚଳିତ ବର୍ଷ ଫେବୃଆରୀ ୧୦ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ପୌରପରିଷଦ ଅନ୍ତର୍ଗତ ଶାସ୍ତ୍ରୀ ନଗର, କନ୍ଧପାଲିପଡା ଓ ଫେବୃଆରୀ ୨୦ ତାରିଖରୁ ମାର୍ଚ୍ଚ ୦୧ ତାରିଖ ପର୍ଯ୍ୟନ୍ତ ଆଗଲପୁର ବ୍ଲକରେ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଜିଲ୍ଲାପାଳ ଗୌରଓ୍ୱ ଶିବାଜି ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଡାଃ.ପୁଷ୍ପାଞ୍ଜଳି ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ କୁମାର ପଣ୍ଡା ମଞ୍ଚାସୀନ ଥିଲେ । ଏହା ସହ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଚିକିତ୍ସା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ କାର୍ଯ୍ୟାଳୟର ବୈଠକ ଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଡାଃ.ପୁଷ୍ପାଞ୍ଜଳି ମିଶ୍ର ନିଜର ବିବୃତିରେ ଫେବୃଆରୀ ୧୦ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ପୌରପରିଷଦ ଅନ୍ତର୍ଗତ ଶାସ୍ତ୍ରୀ ନଗରରେ ବସବାସ କରୁଥିବା ମୋଟ ୫୮୨୫୨ ଓ କନ୍ଧପାଲିପଡାର ୫୬୬୮୯ଙ୍କୁ ଓ ଫେବୃଆରୀ ୨୦ ତାରିଖ ରୁ ମାର୍ଚ୍ଚ ୦୧ ତାରିଖ ପର୍ଯ୍ୟନ୍ତ ଆଗଲପୁର ବ୍ଲକର ମୋଟ ୧୦୪୯୭୭ଜଣଙ୍କୁ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୌରପରିଷଦରେ ୨୧୮ ଓ ଆଗଲପୁର ୩୪୮ ଜଣ ଆଶା, ଅଙ୍ଗନବାଡିଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରାଯାଇଛି, ଯେଉଁମାନେ ଘରକୁ ଘର ବୁଲି




ନିଜ ସମ୍ମୁଖରେ ବୟସ ଅନୁଯାୟୀ ଓଠରଜଗରଉଞ୍ଜଓଘ, ଉରଉ ସହିତ ଇଖଇରଘଉଇତଙଖର ବଟିକା ଲୋକଙ୍କୁ ସେବନ କରେଇବେ । ୨ ରୁ ୫ ବର୍ଷ ଶିଶୁଙ୍କୁ କେବଳ ଉରଉ ସହିତ ଇଖଇରଘଉଇତଙଖର ବଟିକା ଖୁଆଇବେ ଓ ୬ ବର୍ଷ ରୁ ଉର୍ଦ୍ଧ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଓଠରଜଗରଉଞ୍ଜଓଘ, ଉରଉ ସହିତ ଇଖଇରଘଉଇତଙଖର ଖୁଆଇବେ । ଏଥି ପାଇଁ ବଲାଙ୍ଗିର ପୌରପରିଷଦ ଅଞ୍ଚଳରେ ୧୦୯ଟି ଟିମ, ୨୦ଜଣ ସୁପରଭାଇଜର, ୫୬ଟି ଭ୍ରାମ୍ୟମାଣ ଔଷଧ ନିରୀକ୍ଷକ, ୧ଗୋଟି ରେପୀଡ ରେସପୋନ୍ସ ଟିମ, ୪ଟି ସୋସିଆଲ ମୋବିଲିଜର ଗଠନ କରାଯାଇଛି । ସେହିପରି ଭାବେ ଆଗଲପୁର ବ୍ଲକରେ ୧୭୪ଟି ଟିମ, ୩୪ଜଣ ସୁପରଭାଇଜର, ୬ଟି ଭ୍ରାମ୍ୟମାଣ ଔଷଧ ନିରୀକ୍ଷକ, ୩ଟି ରେପୀଡ ରେସପୋନ୍ସ ଟିମ, ୬ଟି ସୋସିଆଲ ମୋବିଲିଜର ଗଠନ କରାଯାଇଛି । କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ଶିଶୁ ଓ ଅତିଶୟ ଗୁରୁତର ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତି ମାନଙ୍କୁ ଛାଡି ସମସ୍ତେ ଏହି ବଟିକା ଖାଇବେ । ଏହା ଦ୍ୱାରା, ମାଇକ୍ରୋ ଫାଇଲେରିଆ ପରଜୀବୀକୁ ମାରିଦିଆଯାଇପାରିବ ଏବଂ ଭବିଷ୍ୟତରେ ଗୋଦରଗୋଡ ବା ଅନ୍ୟାନ୍ୟ ଫାଇଲେରିଆସିସ ରୋଗକୁ ରୋକାଯାଇପାରିବ । ବଟିକା ସେବନ ପରେ ଯଦି କିଛି ଅସୁବିଧା ଦେଖା ଦିଏ, ତୁରନ୍ତ ଆଶା କିମ୍ବା ଅଙ୍ଗନବାଡି ଦିଦିଙ୍କୁ ଜଣେଇବେ । ରେପୀଡ ରେସପୋନ୍ସ ଟିମ ପ୍ରତି ୟୁନିଟ ପାଇଁ ବ୍ୟବସ୍ଥା କରାଯାଇଛି, ସେମାନେ ତୁରନ୍ତ ପହଂଚି ସ୍ୱାସ୍ଥ୍ୟ ସୁବିଧା ଯୋଗେଇପାରିବେ । ଆୟୁର୍ବେଦ ମହାବିଦ୍ୟାଳୟ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମରେ ସହଯୋଗ କରିବେ । ଆଜିର ଏହି କାର୍ଯ୍ୟକ୍ରମରେ ଡିପିଏଚଓ, ଡାଃ. ଯଦୁମଣି ନାୟକ, ଏଡ଼ିପିଏଚଓ, (ଭିବିଡି), ଡାଃ. ନମିତା ମିଶ୍ର, ଜେଡସି, ହ୍ଲୁ, ଏନଟିଡି, ଡାଃ.ଶ୍ୟାମ ବନ୍ଧୁ ରଥ, ଡିପିଏମ, ଜେ ରାଜେଶ୍ୱର ରାଓ ପଟ୍ଟନାୟକ, ଜିଲ୍ଲା ଭିବିଡି ସୁରେଶ ସ୍ୱାଇଁ, ଚିନ୍ମୟ ମହନ୍ତ, ଶ୍ରୀକାନ୍ତ ଯୋଶୀ ତଥା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଔଷଧ ସେବନ ପ୍ରକ୍ରିୟାରେ ସହଯୋଗ କରିକାର୍ଯ୍ୟକ୍ରମକୁ ସାଫଲ୍ୟ କରିବା ସହ ଜିଲ୍ଲାକୁ ଫାଇଲେରିଆ ରୋଗ ମୁକ୍ତ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ ।

# ବୋଲେରୋ - ବାଇକ୍ ଧକ୍କା : ୨ ମୃତ

କନ୍ଧମାଳ: କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ବୁଢ଼ାବାଲି ଟର୍ଣ୍ଣିଂ ଠାରେ ଏକ ବୋଲେରୋ ପିକଅପ ଏବଂ ଏକ ବାଇକ୍ ମୁହାମୁହିଁ ହେବା ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ସୂଚନାନୁସାରେ, ଏକ ବୋଲେରୋ ପିକଅପ ନମ୍ବର (ଓଡି ୦୭ ଏ ୫୩୧୬) ବାଲିଗୁଡ଼ା ପଟରୁ ସାରଙ୍ଗଡ଼ ଯାଉଥିବା ବେଳେ ଅପର ପଟରୁ ଏକ ବାଜାଜ ବାଇକ୍ (ଓଡି ୦୭ ପି ୦୪୯୯) ଆସି ମୁହାମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀ ଦୁଇ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ମାନମ ରାଇକିଆ ମଣ୍ଡାସୁରର ପ୍ରଶାନ୍ତ ପାତ୍ର ଓ ପ୍ରଦିପ ପ୍ରଧାନ ବୋଲି ଜଣାପଡିଛି । ବୋଲେରୋ ପିକଅପଟି ବାଲିଗୁଡାରୁ ସାରଙ୍ଗଡ ଯାଉଥିଲା ବେଳେ ବିପରୀତ ଦିଗରୁ ବାଜାଜ୍ ବାଇକ ଫୁଲବାଣୀରୁ ବାଲିଗୁଡା ଅଭିମୁଖେ ଯାଉଥିଲା । ଡାମେରିକିଆ ନିକଟ ବୁଡାବାଲି ଠାରେ ଦୁର୍ଘଟଣା ଘଟିଥିଲା ବେଳେ ଘଟଣାସ୍ଥଳରେ କ.ନୂଆଗାଁ ଥାନା ଅଧିକାରୀ ଆଶୁତୋଷ ଜେନା ଓ ଏସଆଇ ବାସୁଦେବ ପଣ୍ଡା ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଥିବା ବେଳେ ଅଧିକ ତଦନ୍ତ ଜାରିରଖିଛନ୍ତି ।

# ରାଜସ୍ୱ ବିଭାଗ ସମୀକ୍ଷା ବୈଠକ

ନୂଆପଡା: ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଜିଲ୍ଲାପାଳ ସମସ୍ତ ରାଜସ୍ୱ ଅଧିକାରୀଙ୍କୁ ସ୍ୱାଗତ କରି ରାଜସ୍ୱ ଆଦାୟର ଗୁରୁ ଦାୟିତ୍ୱ ସମ୍ବନ୍ଧରେ ଚେତାଇ ଦେଇଥିଲେ । ରାଜସ୍ୱ ମାମଲା ସବୁ ତୁରନ୍ତ ଫୈସଲା କରିବା, ବେଆଇନ ଇଟାଭାଟି ସବୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ବିଭାଗ ଜନସାଧାରଣଙ୍କ ନିକଟରେ ପହଂଚିବା ପାଇଁ 'ଗାଁ ରେ ରାଜସ୍ୱ ପ୍ରଶାସନ' କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ କହିଥିଲେ । ସେ ରାଜସ୍ୱ ଅଧିକାରୀମାନଙ୍କୁ କଠିନ ପରିଶ୍ରମ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ପାର୍ଚ୍ଚା ର କଲମ ୨ ସଂଶୋଧନ, ବସୁନ୍ଧରା ଯୋଜନା, ଏନଫୋର୍ସମେଂଟ, ସିଟି ଏବଂ ଜିଏସଟି, ଅବକାରୀ, ପରିବହନ, ମାଇନିଂ ସମେତ ଅନ୍ୟ ରାଜସ୍ୱ ସମ୍ପର୍କିତ ବିଷୟଗୁଡିକର ସମୀକ୍ଷା କରିଥିଲେ । ଏଥିରୁ ଜଣାଗଲା ଯେ, ଜାନୁୟାରୀ ୨୦୨୬ ସୁଦ୍ଧା ସିଟି ଏବଂ ଜିଏସଟି ବିଭାଗ ୧୭ କୋଟି ୧୫ ଲକ୍ଷ ଟଙ୍କା, ପ୍ରବର୍ତ୍ତନ ବିଭାଗ ୨ କୋଟି ୬୫ ଲକ୍ଷ, ବୈଧ ଓଜନ ଓ ମାପ ବିଭାଗ ୧୮,୭୭,୧୬୮ ଟଙ୍କା, ପରିବହନ ବିଭାଗ ୧୨ କୋଟି ୩୪ ଲକ୍ଷ ଟଙ୍କା, ଅବକାରୀ ବିଭାଗ ୧୬,୫୮,୧୬,୫୬୫ ଟଙ୍କା, ଜିଲ୍ଲା ନିବନ୍ଧକ ୭,୫୯,୭୫,୬୮୪ ଟଙ୍କା, ମାଇନିଙ୍ଗ ବିଭାଗ ୧,୮୧,୩୫ ୦୦୦ ଟଙ୍କା ରାଜସ୍ୱ ପ୍ରଦାନ କରିଛନ୍ତି କ୍ଷ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ଏବଂ ସମିର ସାହୁ ବନାଗ୍ନି ନିୟନ୍ତ୍ରଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଅବଗତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ପୂର୍ବ ଘୋଷିତ ଜିଲ୍ଲାର ପ୍ରଥମ 'ରାଜସ୍ୱ ମିତ୍ର ପୁରସ୍କାର' ରେ ଟାନଓ୍ୱାଟ ଗାଁର ଅନନ୍ତ ଶବରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରତି ମାସରେ ଜଣେ ବ୍ୟକ୍ତି ଯିଏ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଛନ୍ତି ଏବଂ ସରକାରଙ୍କ ସମସ୍ତ ରାଜସ୍ୱ ନିୟମ ପ୍ରତିପାଳନ କରୁଛନ୍ତି ତାଙ୍କୁ 'ରାଜସ୍ୱ ମିତ୍ର' ଭାବରେ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର କରାଯାଇଛି । ସେହିପରି ଏହି ତ୍ରୈମାସିକ ଅବଧିରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ତହସିଲଦାର ନୂଆପଡା, ପ୍ରଣବ ରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର କୋମନା, ସୋନିଆ ଶ୍ରୀ ମଲ୍ଲିକ, ରାଜସ୍ୱ ସୁପର୍ ଭାଇଜର ଲକ୍ଷ୍ମୀ ନାରାୟଣ ମେହେର, ରାଜସ୍ୱ ନିରିକ୍ଷକ ଧନଞ୍ଜୟ ଦଣ୍ଡସେନା ଏବଂ ସର୍ବଶ୍ରେଷ୍ଠ ଅମିନ ଭାବରେ ନେତ୍ରାନନ୍ଦ ବିଶୀଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ । ଏହି ସମୀକ୍ଷା ବୈଠକରେ ବନଖଣ୍ଡ ଅଧିକାରୀ, ଅଜିଜ ଖାନ୍ , ସମିର ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବିଡିଓ, ଅନ୍ୟ ରାଜସ୍ୱ ଅଧିକାରୀ ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ମହିଳା ମହାବିଦ୍ୟାଳୟର ବକ୍ତୃତାରେ ପ୍ରତିରକ୍ଷା ବୈଜ୍ଞାନିକଙ୍କ ବ୍ୟାଖ୍ୟାନ

ସମ୍ବଲପୁର: ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ 'ଆମ କଲେଜ, ଆମ ଗୌରବ' ଆନୁକୂଲ୍ୟରେ ଚଳିତ ଶିକ୍ଷାବର୍ଷର ଚତୁର୍ଥ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁନାସ୍ଥିତ ପ୍ରତିରକ୍ଷା ବୈଜ୍ଞାନିକ ବିଦ୍ୟାବତୀ ନାୟକ ଯୋଗଦେଇ ଜଣେ ନାରୀ ଭାବରେ ନିଜ ସଂଘର୍ଷମୟ ଜୀବନ କାହାଣୀ ଛାତ୍ରୀଙ୍କ ଆଗରେ ଉପସ୍ଥାପନ କରିଥିଲେ । କର୍ଣ୍ଣାଟକର ଏକ ଅଖ୍ୟାତ ପଲ୍ଲୀର ଏକ ରକ୍ଷଣଶୀଳ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ନିଜର ଲକ୍ଷ୍ୟ ପାପ୍ତି ପାଇଁ ତାଙ୍କୁ କଠିନ ସଂଘର୍ଷ ଏବଂ ପରିଶ୍ରମ କରିବାକୁ ପଡ଼ିଥିଲା । ବୁଦ୍ଧିମତା ଓ ପରୀକ୍ଷାର ନମ୍ବର ଅପେକ୍ଷା ସମୟର ସଦୁପଯୋଗ, ଆତ୍ମବିଶ୍ୱାସ ଓ ଯୋଜନାବଦ୍ଧ କାର୍ଯ୍ୟପ୍ରଣାଳୀ ତାଙ୍କୁ ଲକ୍ଷ୍ୟ ସ୍ଥଳରେ ପହଂଚାଇବାରେ ସହାୟତା କରିଛି ବୋଲି ଶ୍ରୀମତୀ ନାୟକ କହିଥିଲେ । ବୁଦ୍ଧିମତୀ, ଶକ୍ତିଶାଳୀ ଓ ସ୍ନେହଶୀଳ ପରିଚୟର ସ୍ୱତନ୍ତ୍ରତା ନାରୀକୁ ଗୃହିଣୀ ଏବଂ କର୍ମକ୍ଷେତ୍ରରେ ସଫଳତା ପ୍ରଦାନ କରିଥାଏ । ପରେ ଛାତ୍ରୀମାନଙ୍କ ଭିନ୍ନଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ପ୍ର. ଯୋଗେଶ ଚନ୍ଦ୍ର ଭୋଇ ସ୍ୱାଗତ ସଂଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ର. ସୁଶାନ୍ତ କୁମାର ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଅନ୍ତରୀଣ ଗୁଣବତା ଆଶ୍ୱସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ର. ରବୀନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧାପକ ଅଖିଳ ବିଶ୍ୱାଳ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଯୁବ ରେଡ୍‌କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ

କନ୍ଧମାଳ: ଫୁଲବାଣୀର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କନ୍ଧମାଳ ଜିଲ୍ଲାର ଯୁବ ରେଡ଼କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରେଡ଼କ୍ରସ୍ ରାଜ୍ୟ ଶାଖା ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଜିଲ୍ଲା ଯୁବ ରେଡକ୍ରସ୍ ର ସଭାପତି ଡ଼. ସୁବାସ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଏହି ବୈଠକ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଏବଂ ପୂର୍ବତନ ଜିଲ୍ଲା ସଂଯୋଜକ ସୁକାନ୍ତ କୁମାର ବେହେରା ଅତିଥି ଭାବେ ଯୋଗଦେଇଥିଲେ । ସମସ୍ତ ମଂଚାସିନ ଅତିଥି ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ରେଡକ୍ରସ୍ ର ଜନ୍ମଦାତା ସାର ହେନରୀ ଦୁନାଂଟ ଙ୍କ ଫଟୋରେ ପୁଷ୍ପ ମାଲ୍ୟ ଅର୍ପଣ କରି ସଭା ଆରମ୍ଭ କରିଥିଲେ । ଜିଲ୍ଲା ର ଯୁବ ରେଡ଼କ୍ରସ୍ କନଭେନେଣ୍ଟ ସେକ୍ରେଟାରୀ ତଥା ସହକାରୀ ପ୍ରଫେସର ଡ. ଅଭିସ୍ପା ବଳ ଅତିଥି ପରିଚୟ ଦେବା ସହ ସ୍ୱାଗତ ଅଭିଭାଷଣ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମର ସମ୍ମାନିତ ଅତିଥି ଶ୍ରୀ ଜେନା ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କୁ ସମାଜସେବାରେ ରେଡକ୍ରସ୍ ର ଭୂମିକା ଉପରେ ଏକ କବିତା ମାଧ୍ୟମରେ ଉଦବୋଧନ କରିଥିଲେ । ଶ୍ରୀ ବେହେରା ଏହି ବୈଠକ ରେ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାର ଯୁବ ରେଡ଼କ୍ରସ୍ ଶାଖା କୁ କିପରି ତ୍ୱରାନିତ କରାଯାଇପାରିବ, ଏହା ଉପରେ ଗୁରୁତ୍ୱାରୋପ କରିଥିଲେ । ସଭାପତି ଡ. ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅଧ୍ୟକ୍ଷ ଏବଂ ଯୁବ ରେଡକ୍ରସ୍ କାଉନସିଲର ମାନଙ୍କୁ ନିଷ୍ଠାପର ଭାବେ ସମାଜ ସେବା ଏବଂ ରେଡକ୍ରସ୍ ର ୭ଟି ସମୂଳ ତତ୍ତ୍ୱ ଉପରେ ସଚେତନ କରାଇଥିଲେ । ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ରେ ଯୁବ ରେଡ଼କ୍ରସ୍ ର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହ କିପରି ଭାବେ ନୂତନ ରେଡ଼କ୍ରସ୍ ୟୁନିଟ୍ ସକ୍ରିୟ କରିବାକୁ ହେବ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଉପସ୍ଥିତ କାଉନସିଲର ମାନେ ୨୦୨୫-୨୬ ବର୍ଷ ନିମନ୍ତେ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ରେଡକ୍ରସ୍ କୋର୍ଡିନେଟର ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୩୧ ବିଦ୍ୟାଳୟ ରୁ ଅଧ୍ୟକ୍ଷ ଏବଂ କାଉନସିଲର ମାନେ ଉପସ୍ଥିତ ଥିଲେ ।

# ଧାନ ସଂଗ୍ରହ ଲକ୍ଷ୍ୟ ବୃଦ୍ଧି ଦାବି

ସମ୍ବଲପୁର: ରବି ଧାନ ବିକ୍ରି ସମସ୍ୟାକୁ ନେଇ ରାସ୍ତାକୁ ଓହ୍ଲାଇଲେ ସମ୍ବଲପୁର ଚାଷୀ । ପ୍ରାୟ ସାଢ଼େ ୪ ଘଣ୍ଟା ଧରି ଚାଷୀମାନେ ସିନ୍ଦୂରପଙ୍କଠାରେ ୫୩ ଓ ୫୫ ନମ୍ବର ଜାତୀୟ ରାଜପଥର ସଂଯୋଗସ୍ଥଳକୁ କବ୍‌ଜା କରି ରଖିଥିଲେ । ଏଥି ଯୋଗୁ ମୁମ୍ବାଇ, କୋଲକାତା ଓ କଟକ ପଟୁ ଆସୁଥିବା ଶହଶହ ସଂଖ୍ୟାରେ ଗାଡ଼ି ଛକ ପୂର୍ବରୁ ତିନି ପାର୍ଶ୍ୱ ରାସ୍ତାରେ ଅଟକି ରହିଥିଲା । ଶେଷରେ ପ୍ରଶାସନ ଚାଷୀଙ୍କ ଦାବି ପୂରଣ କରିଥିଲା । ଟାର୍ଗେଟ୍ ନଥିବା କାରଣରୁ କୌଣସି ମଣ୍ଡିରେ ଧାନ ବିକ୍ରି ସମସ୍ୟା ରହିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ, ଏସ୍‌ଡିପିଓ ଲିଖିତ ଭାବରେ ଜଣାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସମ୍ବଲପୁର ଜିଲ୍ଲା ତବଲା, ପରମାଣପୁର ସ୍ଥିତ ଅଧିକାଂଶ ମଣ୍ଡିରେ ଅବିକ୍ରି ହୋଇ ପଡ଼ିଛି ଧାନ । ବର୍ଷାରେ ଫସଲ ନଷ୍ଟ ଓ ଗୁଣାତ୍ମକମାନ ହ୍ରାସ ଯୋଗୁ ଚାଷୀ ପୂର୍ବରୁ ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଛି । ସେଥିରେ ପୁଣି ଧାନ ବିକ୍ରି ନ ହେବା ଫଳରେ ଚାଷୀର ସମସ୍ୟା ଆହୁରି ବଢ଼ି ଯାଇଛଇ । ଧାନ ଯେତିକି ଅଧିକ ଦିନ ପଡ଼ି ରହୁଛି, ଭଡ଼ା ସେତିକି ବଢୁଛି । ତେଣୁ ପୂର୍ବ ଘୋଷଣା ଅନୁସାରେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର କର୍ମକର୍ତ୍ତାମାନେ ସକାଳ ପ୍ରାୟ ୭.୩୦ରୁ ୫୩ ଓ ୫୫ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ରଖିଥିଲେ । ଚଳିତ ବର୍ଷ ଯେଉଁଭଳି ଭାବରେ ସମ୍ବଲପୁର ସମେତ ପୂରା ପଶ୍ଚିମ ଓଡ଼ିଶାରେ ଟାର୍ଗେଟ ସମସ୍ୟା ଉପୁଜିଛି, ତାକୁ ଜୋରଦାର ବିରୋଧ କରାଯାଇ ଥିଲା । ରବିରେ ଏଭଳି ଅବସ୍ଥା ସତର୍କ ଘଣ୍ଟି ବୋଲି କୁହାଯାଇଥିଲା । ଧାନ ସଂଗ୍ରହର ଯଥେଷ୍ଟ ପୂର୍ବରୁ ଚାଷୀମାନେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରୁଛନ୍ତି । ଏକର ହିସାବରେ କେତେ ଧାନ ସଂଗ୍ରହ ହେବ ତାହା ସ୍ୱୟଂ ପ୍ରଶାସନ ନିର୍ଦ୍ଧାରଣ କରୁଛି । କେବେ ଧାନ ସଂଗ୍ରହ ହେବ ତାହା ବି ପ୍ରଶାସନର ମର୍ଜିରେ ସ୍ଥିର ହେଉଛି ।

# ସ୍ପେଶାଲ ସ୍କ୍ୱାଡ଼ର ଚଢ଼ଉ
# ୮୫ କେଜି ଗଞ୍ଜେଇ ଜବତ

ଆନନ୍ଦପୁର : ଗଞ୍ଜେଇ ଭର୍ତ୍ତି ୨ଟି ଚାରିଚକିଆ ଗାଡ଼ି । କେନ୍ଦୁଝର ସ୍ପେଶାଲ ସ୍କ୍ୱାଡ୍ ଦ୍ୱାରା ଜବତ କରାଯାଇଛି । ଏଥିରେ ୮୫ କି.ଗ୍ରା. ଗଞ୍ଜେଇ ଥିବା ଜଣାପଡିଛି । ୩ଜଣଙ୍କୁ ଅଟକ ରଖାଯାଇଛି । ଜାତୀୟ ରାଜପଥ ୨୦ ପାର୍ଶ୍ୱ ଘସିପୁରା ଅଞ୍ଚଳର ଏକ ହୋଟେଲ ଆଗରେ ୨ଟି କାର୍ ରଖି ୫ ଜଣ ଖାଦ୍ୟ ଖାଉଥିବା ବେଳେ କେନ୍ଦୁଝର ପୁଲିସର ଏକ ସ୍ପେଶାଲ ସ୍କ୍ୱାଡ୍ ସମେତ ଘସିପୁରା ଥାନା ପୁଲିସ ଅତର୍କିତ ଭାବେ ଚଢ଼ଉ କରିଥିଲା । ସେଠାରୁ ଗଞ୍ଜେଇ ଜବତ କରାଯିବା ସହ



## ଥାନାରେ ୩ ଅଟକ

ହେମନ୍ତ ବେହେରା, ରାଜେଶ ପାତ୍ର, ମିଶ୍ର ବେହେରାଙ୍କୁ ଅଟକ ରଖି ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ସମସ୍ତ ଗଞ୍ଜେଇ ଚଲାଣକାରୀ କେନ୍ଦୁଝର ଜିଲା ବାଂଶପାଳ ଅଞ୍ଚଳର ବୋଲି ସୂଚନା ମିଳିଛି । ତେବେ ସେମାନେ ଏତେ ପରିମାଣର ଗଞ୍ଜେଇ କେଉଁଠୁ ଓ କେଉଁଆଡେ ନେଉଥିଲେ ତାର ତଦନ୍ତ ଜାରି ରହିଛି ।

## ଅବକାରୀ ଓ ପୁଲିସର ମିଳିତ ଚଢ଼ଉ
# ଦେଢ଼ କୋଟି ମୂଲ୍ୟର ଅଫିମ ଚାଷକୁ ନଷ୍ଟ କରାଗଲା

ବଣେଇ,(ହି.ସ.)- ରାଉରକେଲା ପୋଲିସ ଜିଲ୍ଲା କୋଇଡା ଥାନା ଅନ୍ତର୍ଗତ ପୁଣ୍ଡୁପୋଖରି ଗ୍ରାମ ନିକଟରେ ଜଙ୍ଗଲ ଜମିରେ ଦୀର୍ଘ ଦିନ ଧରି ଚାଲିଥିବା ଅଫିମ ଚାଷକୁ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ନଷ୍ଟ କରାଯାଇଛି । ଶନିବାର ସକାଳେ ଏହି ଚଢ଼ଉ ହୋଇଥିଲା । ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସେଠାରେ ଚାଷ କରାଯାଇଥିବା ବିପୁଳ ପରିମାଣର ଅଫିମ ଗଛକୁ କାଟି ନଷ୍ଟ କରିବା ସହ ଏହାକୁ ପୋଡି ଦେଇଛନ୍ତି । ନଷ୍ଟ କରାଯାଇଥିବା ଅଫିମ ଫସଲର ମୂଲ୍ୟ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ପ୍ରାଥମିକ ସ୍ତରରେ ଆକଳନ କରାଯାଉଛି । ତେବେ ବର୍ତ୍ତମାନ କର୍ମସ୍ଥଳି ହେଉ କିମ୍ବା ସମ୍ପୂର୍ଣ୍ଣ ଦିନ ମାନର କାର୍ଯ୍ୟ ସମୟ ହେଉ ନିଶା ନେଇ କାମ କରିବା ଅନେକଙ୍କ ଅଭ୍ୟାସରେ ପରିଣତ ହୋଇଛି । ଏବେ ଆଲକହଲ ଯୁକ୍ତ ନିଶା ଧରାପଡି ଯାଉଥିବାରୁ ଲୋକେ ଗଞ୍ଜେଇକୁ ନେଇ କାମ ଚଳାଇବା ପରେ ଏବେ ଅଫିମ ଦିଗକୁ ଅଧିକ ଆକୃଷ୍ଟ ହୋଇଛନ୍ତି । ଅଫିମ ନିଶା ଏକ ଭିନ୍ନ ସ୍ୱାଦର ନିଶା ବୋଲି ବିଚାର କରି ଗ୍ରାହକ ଅଧିକ ଗ୍ରହଣ କରୁଥିବାରୁ ଏହି ଲାଭଜନକ ବ୍ୟବସାୟକୁ କୋଇଡ଼ାର ପାହାଡ଼ିଆ ଅଣ୍ଡା ଅଂଚଳରେ କୁଟୀର ଶିଳ୍ପ ଭାବେ ଗ୍ରହଣ କରି ବିସ୍ତୀର୍ଣ୍ଣ ଚାଷଜମିରେ ଅଫିମ ଚାଷ କରାଯାଉଛି ।

# ଜ୍ଞାନ ବିଜ୍ଞାନ ମେଳା

ଜୟପୁର, (ହି.ସ.)- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚନ୍ଦନ କୁମାର ନାୟକ, ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ରହି ଶିଶୁଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି କିଶୋର ଚନ୍ଦ୍ର ପଣ୍ଡା, ୨୧ ନମ୍ବର ଓ୍ୱାର୍ଡର କାଉନ୍ସିଲର ଶ୍ରୀମତୀ ସୁଷମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସତ୍ୟ ନାରାୟଣ ସେଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବନ୍ଦନା ଓ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଶିଶୁମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଗଣିତ ଓ ବିଜ୍ଞାନ ଗୁରୁଜୀ ଦିଲୀପ କୁମାର ଶତପଥୀ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଶିଶୁଙ୍କୁ ମାର୍ଗଦର୍ଶନ କରିଥିଲେ । ଶିଶୁମାନେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପତ୍ରବାଚନ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଂଚ, ଗଣିତ ପ୍ରକଳ୍ପ, ଗଣିତ ପତ୍ରବାଚନ, ଗଣିତ ପ୍ରୟୋଗ, ଗଣିତ ପ୍ରଶ୍ନମଂଚ, ସଂସ୍କୃତିଜ୍ଞାନ ବିଜ୍ଞାନ ପତ୍ରବାଚନରେ ୨୦ ଜଣ, ମୂର୍ତ୍ତିକଳାରେ ୧୫ ଭାଗ ନେଇଥିଲେ । ସଂସ୍କୃତିଜ୍ଞାନରେ ସର୍ବମୋଟ ୩୧ ଜଣ ଶିଶୁ ଭାଇ ଭଉଣୀ ଭାଗ ନେଇଥିଲେ । ଏହିପରି ଭାବେ ମୋଟ ୨୩୭ ଜଣ ଶିଶୁ ଭାଇ ଭଉଣୀ ଏହି ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିଲେ । ସେହିପରି ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀପ କୁମାର ପଣ୍ଡା, ପ୍ରଧାନ ଶିକ୍ଷକ, ଗଡ଼ପଦର ଉଚ୍ଚବିଦ୍ୟାଳୟ ଓ ସମ୍ମାନୀତ ଅତିଥି ଭାବେ ସୁକାନ୍ତ ବେହେରା, ଦକ୍ଷିଣ ସମ୍ଭାଗର ସମ୍ଭାଗ ସଂଯୋଜକ, ବିଦ୍ୟାଳୟର ସଭାପତି କିଶୋର ଚନ୍ଦ୍ର ପଣ୍ଡା ଓ ସଂପାଦକ ଶିଶିର ଚନ୍ଦ୍ର ଦାଶ ଯୋଗଦେଇ ଶିଶୁମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ସମାରୋପ ଉତ୍ସବରେ କୃତି ଶିଶୁ ଭାଇ ଭଉଣୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । କୃତି ଶିଶୁମାନେ ପରବର୍ତୀ ପର୍ଯ୍ୟାୟରେ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅତିଥି, ପରିଚାଳନା ସମିତିର ସମସ୍ତ ସଦସ୍ୟ, ଅଭିଭାବକ, ଶୁଭେଚ୍ଛୁ, ଗୁରୁଜୀ ଗୁରୁମା, ସେବକ ସେବିକା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ବିଜେପି କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ

ମାଲକାନଗିରି (ହି.ସ) : ମାଲକାନଗିରି ଜିଲ୍ଲା ବିଜେପି ତରଫରୁ ଗତକାଲି ମାଲକାନଗିରି ସଦର ମହକୁମା ଦଳୀୟ କାର୍ଯ୍ୟାଳୟ ଠାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଅଶୋକ କୁମାର ପରିଡା, ପୂର୍ବତନ ସଭାପତି ନିମାଇଁ ଚନ୍ଦ୍ର ପାଲ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମଲ ସୁନାନୀ, ସଂଯୋଜକ କେଶବ ଚନ୍ଦ୍ର ନାୟକ ଓ କୁନାଲ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ । ସଂଯୋଜକ କୁନାଲ ମିଶ୍ର ଉପସ୍ଥିତ ବିଜେପି କର୍ମକର୍ତାମାନଙ୍କୁ ଓ୍ୱାକଫ ବିଲ୍ ଉପରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଏହା କାର୍ଯ୍ୟକାରୀ ହେଲେ ଗରିବ ମୁସଲମାନ ଲୋକମାନେ କିପରି ଲାଭାନ୍ୱିତ ହୋଇ ପାରିବେ ସମସ୍ତଙ୍କୁ ବୁଝାଇ ଥିଲେ । ଅନ୍ୟତମ ବିଜେପି ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ନାୟକ 'ଏକ ଦେଶ ଏକ ନିର୍ବାଚନ' ସଂପର୍କରେ ବିଜେପି କାର୍ଯ୍ୟକର୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେ କହିଲେ ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ଯୁଗାନ୍ତକାରୀ ବିଲ୍ । ଭାରତୀୟ ସମ୍ବିଧାନ ଅନୁଛେଦ ୩୬୮ ଅନୁସାରେ ୧୨୯ତମ ସମ୍ବିଧାନ ସଂଶୋଧନ କରାଯାଇ ଉଭୟ ସଦନରେ ପାରିତ କରାଯାଇଛି । ଏହା ୨୦୨୯ ନିର୍ବାଚନରେ କାର୍ଯ୍ୟକାରୀ ହେବ । ଏହା କାର୍ଯ୍ୟକାରୀ ହେଲେ ୫ ବର୍ଷ ମଧ୍ୟରେ ବାରମ୍ବାର ନିର୍ବାଚନକୁ ଏଡାଇ ହେବ । ଏବଂ ଏକା ସମୟରେ ସମଗ୍ର ଭାରତବର୍ଷରେ ଥରେ ମାତ୍ର ମତଦାନ ଦେବାକୁ ପଡିବ । ଫଳରେ ନିର୍ବାଚନୀ ଖର୍ଚ୍ଚକୁ ବହୁ ମାତ୍ରାରେ ହ୍ରାସ କରାଯାଇ ପାରିବ । ଏହା ଛଡା ପ୍ରତ୍ୟେକ ନିର୍ବାଚନ ପାଇଁ ଯେଉଁ ଆଚରଣ ବିଧି ଲାଗୁ କରାଯାଇ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ସ୍ଥଗିତ କରାଯାଉଥିଲା, ତାହା ବାଧକ ହେବ ନାହିଁ । ତେବେ ଭାରତ ବର୍ଷରେ ୧୯୫୨,୧୯୫୭,୧୯୬୨ ଏବଂ ୧୯୬୭ ରେ ୪ ଥର ଏକ ଦେଶ ଏକ ନିର୍ବାଚନ ହୋଇଥିଲା । ୧୯୭୨ ନିର୍ବାଚନ ପରେ ଏହି ପ୍ରକ୍ରିୟାକୁ ତତ୍କାଳୀନ କେନ୍ଦ୍ର ସରକାର ଭଙ୍ଗ କରିଥିଲେ । ଫଳରେ ଦେଶରେ ନିର୍ବାଚନ ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି । ଏଣୁ ଏହାକୁ ଜନ ସାଧାରଣଙ୍କୁ ବୁଝାଇବାକୁ ପଡ଼ିବ ବୋଲି ସେ ବିଶଦ ଭାବରେ ଆଲୋଚନା କରିଥିଲେ ।

# ପୁରାତନ ଛାତ୍ର ସମ୍ମିଳନୀ

କେନ୍ଦୁଝର: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସର୍ବକ୍ଷେତ୍ର ଗଦଗଦି ପରିସରରେ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ସିପୁନ କୁମାର ଦାସ । ସେ ରାଷ୍ଟ୍ର ଗଠନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୂର୍ବ ଛାତ୍ରମାନଙ୍କ ଭୂମିକା ବିଷୟରେ ମାର୍ଗ ଦର୍ଶନ କରିଥିଲେ । ଏହି ବୈଠକରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସର୍ବକ୍ଷେତ୍ର ଗଦଗଦିରୁ ଉତୀର୍ଣ୍ଣ ହୋଇ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପୂର୍ବ ଛାତ୍ରମାନେ ସମ୍ମିଳିତ ହୋଇଥିଲେ । ଆସନ୍ତା ଶିକ୍ଷାବର୍ଷରେ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ପାଳନ କରିବାକୁ ନିଷ୍ପତି ଗ୍ରହଣ କରିଥିଲେ । ବୈଠକରେ ଅଧ୍ୟକ୍ଷତା କରିଥିଲେ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା ସମିତି ସଭାପତି ଦୀନବନ୍ଧୁ ମହାନ୍ତ । ପରିଚାଳନା ସମିତି ଉପ ସଭାପତି ପଦନ ନାଏକ ପୂର୍ବ ଛାତ୍ର ମାନଙ୍କୁ ଶିଶୁ ମନ୍ଦିରରେ ପ୍ରାପ୍ତ ନୈତିକ ଶିକ୍ଷା ଆଧାରରେ ସମାଜ ପରିବର୍ତନ ନିମିତ ସ୍ୱ ସ୍ୱ କର୍ମକ୍ଷେତ୍ରରେ ସଫଳତାର ସହିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନି ଅତିଥି ମାନଙ୍କ ପରିଚୟ ପ୍ରଦାନ ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ କଥା ରଖିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ସନାତନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟ ପ୍ରତାପ ଚନ୍ଦ୍ର ମହାନ୍ତ, ଶ୍ରୀକାନ୍ତ ମହାନ୍ତ, ଭକ୍ତବନ୍ଧୁ ମହାନ୍ତ, ଆଚାର୍ଯ୍ୟା ନମିତା ତ୍ରିପାଠୀ, ପ୍ରତିମା ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କୁନି କୁନି ପିଲାମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଶିଶୁ ଭଉଣୀ କ୍ରିଷ୍ଟା କରିସ୍ମା ନାଏକ ବ୍ୟକ୍ତିଗତ ଗୀତ ଗାନ କରିଥିବା ବେଳେ ପୂର୍ବ ଛାତ୍ର ଦାୟିତ୍ୱରେ ଥିବା ଆଚାର୍ଯ୍ୟ ହରିଶ୍ଚନ୍ଦ୍ର ମହାନ୍ତ ପୂର୍ବ ବିବରଣୀ ପଠନ କରିଥିଲେ ।

# ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପୋଷି ସ୍ଥିତ ପିଏମ୍ ଶ୍ରୀ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦେଇପୋଷି ପରିସରରେ ଶୁକ୍ରବାର ବାର୍ଷିକ କ୍ରୀଡା ଉତ୍ସବ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଅଧିକାରୀ ପରମେଶ୍ୱର ସାମଲ ଯୋଗଦେଇ କ୍ରୀଡା ମାଧ୍ୟମରେ ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ଉପରେ ଗୁରୁତ୍ୱ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ବାରିକ ଛାତ୍ରଛାତ୍ରୀଙ୍କୁ ଶିଷ୍ଟାଚାର, ଶୃଙ୍ଖଳା ଓ ଖେଳମନୋଭାବ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ ରାମାନାୟଣ ମୁଖାର୍ଜୀ,ପୂର୍ବତନ ଶିକ୍ଷକ କୀର୍ତନ ବିହାରୀ ମହାନ୍ତ, ବିଦ୍ୟାଳୟ ପରିଚାଳାନା କମିଟି ର ଅଧ୍ୟକ୍ଷ ଦିବ୍ୟଲୋଚନ ସାହୁ, ସରପଂଚ ମିନାକ୍ଷୀ ନାଏକ,ସମିତି ସଭ୍ୟ ପ୍ରଦୀପ ନାଏକ ପ୍ରମୁଖ ସଂମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଉତ୍ସବରେ ସ୍ଥାନୀୟ ସାମ୍ବାଦିକ ବିଜୟ କୁମାର ମହାନ୍ତ ଓ ସନ୍ତୋଷ କୁମାର ପତିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସଂମ୍ମାନୀତ କରାଯାଇଥିଲା । ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଶିକ୍ଷକ ପାର୍ଥ ସାରଥୀ ବେଜ ମଂଚ ପରିଚାଳନା କରିଥିଲେ । ବିଦ୍ୟାଳୟର ଶିକ୍ଷକ ଦିନେସ କୁମାର ନାଏକ,ସରୋଜ କୁମାର ମହାନ୍ତ,ଅଶିତ କୁମାର ରାଉତ, ପପୁନ କୁମାର ସେଠୀ, ଚନ୍ଦନ ବିନ୍ଧାଣି, ନିରୂପମା ମହାନ୍ତ, ଜୀବାନି ମହାନ୍ତ, ସୁମିତା ନାଏକ, ସୁନେଲି ସରେନ,ମୋତି ମୋନାଲିସା ମହାପାତ୍ର, ଲକ୍ଷ୍ମଣ ବେହେରା, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ମୁଣ୍ଡା ସମସ୍ତ ଅତିଥି, ଶିକ୍ଷକ, ପରିଚାଳନା କମିଟିର ସଦସ୍ୟ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ ଦୁର୍ଗମ ଗାଁ ଚାଞ୍ଚଡ଼ାପଦର

ଜୟପୁର: ଆଜି ବି ଦୁର୍ଗମ ଅଂଚଳରେ ପହଂଚି ପାରିଲାନି ରାସ୍ତା କି ମାଆକୁ ମିଳିପରିଲାନି ସମ୍ମାନ । ଯଦ୍ଦ୍ୱାରା ବଦଳି ପାରିଲାନି ପାହାଡିଆ ଗାଁ ର ନକ୍ସା । ମୌଳିକ ସମସ୍ୟାର ସମାଧାନ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ । ବୋରିଗୁମ୍ମା ବ୍ଲକ ବାଣ୍ଡିଗୁଡା ପଂଚାୟତ ଅନ୍ତର୍ଗତ ଚାଞ୍ଚଡାପଦର ଗାଁର ଦୁର୍ଗମ ଅଞ୍ଚଳରେ ପହଞ୍ଚି ପାରିଲାନି ବିକାଶ । ଆଜିବି ନା ଏଠି ଖଣ୍ଡିଏ ରାସ୍ତାର ସୁବିଧା ଅଛି ନା ପାନୀୟଜଳର ସୁବିଧା ହେଇଛି । ଜୀବନ ଜୀଇଁବା ପାଇଁ କୌଣସି ଜୀବିକା ବି ନାହିଁ । ଫଳରେ ବାଧ୍ୟ ହୋଇ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେସବୁକୁ ଅନ୍ୟ ଗାଁରେ ବିକ୍ରି କରି ସେଥିରୁ ନିଜର ଗୁଜୁରାଣ ମେଂଟାନ୍ତି ଗ୍ରାମବାସୀ । କିଛି ଲୋକ ପାହାଡିଆ ପାଣିକୁ ଭରସା କରି ମାଣ୍ଡିଆ, ସୁଆ ଓ ପନିପରିବା ଚାଷ କରି ସେଥିରୁ କିଛି କିଛି ରୋଜଗାର କରନ୍ତି । ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏହି ଦୁର୍ଗମ ଅଂଚଳରେ ଅପହଂଚ । ଏଭଳି ଗାଁ ହେଉଛି ବୋରିଗୁମ୍ମା ବ୍ଲକର ଚାଂଚଡାପଦର ଗାଁ । ପଂଚାୟତ ସଦର ମହକୁମା ଠାରୁ ୮ କି.ମି. ଦୂରରେ ଅବସ୍ଥାପିତ ଏହି ଗାଁ । ଗାଁ କୁ ଯିବାକୁ ହେଲେ ମାଳିଗୁଡା ଠାରୁ ୩ କିଲୋମିଟର ଘଂଚ ଜଙ୍ଗଲ ମଝିରେ ଅଙ୍କା ବଙ୍କା ସଂକୀର୍ଣ୍ଣ ରାସ୍ତା ଦେଇ ଗଲେ ପଡେ ଏହି ଗାଁ । ସ୍ୱାଧିନତାର ୭୭ ବର୍ଷ ପରେ ବି ଏଠି ବିକାଶ ତ ଦୂରର କଥା ମୌଳିକ ସମସ୍ୟାର ସମାଧାନ ହୋଇ ପାରିନି । ଗାଁ ରେ ୫୦ ପରିବାର ୩୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ବସବାସ କରନ୍ତି । ଜଙ୍ଗଲ ମଧ୍ୟରେ ସଂକୀର୍ଣ୍ଣ ରାସ୍ତା ହିଁ ଏମାନଙ୍କ ଗମନାଗମନର ମାଧ୍ୟମ । ପ୍ରତି ମାସରେ ବୃଦ୍ଧ ବୃଦ୍ଧା ହିତାଧିକାରୀ ମାନେ ପଂଚାୟତରୁ ଚାଉଳ ଓ ବିଧବା ଭତା ଟଙ୍କା ଧରି ବହୁ କଷ୍ଟରେ ଗାଁ କୁ ଫେରନ୍ତି । ଗାଁ ରେ ପାନୀୟ ଜଳ ଯୋଗାଣ ପାଇଁ ଲାଗିଥିବା ଟେଙ୍କ ଫାଟି ପଡିଛି । ଫଳରେ ପାଣି ପାଇଁ ମାଇଲ ମାଇଲ ବାଟ ଚାଲିଛନ୍ତି ମହିଳା ମାନେ । ବହୁବର୍ଷ ତଳର ଏକ ନଳକୂପ ରହିଛି ସେଥିରୁ ପାଣି ବହାରୁନି । ଗାଁ ଲୋକଙ୍କ ତୃଷ୍ଣା ମେଣ୍ଟାଉଥିବା ଏକମାତ୍ର କୁପ ଖରା ଦିନ ହେଲେ ସେହି କୂଅ ପାଣି ବି ସୁଖି ଯାଉଛି । ଗାଁ ରେ କେବଳ ୧୨ଟି ପରିବାରଙ୍କୁ ହିଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି ସେ ସବୁ ଘର ବି ଅଧପନ୍ତରିଆ ହୋଇପଡିଛି । ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଅସିପାରୁନି । ଫଳରେ ଗର୍ଭବତୀ ମହିଳା ଓ ରୋଗୀକୁ ୪ କି.ମି. ପାହାଡିଆ ରାସ୍ତାରେ କାନ୍ଧରେ ବୋହି ମାଳିଗୁଡା ପର୍ଯ୍ୟନ୍ତ ଆଣିଲେ ସେଠାରୁ ଆମ୍ବୁଲାନ୍ସରେ ମେଡ଼ିକାଲ ଯାଆନ୍ତି । ସରକାରୀ ସ୍ତରରେ କାମ ନପାଇ ଜଙ୍ଗଲଜାତ ଦ୍ରବ୍ୟ ଓ କାଠ ସଂଗ୍ରହ କରି ସେଥିରେ ଜୀବିକା ନିର୍ବାହ କରନ୍ତି ଏମାନେ । ଗାଁ କୁ ରାସ୍ତା ସଂଯୋଗ କରିବା ସହିତ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରିବା ପାଇଁ ଗ୍ରାମବାସୀ ବିଶ୍ୱନାଥ ମୁଦୁଲି, କମଳା ମୁଦୁଲି ଦାବି କରିଛନ୍ତି । ଚାଂଚଡାପଦର ଗାଁ କୁ ରାସ୍ତା, ସଂଯୋଗ ହୋଇ ନଥିବାରୁ ଏଠି ସରକାରୀ ଯୋଜନା ପହଂଚି ପାରୁନି । ଅନେକ ଗରିବ ଆଦିବାସୀ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇପାରୁ ନାହାନ୍ତି । ବର୍ଷ ବର୍ଷ ଧରି କୌଣସି ସରକାରୀ ବାବୁଙ୍କର ପାଦ ବି ପଡୁନି ଏହି ଗାଁ ରେ । ଏସବୁ ସମସ୍ୟାକୁ ନେଇ ପ୍ରଶାସନକୁ ଗୁହାରି କଲେ ବି କେହି ଶୁଣୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ଶେଷ ହେଲା ଖଣ୍ଡଗିରି ଯାତ୍ରା ମହାକୁମ୍ଭ



**ଭୁବନେଶ୍ୱର (ପିପିଏସ୍):** ଶେଷ ହୋଇଛି ଖଣ୍ଡଗିରି ଯାତ୍ରା ମହାକୁମ୍ଭ। ପ୍ରାୟ ସମସ୍ତ ପାର୍ଟି ରିପିଟ୍ ନାଟକରେ ସେମାନଙ୍କର ଯାତ୍ରା ଅଭିଯାନ ଶେଷ କରିଛନ୍ତି। ବିଦାୟ ରଜନୀରେ ରଙ୍ଗ ମହଲ ଯାତ୍ରା ପେଣ୍ଡାଲରେ ସବୁଠାରୁ ଅଧିକ ଦର୍ଶକଙ୍କ ଭିଡ଼ ହୋଇଥିଲା। ସେହିପରି ତୁଳସୀ, ନାଟ୍ୟମଣ୍ଡପ, ଶିବାନୀରେ ମଧ୍ୟ ଲୋକଙ୍କ ଗହଳି କିଛି କମ୍ ନଥିଲା। ସ୍ଥିତ ଏଭଳି ହୋଇଥିଲା ଯେ ପ୍ରାୟ ସବୁ ପାର୍ଟି ମେଲୋଡ଼ି ସରୁ ନସରୁ ଗେଟ୍ ଖୋଲି ଦେଇଥିଲେ। କଳିଙ୍ଗ ଯାତ୍ରା ପାର୍ଟିରେ ମଧ୍ୟ ଗହଳି ବହୁତ ଥିଲା। ଯାତ୍ରା ଶେଷରେ କଳାକାରଙ୍କୁ ଦେଖିବାକୁ ଦର୍ଶକ ଟେଷ୍ଟ ବାହାରେ ଭିଡ଼ ଲଗାଇଥିଲେ। କଳାକାରମାନେ ମଧ୍ୟ ସେମାନଙ୍କ ଦର୍ଶକ ଭଗବାନଙ୍କ ସହ ମିଶି ସେଲ୍‌ଫି ଦେଉଥିବାବେଳେ ଦର୍ଶକ ଦେଖିବାକୁ ଉତ୍ସାହିତ ହୋଇପଡୁଥିବା ଦେଖିବାକୁ ମିଳିଥିଲା। ରଙ୍ଗ ମହଲର 'କଟି କଟି ଡବଲ୍ କଟି' ଯାତ୍ରାକୁ ସକାଳ ପର୍ଯ୍ୟନ୍ତ ଦେଉଥିଲେ ଦର୍ଶକ। ଶହ ଶହ ଦର୍ଶକ ଚେୟାର ନପାଇ ଠିଆ ହୋଇ ସାରା ରାତି ଯାତ୍ରା ଦେଖିଥିଲେ। ସେହିପରି ରାଣୀ ପଣ୍ଡାଙ୍କୁ ଦେଖିବାକୁ ଯାତ୍ରା ନାଟ୍ୟ ମଣ୍ଡପ ନିକଟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। 'ତୁଳସୀ'ର ସେଇ ଏକା ନାଟକ ରିପିଟ୍ କରିଚାଲିଥିଲେ ମଧ୍ୟ ଦର୍ଶକଙ୍କ ଭିଡ଼ ବଢ଼ିଥିଲା ପଛେ କମି ନଥିଲା। ଆଉ ୮ଦିନ ଯାତ୍ରା ହୋଇଥିଲେ ବି ଏମିତି ଲୋକ ହୋଇଥାନ୍ତେ ବୋଲି କିଛି ଦର୍ଶକ ଯାତ୍ରା ଦେଖି ଫେରିବା ବାଟରେ ଆଲୋଚନା କରୁଥିବା ଶୁଣିବାକୁ ମିଳିଥିଲା।

## ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ବାଲକାଟି ପ୍ରତାପଶାସନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଳୁ ଚରଣ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ଶିବ ନାରାୟଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତବତ୍ସଳ ମହାପାତ୍ର ମୁଖ୍ୟ ଅତିଥି ଓ ପଣ୍ଡିତ ବ୍ରଜ କିଶୋର ମହାନ୍ତି ମୁଖ୍ୟବକ୍ତା, ସୁବ୍ରତ କୁମାର ମହାନ୍ତି, ବେଣୁଧର ଭୋଇ, କୈଳାଶ ଖଟେଇ, ସମିତି ସଭ୍ୟ ଗଙ୍ଗାଧର ମାହାରୀ, ପଞ୍ଚଶଖା ଶିକ୍ଷା ସେତୁ କମିଟି ସଭାପତି ସବିତା ମହାପାତ୍ର, ବିଜୟ ଲକ୍ଷ୍ମୀ ମିଶ୍ର, ବସନ୍ତ ମଞ୍ଜରୀ ମହାପାତ୍ର ଓ ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁଷ୍ପଲତା ମହାପାତ୍ର ଓ ଶାନ୍ତନୁ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଭୁବନେଶ୍ୱରରେ ବଲିଉଡ ଷ୍ଟାର ମନୋଜ ପାହୱା ଓ କୁମୁଦ ମିଶ୍ର

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ନିଆରା। ମହାପ୍ରଭୁ ଶ୍ରୀଗନ୍ନାଥଙ୍କ ପାଇଁ ଓଡ଼ିଶା ଦେଶ ବିଦେଶରେ ବି ପରିଚିତ ବୋଲି କହିଛନ୍ତି ବଲିଉଡ ଅଭିନେତା ମନୋଜ ପାହୱା ଏବଂ କୁମୁଦ ମିଶ୍ର। ଉଭୟଙ୍କ ଅଭିନୀତ ହିନ୍ଦୀ ଚଳଚ୍ଚିତ୍ର 'ଅଶି' ପ୍ରଚାର ଅଭିଯାନର ନିମନ୍ତେ ଭୁବନେଶ୍ୱର ରେ ପହଞ୍ଚି ଉଭୟ ବିଭିନ୍ନ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ଫିଲ୍ମର ପ୍ରମୋସନ୍ କରିଛନ୍ତି। ଏହି ପ୍ରଚାର କାର୍ଯ୍ୟକ୍ରମ ମଡର୍ଣ୍ଣ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପରିଦର୍ଶନରୁ ଆରମ୍ଭ ହୋଇଥିବା ବେଳେ ପରେ ମହାରାଜା ହଲ୍‌ରେ 'ଅଶି'ର ଏକ ସ୍ୱତନ୍ତ୍ର ସ୍କ୍ରିନିଂ କରାଯାଇଥିଲା। ଏହି ଉପଲକ୍ଷେ ଗଣମାଧ୍ୟମ ସହ ଏକ ଆଲୋଚନାରେ ଉଭୟ ଓଡ଼ିଶାକୁ ପ୍ରଶଂସା କରିଛନ୍ତି। ଏଥିରେ ତାପସୀ ପନ୍ନୁ ମୁଖ୍ୟ ଭୂମିକାରେ ଥିବା ବେଳେ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅନୁଭବ ସିହ୍ନା। ଗୁଲଶନ କୁମାର ଏବଂ ଟି-ସିରିଜ ଦ୍ୱାରା ବନାରସ ମିଡିଆୱାର୍କସ ସହଯୋଗରେ ନିର୍ମିତ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ନିଶ୍ଚିତ ଭଲ ଲାଗିବ ବୋଲି ଉଭୟ ଆଶାବ୍ୟକ୍ତ କରିଛନ୍ତି। ଏହା ଆସନ୍ତା ୨୦ ତାରିଖରେ ସାରା ଦେଶରେ ମୁକ୍ତିଲାଭ କରିବ।

## ସୁପ୍ରିୟା ପଣ୍ଡା ପାଇବେ 'ଦ୍ୱାଦଶ ଜଗଦୀଶ କଥା ସମ୍ମାନ'

**ଭୁବନେଶ୍ୱର (ପିପିଏସ୍):** ଜଗଦୀଶ ମହାନ୍ତିଙ୍କ ସ୍ମୃତିରେ ଗଠିତ ଜଗଦୀଶ ମହାନ୍ତି ଟ୍ରଷ୍ଟ୍ ତରଫରୁ ୨୦୨୬ ମସିହା ପାଇଁ ସମ୍ମାନଜନକ 'ଜଗଦୀଶ କଥା ସମ୍ମାନ' ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇଁ ଚଳିତବର୍ଷ ଗାଳ୍ପିକା ତଥା ଔପନ୍ୟାସିକା ସୁପ୍ରିୟା ପଣ୍ଡା ମନୋନୀତ ହୋଇଛନ୍ତି। ସେହିପରି ଯୁବଗାଳ୍ପିକମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା 'ଜଗଦୀଶ ଯୁବ ସମ୍ମାନ' ପାଇଁ ଚଳିତବର୍ଷ ଯୋଗ୍ୟ ବିବେଚିତ ହୋଇଛନ୍ତି ଗାଳ୍ପିକ ଶାନ୍ତନୁ ନାୟକ। ଆଗାମୀ ଫେବୃଆରୀ ୧୭ରେ ବୁଦ୍ଧମନ୍ଦିରଠାରେ ଆୟୋଜିତ ହେବାକୁଥିବା 'ଜଗଦୀଶ ଜୟନ୍ତୀ' ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ଏନେଇ ଟ୍ରଷ୍ଟର ଅଧ୍ୟକ୍ଷା ଡ. ସରୋଜିନୀ ସାହୁ ଏବଂ ସଂପାଦକ ସରୋଜ ବଳ ସୂଚନା ଦେଇଛନ୍ତି।

## ସନ୍ନ୍ୟାସୀ ବାଳକାନନ୍ଦ ଦାସଙ୍କ ପରଲୋକ



**ଭୁବନେଶ୍ୱର (ପିପିଏସ୍):** ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ପରମ ଶିଷ୍ୟ, ୟୁନିଟ - ୯ ବୈକୁଣ୍ଠ ସରଣୀ ସ୍ଥିତ ଏକାମ୍ର ସତ୍ୟସେବାଶ୍ରମର ସନ୍ନ୍ୟାସୀ ବାବାଜୀ ବାଳକାନନ୍ଦ ଦାସଙ୍କ ୭୫ ବର୍ଷ ବୟସରେ ବୁଧବାର ରାତ୍ର ଘଟିକା ସମୟରେ ପରଲୋକ ହୋଇଯାଇଛି। ତାଙ୍କ ପାର୍ଥିବ ଶରୀରକୁ ଏକାମ୍ର ସତ୍ୟସେବାଶ୍ରମ ପରିସରରେ ଦର୍ଶନ ପାଇଁ ରଖାଯାଇଥିଲା। ତାଙ୍କର ବହୁ ଲେଖା ଉତ୍କଳ ପ୍ରସଙ୍ଗ, ଜଳୋକା ବାଣୀ ଏବଂ ଅନ୍ୟାନ୍ୟ ପତ୍ରିକାରେ ପ୍ରକାଶିତ ହୋଇଛି। ତାଙ୍କ ଦିବ୍ୟଲୋକ ଗମନରେ ବହୁ ସାଧୁ ସନ୍ଥ ଯୋଗଦେଇଥିବାବେଳେ ଭକ୍ତ ଶ୍ରଦ୍ଧାଳୁ ମାନେ ତାଙ୍କର ବ୍ରହ୍ମଲୀନ ପାଇଁ ଶ୍ରୀ ଶ୍ରୀରାଧାମୋହଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସୂଚନା ଯୋଗ୍ୟ ଯେ ତାଙ୍କର ସମାଧି ପ୍ରତିଷ୍ଠା ଆସନ୍ତା ୨୪ ତାରିଖ ମଙ୍ଗଳବାର (୨୧ ଦିନ) ଜଳୋକାରେ ଏବଂ ଦିବ୍ୟଲୋକ ଗମନ ମହୋତ୍ସବ ଆସନ୍ତା ମାସ ୬ ତାରିଖ (୩୧ ଦିନ) ଭୁବନେଶ୍ୱରର ୟୁନିଟ-୯ ବୈକୁଣ୍ଠ ସରଣୀ ସ୍ଥିତ ଏକାମ୍ର ସତ୍ୟ ସେବାଶ୍ରମ ଠାରେ ଅନୁଷ୍ଠିତ ହେବ।

## ଅଧା ରହିଲା ଯାତ୍ରା ଦେଖା; ଦୁର୍ଘଟଣାରେ ଯୁବକ ମୃତ

**ଭୁବନେଶ୍ୱର (ପିପିଏସ୍):** ଗତକାଲି ବିଳମ୍ବିତ ରାତିରେ ଇନଫୋଭ୍ୟାଲି ଥାନା ୧୬ ଜାତୀୟ ରାଜପଥ ଗଙ୍ଗପଡା ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଧକ୍କା ଦେବାରୁ ଜଣେ ମୋଟରସାଇକଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କନ୍ଧମାଳ ଜିଲ୍ଲା ନୂଆଗାଁ ଅଞ୍ଚଳର ଟିପୁ ଦିଗଲ। ସେ ଖଣ୍ଡଗିରି ଯାତ୍ରା ଦେଖିବାକୁ ଆସୁଥିବା ବେଳେ ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁସାରେ ଗୁରୁବାର ବିଳମ୍ବିତ ରାତିରେ ଟିପୁ ତାଙ୍କ ମୋଟରସାଇକଲ ଯୋଗେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଗଙ୍ଗପଡା ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ବାଇକ୍ ସହିତ ଘୋଷାଡି ହୋଇ ଡିଭାଇଡର୍‌ରେ ପିଟି ହୋଇଯାଇଥିଲେ। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍‌ଟି ସେଠାରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଖୋର୍ଦ୍ଧା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଇନ୍‌ଫୋଭ୍ୟାଲି ଥାନା ଶବ ଓ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଥିଲା। ଆଜି ବ୍ୟବଚ୍ଛେଦ ପରେ ଟିପୁଙ୍କ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି । ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଖୋଜିବାକୁ ବିଭିନ୍ନ ଚିତ୍ର ଉତ୍ତୋଳନ ଯନ୍ତ୍ର ଯାଞ୍ଚ କରୁଛି।

## ସଶକ୍ତ ଓଡ଼ିଶା ପକ୍ଷରୁ ମହିଳା ସଶକ୍ତିକରଣ ଶୀର୍ଷକ ଆଲୋଚନା

**ଭୁବନେଶ୍ୱର (ପିପିଏସ୍):** ସାମାଜିକ ଅନୁଷ୍ଠାନ ସଶକ୍ତ ଓଡ଼ିଶା ପକ୍ଷରୁ ସ୍ଥାନୀୟ ସିଆରପି କାର୍ଯ୍ୟାଳୟ ଠାରେ 'ମହିଳା ସଶକ୍ତୀକରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସଶକ୍ତିକରଣ ଯୋଜନା, ଆତ୍ମନିଯୁକ୍ତି,ନିଯୁକ୍ତି, ଉତ୍ପାଦନ ବୃଦ୍ଧି ସହ ମହିଳାମାନେ କିପରି ରାଜ୍ୟ ଓ କେନ୍ଦ୍ର ସରକାର କରୁଥିବା ଯୋଜନା ଠିକ୍ ଭାବରେ ପାଇପାରିବେ ଏବଂ ଗ୍ରାମାଞ୍ଚଳରେ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ହେବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ଡ.ପ୍ରକାଶ ଶ୍ରୀଚନ୍ଦନ, ଆରତୀ ମିଶ୍ର, ସମାଜସେବୀ ରାଜମିତ୍ରା ପ୍ରହରାଜ, ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ବିକାଶରେ ମହିଳାମାନଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଆବାହକ ବିଜୟ କୁମାର ପ୍ରଧାନ ସ୍ୱାଗତଭାଷଣ ଦେଇଥିବା ବେଳେ ଶେଷରେ ସାମ୍ବାଦିକା ରୀନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରିଲିଜ୍ ହେଲା 'ବର ବଧୂ'ର ଟ୍ରେଲର୍

**ଭୁବନେଶ୍ୱର(ପିପିଏସ୍):** ରିଲିଜ୍ ହେଲା ଓଡ଼ିଆ ପାରିବାରିକ ଚଳଚ୍ଚିତ୍ର 'ବର ବଧୂ' ର ଟ୍ରେଲର ରିଲିଜ୍ କାର୍ଯ୍ୟକ୍ରମ ଏସପ୍ଲାନେଡ ମଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦ ୟୁଜଫୁଲ ଗାରବେଜ୍ କ୍ରିଏସନ୍ସ ବ୍ୟାନର ଏବଂ କଷ୍ଟ୍ରି ବଏଜ୍ ଷ୍ଟୁଡିଓ ଓ ସାର୍ପଲିନ୍ ଫିଲ୍ମ ପ୍ରାଇଭେଟ ଲିମଟେଡ ସହଯୋଗରେ ନିର୍ମିତ ଏହି ସିନେମାର ପ୍ରଯୋଜନା ଚନ୍ଦ୍ରମଣି କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱରଞ୍ଜନ। ନିଛକ ଓଡ଼ିଆ କାହାଣୀ ଉପରେ ଆଧାରିତ ଏହି ସିନେମାରେ ସୁଭାଶିଷ ଶର୍ମା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ହର ରଥ ଓ ଭାସ୍ୱତୀ ବସୁ ପ୍ରମୁଖଙ୍କ ଅଭିନୟ ଦର୍ଶକ ମହଲରେ ବେଶ୍ ଆଦୃତ ହୋଇଛି। ସିନେମାର ଟ୍ରେଲର ରିଲିଜ୍ ଅବସରରେ ସମସ୍ତ ଷ୍ଟାରକାଷ୍ଟ, ଟେକନିସିଆନ୍ ଓ ସିନେପ୍ରେମୀ ଉପସ୍ଥିତ ଥିଲେ।

## ଅଷ୍ଟମ ଓଜେଲ୍ ଯାତ୍ରା କଳାକାର ସମ୍ମାନ

**ଭୁବନେଶ୍ୱର (ପିପିଏସ୍):** ଯାତ୍ରା କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ଯାତ୍ରା ଲଭର୍ (ଓଜେଏଲ୍) ପକ୍ଷରୁ ଜୟଦେବ ଭବନ ଠାରେ ଅଷ୍ଟମ ଓଜେଏଲ୍ ଯାତ୍ରା କଳାକାର ସମ୍ମାନ ଉତ୍ସବ ପାଳିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସ୍ଥପତି ଶିଳ୍ପୀଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା ଓ ମୁଖ୍ୟବକ୍ତା ଭାବେ ସୁଧାଂଶୁ ଶେଖର ରାଉତ ଯୋଗଦେଇଥିଲେ। ବର୍ଷର ଶ୍ରେଷ୍ଠ ଯାତ୍ରା କଳାକାରଙ୍କ ଠାରୁ ଆରମ୍ଭ କରି, ହାସ୍ୟ ଅଭିନେତା, ଖଳନାୟକ, ଉପସ୍ଥାପିକା, ସଙ୍ଗୀତ ନିର୍ଦ୍ଦେଶକ, ନୃତ୍ୟଗୁରୁ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରମେଶ ପାଣିଗ୍ରାହୀ, ରାଜେନ୍ଦ୍ର ପତି, ସରୋଜ ମହାପାତ୍ର, ଦେବାଶିଷ ମିଶ୍ର, ଜ୍ୟୋତିଷ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ । ଓଜେଏଲ୍ ଅଧ୍ୟକ୍ଷ କାର୍ତ୍ତିକ ସ୍ୱାଇଁ, ସମ୍ପାଦକ ସଞ୍ଜୀବ ସାମଲ, ମୁଖପାତ୍ର ଚିନ୍ମୟ ମିଶ୍ର, ଉମେଶ ସାହୁ, ଓଜେଏଲ୍ ସଞ୍ଜୟ ନାୟକ, ସାଇ ପ୍ରସାଦ, ମାନସ ବାରିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ମନରେଗା ଉଚ୍ଛେଦ ପ୍ରସଙ୍ଗ ନେଇ ଏଡିଏମଙ୍କୁ ସ୍ମାରକପତ୍ର ଦେଲା ଜିଲ୍ଲା କଂଗ୍ରେସ

**ଭୁବନେଶ୍ୱର (ପିପିଏସ୍):** ପୂର୍ବରୁ ଉପା ସରକାର ଗରିବଙ୍କୁ କର୍ମ ଦେବା ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା)ପ୍ରଣୟନ କରିଥିଲେ। ଏହି ଯୋଜନାରେ ଶ୍ରମିକମାନେ ନିଜ ଅଞ୍ଚଳରେ ବର୍ଷକୁ ୧୦୦ ଦିନର କାମ ନିଶ୍ଚିତ ଭାବରେ ପାଇବାର ପ୍ରାବଧାନ ରହିଥିଲା। ସରକାର ଯଦି ଶ୍ରମିକଙ୍କୁ କାମ ମାଗିବାର ୧୫ ଦିନ ଭିତରେ କାମ ଯୋଗାଇ ନ ଦେବେ ତେବେ ସେମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ନିୟମ ରହିଥିଲା। ଏଥିରେ ଭାରତ ବର୍ଷର କୋଟି କୋଟି ପୁରୁଷ ଓ ମହିଳା ଶ୍ରମିକ ଉପକୃତ ହୋଇଆସୁଥିଲେ କିନ୍ତୁ ବିଜେପି ସରକାର ଏହି ଯୋଜନାକୁ ପରିବର୍ତ୍ତନ କରି ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇ ଭିବିଗ୍ରାମଜୀ ବିଲ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦେଇ ପୂର୍ବ ଯୋଜନାର ମୂଳ ଲକ୍ଷ୍ୟରୁ ଶ୍ରମିକମାନଙ୍କୁ ବଞ୍ଚିତ କରିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ନାମକୁ ପୁନଶ୍ଚ ରଖାଯାଇ ଉକ୍ତ ଯୋଜନାକୁ ଅପରିବର୍ତ୍ତିତ ଦାବିରେ ସରକାରଙ୍କ ନିକଟରେ ବିକ୍ଷୋଭ, ପ୍ରତିବାଦ ସଭା ଓ ସ୍ମାରକପତ୍ର ପ୍ରଦାନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇଆସିଛି। ଏହି କ୍ରମରେ ଆଜି ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନେତାଗଣ ଭୁବନେଶ୍ୱର ଏଡିଏମଙ୍କ କାର୍ଯ୍ୟାଳୟରେ ଏଡିଏମଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ଏବଂ ପୂର୍ବ ଯୋଜନାକୁ ପ୍ରଣୟନ କରିବାପାଇଁ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରିଥିଲେ। ପରେ ଏଡିଏମ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ମହାପାତ୍ର, ଶିବାନନ୍ଦ ରାୟ, କିଶୋର ଜେନା, ବିଶ୍ୱଜିତ ଦାଶ, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ୍, ଅଭିଳାଷ ମାଣିଆଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ମେ ୨୪ରେ ଲଣ୍ଡନରେ ୫ ଷ୍ଟାର ଫିଲ୍ମ ଆୱାର୍ଡସ

**ଭୁବନେଶ୍ୱର (ପିପିଏସ୍):** ସିଙ୍ଗାପୁର ଓ ଦୁବାଇ ପରି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳରେ ମର୍ଯ୍ୟାଦାପୂର୍ଣ୍ଣ ୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ଆୟୋଜନ କରିବା ପରେ ଆର ଆର ଇଭେଣ୍ଟସ୍ ଏବଂ ସିନେ ପ୍ରଡକସନ୍ ପୁଣିଥରେ ଓଡ଼ିଶା ସିନେମା ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ମଞ୍ଚରେ ପହଞ୍ଚାଇ ଇତିହାସ ସୃଷ୍ଟି କରିବାକୁ ପ୍ରସ୍ତୁତ ହୋଇଛି। ଚଳିତ ବର୍ଷ ଏହି ଭବ୍ୟ ଆୟୋଜନ ମେ ମାସ ୨୪ତାରିଖରେ ଲଣ୍ଡନଠାରେ ଆୟୋଜିତ ହେବ। ଆରଆର ଇଭେଣ୍ଟସ୍ ଏବଂ ସିନେ ପ୍ରଡକସନ୍‌ର ପ୍ରଡ୍ୟୁସର ଓ ମ୍ୟାନେଜିଂ ଡାଇରେକ୍ଟର ରମେଶ ବାରିକଙ୍କ ଦୂରଦର୍ଶୀ ନେତୃତ୍ୱରେ ୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ୨୦୨୬ ଆୟୋଜିତ ହେଉଛି। ପାରମ୍ପରିକ ଓ ଆଧୁନିକ - ଦୁଇ ପ୍ରକାର ସାଂସ୍କୃତିକ ଉପାଦାନ ଓଡ଼ିଶାର ପ୍ରେରଣାରେ ଆଧୁନିକ ସିନେମାଟିକ୍ ଉତ୍ସବ ସହିତ ପ୍ରଦର୍ଶିତ ହେବ। ଆକାଶ ଦାସ ନାୟକ, ସବ୍ୟସାଚୀ, ଅର୍ଚ୍ଚିତା ସାହୁ, ଏଲିନା ସମନ୍ତରାୟ, ପୁପିନ୍ଦର ସିଂହ, ଶୀତଲ ପାତ୍ର, ରିୟା ଦେ, ଦିବ୍ୟା ମହାନ୍ତି, ଶିବାନୀ ସଙ୍ଗୀତା, ଶ୍ରୀତମ ଦାସ, ସତ୍ୟଜିତ ପ୍ରଧାନ, ପ୍ରଜ୍ଞା ହୋତା, ମହାଶ୍ୱେତା ରାୟ, ଅମ୍ଲାନ ଦାସ, ବର୍ଷା ପ୍ରିୟଦର୍ଶିନୀଙ୍କ ସହ ଅନେକ ଓଡ଼ିଆ ଫିଲ୍ମ ତାରକାମାନେ ଅନ୍ତର୍ଜାତୀୟ ରେଡ୍ କାର୍ପେଟରେ ରହିବେ।




## ବାକାଡି ଇଣ୍ଡିଆ ତରଫରୁ ବୃକ୍ଷରୋପଣ

**ଭୁବନେଶ୍ୱର (ପିପିଏସ୍):** ନଂପୁଟ ଗ୍ରାମ ନୀଳକଣ୍ଠେଶ୍ୱରର ବିଦ୍ୟାଳୟ ସମ୍ମୁଖରେ ସେ ଆର୍ଥ ଅନୁଷ୍ଠାନ ବାକାଡ଼ି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଓ ନଂପୁଟ ଗ୍ରାମପଞ୍ଚାୟତର ମିଳିତ ଆନୁକୁଲ୍ୟରେ ଏକ ବିଶାଳ ନୂତନ ପୁଷ୍କରଣୀ କରି ଚତୁପାର୍ଶ୍ୱରେ ତାର ଜାଲି ଦେଇ ବୃକ୍ଷରୋପଣ ଅଭିଯାନ ଏବଂ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି,ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ସୁମତୀ ତ୍ରିପାଠୀ, ଖୋର୍ଦ୍ଧା ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ, ମୁଖ୍ୟ ବକ୍ତା ଭାବେ ଶ୍ରୀମତୀ ମମତା ବଡଜେନା, ସିମିତି ସଭ୍ୟା ନଂପୁଟ, ସମ୍ମାନିତ ଅତିଥି, ଡେଜି ନା ଦାଶ, ହେଡ୍ ମାଷ୍ଟର ନୀଳକଣ୍ଠ ହାଇ ସ୍କୁଲ,ଗୌରବ ଶର୍ମା ବାକାଡ଼ି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ମୟଙ୍କ ଜୟସୁୱାଲ୍, ଏମ୍ ଡି ବିନୋଦ କୁମାର ଯାଦବ ପ୍ଲାଣ୍ଟ ହେଡ୍, ନିରାକାର ଲେଙ୍କା ଅବକାରୀ ବିଭାଗ, ଅର୍ପର ଦତ ଅଫିସର, ବିବେକ ବର୍ମା ଅଫିସର, ଆଦି ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ନେହା ଶର୍ମା, ସେ ଆର୍ଥ ଅନୁଷ୍ଠାନର ଜେନେରାଲ୍ ମ୍ୟାନେଜର ଏହାକୁ ପରିଚାଳନା କରିଥିଲେ,ସେ ଆର୍ଥ ଅନୁଷ୍ଠାନର ପଣ୍ଡ ମ୍ୟାନ ରାମ ବୀର ତନୱା ର,ସଦସ୍ୟ ଅଙ୍କୁଶ ଭାଟିଙ୍କସହ ଗ୍ରାମର ସୂଚିତ୍ରା ପାତ୍ର ସରପଞ୍ଚ ନଂପୁଟ, ଗଙ୍ଗାଧର ପାତ୍ର ଉପଦେଷ୍ଟା ନଂପୁଟ, ଅଶୋକ ସାହୁ ଇଂଜିନିୟର, ନିରଞ୍ଜନ ଜେନା, ରଶ୍ମିତା ବାରିକ୍ ଉପସ୍ଥିତ ହେବା ସହ ନୀଳକଣ୍ଠେଶ୍ୱରର ପୁଷ୍କରିଣୀ ଚତୁଃପାର୍ଶ୍ୱରେ ବୃକ୍ଷରୋପଣ ହେବା ସହ ଏହାର ରକ୍ଷଣାବେକ୍ଷଣ ଓ ଗ୍ରାମର ଉନ୍ନତି ଲାଗି ଆଲୋଚନା ସଭା କରାଯାଇଥିଲା, ଏବଂ ସର୍ବଶେଷରେ ହରେକୃଷ୍ଣ ବେହେରା ପୁଷ୍କରିଣୀ ପୁନଃଉଦ୍ଧାର କମିଟି ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରାଇଥିଲେ।

## ଲାବଣ୍ୟ ନାଟ୍ୟ ମହୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ୩ ଦିନ ବ୍ୟାପୀ ଲାବଣ୍ୟ ନାଟ୍ୟ ମହୋତ୍ସବ-୨୦୨୬ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ୩ଟି ନାଟକ ମଞ୍ଚସ୍ଥ ହେବ। ୫ରେ କଳାପରିଷଦ, ଢେଙ୍କାନାଳ ଦ୍ୱାରା ନାଟକ 'ବାଉଁଶ ଠେଙ୍ଗାରେ ସ୍ୱାଧୀନତା', ୬ରେ ଉତ୍ତର ପୁରୁଷ, ଭୁବନେଶ୍ୱର ଦ୍ୱାରା ନାଟକ 'ରାଜଜେମା' ଓ ୭ ଶେଷ ସନ୍ଧ୍ୟାରେ ଲାବଣ୍ୟ ଥିଏଟର ତା' ନୂଆ କଳାକାର (ନାଟ୍ୟ କର୍ମଶାଳାରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ)ଙ୍କ ଦ୍ୱାରା ନାଟକ 'ଜାନୁଆରୀ ୩୦' ପରିବେଷଣ କରିବ। ତତ୍‌ସହିତ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ୫ ଜଣ ଯୁବ ନାଟ୍ୟ ନିର୍ଦ୍ଦେଶକ, ନିର୍ଦ୍ଦେଶିକା ଯଥା ଚକ୍ରଧର ପାତ୍ର, ଚିତ୍ତରଞ୍ଜନ ଶତପଥୀ, ଗୋବିନ୍ଦ ଜେନା, ପ୍ରଜ୍ଞା ରଞ୍ଜନ ଖଟୁଆ ଓ ଭାସ୍ୱତୀ ବସୁଙ୍କୁ 'ଲାବଣ୍ୟ ସମ୍ମାନ' ପ୍ରଦାନ କରାଯିବ

## ନାଣ୍ଟୁ ଧଳଙ୍କ ନାଁରେ ଥାନାରେ ଅଭିଯୋଗ ପରେ ପୁଅର ସୁରକ୍ଷା ଲୋଡ଼ିଲେ ସାଇଙ୍କ ମା'

**ଭୁବନେଶ୍ୱର (ପିପିଏସ୍):** ଅନ୍ୟ ଯାତ୍ରା ପାର୍ଟିକୁ ଯିବାକୁ ସ୍ଥିର କରିଥିବାରୁ ନିର୍ଯାତନା ଦେଉଛନ୍ତି ମାଲିକ। କେବଳ ନିର୍ଯାତନା ଦେଉନାହାନ୍ତି, ବରଂ ଗୁଣ୍ଡା ଲଗାଇ ଧମକଚମକ ମଧ୍ୟ ଦେଉଛନ୍ତି। ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଯାତ୍ରା ଅଭିନେତା ସାଇ ସତ୍ୟଜିତ୍ ପଣ୍ଡା। ସାଇ ଖଣ୍ଡଗିରି ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ସାଇ ଗତବର୍ଷ ଅଗଷ୍ଟ ମାସରେ ତୁଳସୀ ଗଣନାଟ୍ୟରେ ଅଭିନୟ କରିବାକୁ ସହ ବର୍ଷକ ପାଇଁ ଚୁକ୍ତି କରିଥିଲେ। ଚଳିତବର୍ଷ ତାଙ୍କ ଚୁକ୍ତି ସରୁଥିବାରୁ ସେ ଅନ୍ୟ ପାର୍ଟିକୁ ଯିବାକୁ ସ୍ଥିର କରିଛନ୍ତି। ତୁଳସୀ ମାଲିକ ନାଣ୍ଟୁ ଧଳ ଏହି ଖବର ଶୁଣିବା ପରେ ସାଇଙ୍କ ଉପରେ ଅତ୍ୟାଚାର ଆରମ୍ଭ କରି ଦେଉଛନ୍ତି। ଗୁଣ୍ଡା ଶ୍ରେଣୀୟ ଲୋକମାନଙ୍କୁ ପଠାଇ ସାଇଙ୍କୁ ପାର୍ଟି ନ ଛାଡ଼ିବାକୁ ଧମକଚମକ ଦେଉଛନ୍ତି। ଏମିତିକି ଅସାମାଜିକ ଯୁବକମାନେ ନାଣ୍ଟୁ ଧଳଙ୍କ ଉପସ୍ଥିତିରେ ସାଇଙ୍କୁ ଧମକାଇବା ସହ ପାର୍ଟି ଛାଡ଼ିଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଏବେ ଖଣ୍ଡଗିରି ଯାତ୍ରାରେ ତୁଳସୀ ଗଣନାଟ୍ୟ ନାଟକ କରୁଛି। ଗତକାଲି ରାତିରେ ସାଇ ଅଭିନୟ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଗୁଣ୍ଡାମାନେ ଆସି ଘେରି ଯାଇଥିଲେ। ଠେଲାପେଲା କରିବା ସହ ଧମକଚମକ ଦେଇଥିଲେ। ସାଇ ଭୟଭୀତ ହୋଇ ଚେତା ହରାଇ ବସିଥିଲେ। ସହ କଳାକାର ଓ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ଆଜି ସାଇ ଡାକ୍ତରଖାନାରୁ ଆସିବା ପରେ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ନାଣ୍ଟୁ ଧଳ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଛି। କେବଳ ଏତିକି ନୁହେଁ, ପୁଅକୁ ନିର୍ଯାତନା ଦିଆଯାଉଥିବା ନେଇ ମାଆ ପଦ୍ମିନୀ ଦାଶ ବାଲିପାଟଣା ଥାନାରେ ଏତଲା ଦେଇଛନ୍ତି। ପୁଅର ଜୀବନ ପ୍ରତି ବିପଦ ଥିବାରୁ ତାକୁ ସୁରକ୍ଷା ଦେବାକୁ ପଦ୍ମିନୀ ଦାବି କରିଛନ୍ତି। ସେପଟେ ଯଲିଉଡ କଳାକାର ସାଇ ସତ୍ୟଜିତ୍ ପଣ୍ଡାଙ୍କୁ ଆସନ୍ତାବର୍ଷ ଅପେରା ସୂର୍ଯ୍ୟମନ୍ଦିରରେ ଦେଖିବାକୁ ମିଳିବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ ପାଇଛି। ସାମାଜିକ ଗଣମାଧ୍ୟମରେ ଏନେଇ ଖବର ଭାଇରାଲ ହେଉଛି।

## ଖଦି ମହୋତ୍ସବରେ ବନ୍‌ଜାରାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଚାହିଦା ବେଶୀ

**ଭୁବନେଶ୍ୱର (ପିପିଏସ୍):** ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ହେଉଛି ଖଦି ମହୋତ୍ସବ ୨୦୨୬। ଏହି ମହୋତ୍ସବ ଫେବୃଆରି ୧୪ ତାରିଖ ଯାଏଁ ଥିବାବେଳେ ଏଥିରେ ବିଭିନ୍ନ ରାଜ୍ୟରୁ ଖଦି, ଗ୍ରାମୋଦ୍ୟୋଗ ଏବଂ ପିଏମଇଜିପି ୟୁନିଟ୍‌ରୁ ପାଖାପାଖି ଶହେରୁ ଅଧିକ ଷ୍ଟଲ ରହିଛି। ଏଥିରେ ଖଦି ବସ୍ତ୍ର ତିଆରି, ମାଟି ଉପକରଣର ପ୍ରସ୍ତୁତି ଭଳି ଲାଇଭ ଡେମୋନଷ୍ଟ୍ରେସନ୍ ମଧ୍ୟ ଦେଖିବାକୁ ଲୋକ ଭିଡ ଜମାଉଛନ୍ତି। ମେଳାର ଆଉ ଏକ ଷ୍ଟଲରେ ଦେଖିବାକୁ ମିଳୁଛି ପିପିଲି ଚାନ୍ଦୁଆର ଝଲକ। ହେଲେ ତାହା ପିପିଲି ଚାନ୍ଦୁଆ ନୁହଁ ବରଂ ତେଲେଙ୍ଗାନାର ବଞ୍ଜାର କ୍ରାଫ୍ଟ। ଯାହାର କାରିଗରି ପାଖାପାଖି ପିପିଲି ଚାନ୍ଦୁଆ ଭଳି ହୋଇଥିଲେ ହେଁ ତାଠାରୁ ଟିକିଏ ଭିନ୍ନ। ତେଲେଙ୍ଗାନାରୁ ଆସିଥିବା ଦୋକାନୀ କେ. ଜ୍ୟୋତି କୁହନ୍ତି, ଏହି କାରିଗରୀ ତେଲେଙ୍ଗାନାରେ ବେଶ ପରିଚିତ। ବିଶେଷକରି ନିଜାମାବାଦ ଜିଲ୍ଲାର ମହିଳାଙ୍କ ଗ୍ରୁପ ଏହାକୁ ବିଭିନ୍ନ ଡିଜାଇନର ତିଆରି କରୁଛନ୍ତି। ଯେପରି କଏନ ପର୍ସ, ପୋଟ୍‌ଲି, ଫୋନ ପର୍ସ, ୱାଲ ହ୍ୟାଙ୍ଗିଙ୍ଗ୍, ବ୍ୟାଗ ପର୍ସ ଇତ୍ୟାଦି। ଏସବୁର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ଦୁଇ ହଜାର ପର୍ଯ୍ୟନ୍ତ ରହିଛି। ଏହି ବଞ୍ଜାର କ୍ରାଫ୍ଟ ନିର୍ମିତ ପର୍ସକୁ ମହିଳାମାନେ ବେଶ ପସନ୍ଦ କରୁଛନ୍ତି। ବିଭିନ୍ନ ରାଜ୍ୟରୁ ପଡିଥିବା ଷ୍ଟଲ ମଧ୍ୟରୁ ଲୋକଙ୍କୁ ଆକୃଷ୍ଟ କରୁଛି ଯୁପିର ମହାରାଜା ହସ୍ତକଳା କେନ୍ଦ୍ର ନାମକ ଷ୍ଟଲ। ଯେଉଁଠି ଘରକୁ ସଜେଇବା ପାଇଁ ଲେଦରର ବିଭିନ୍ନ ଉପକରଣ ଦେଖିବାକୁ ମିଳିଥିଲା। ମୁଖ୍ୟତ ଏଠାରେ ବିଭିନ୍ନ ପଶୁ ପକ୍ଷୀଙ୍କ ଛୋଟରୁ ବଡ ଆକୃତିର ମଡେଲ ରହିଥିଲା। ଯାହା ଦେଖିଲେ ଲେଦରରୁ ନିର୍ମିତ ବୋଲି ଲାଗିଥାଏ। ହେଲେ ଦୋକାନୀ ରାମ ଗୋପାଲ ଯାଦବ କୁହନ୍ତି, ଏହି ସବୁ ଉପକରଣକୁ ପ୍ରଥମେ ଶୁଖିଲା ଘାସରେ ଏକ ମଡେଲ ତିଆରି ହୁଏ। ପରେ ପରେ ୱେଷ୍ଟ କାର୍ଡ ବୋର୍ଡ ଏବଂ ଘର ପାଖରେ ମିଳୁଥିବା ବିଭିନ୍ନ ପ୍ରକାରର ପେଟି, କାର୍ଡକୁ ସେମାନେ ପାଣିରେ ଭିଜାଇ ମଣ୍ଡ ତିଆରି କରିଥାନ୍ତି। ଶେଷରେ ତାଉପରେ ଲେଦରର ଏକ ଆସ୍ତରଣ ଦିଆଯାଇ ତାକୁ ସଜାଯାଏ। ଏପରି କାର୍ଯ୍ୟ ସେ କାହାରିଠୁ ଶିଖି ନାହାନ୍ତିବରଂ ମୂର୍ତ୍ତି କଳା କାର୍ଯ୍ୟରୁ ପ୍ରେରିତ ହୋଇ ଏପରି କିଛି ତିଆରି କଲେ, ଯାହା ଏବେ ସବୁଠି ଲୋକଦୃତ ମଧ୍ୟ ହେଉଛି। ଏସବୁର ମୂଲ୍ୟ ୩ ଶହରୁ ୩ ହଜାର ପର୍ଯ୍ୟନ୍ତ ରହିଛି। ଢେଙ୍କାନାଳର ଡୋକ୍ରା ଆର୍ଟ ବେଶ ପୁରୁଣା ଏବଂ ପରିଚିତ। ସେହିଭଳି ମେଳାରେ ମଧ୍ୟ ଏହାର ଏକ ଷ୍ଟଲ ରହିଛି। ଯାହା ଛୋଟ ପିଲାଙ୍କୁ ବେଶ ଆକୃଷ୍ଟ କରୁଛି। କାରଣ ଏଠାରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ସହ ଛୋଟ ପିଲାଙ୍କ ଖେଳନା ଭଳି ଡୋକ୍ରା ଆର୍ଟରେ ପ୍ରସ୍ତୁତ ଛୋଟ ଛୋଟ ଅଟୋରିକ୍ସା, ଘୋଡା ଗାଡି, ବଳଦ ଗାଡି, ସାଇକେଲ ଆଦି ପିଲାମାନଙ୍କୁ ଆକର୍ଷିତ କରୁଛି। ଏହା ବ୍ୟତିତ ସେଠାରେ ଟ୍ରାଇବାଲ ଆର୍ଟ, ଟ୍ରାଇବାଲ ଗହଣା ଆଦି ବିକ୍ରି ହେଉଛି। ଯାହାର ମୂଲ୍ୟ ୪ ଶହରୁ ୫ ହଜାର ପର୍ଯ୍ୟନ୍ତ ରହିଛି।











# ପାକ୍ସ ସିଲିକାରେ ଯୋଗଦେବାକୁ ଭାରତକୁ ନିମନ୍ତ୍ରଣ କଲା ଆମେରିକା

ନୂଆଦିଲ୍ଲୀ/ୱାସିଂଟନ: ଭାରତ ସହିତ ରଣନୈତିକ ସମ୍ପର୍କକୁ ଉନ୍ନତ କରିବା ପାଇଁ ଆମେରିକା ଏକ ପ୍ରମୁଖ ପଦକ୍ଷେପ ନେଇଛି। ଭାରତକୁ ପ୍ୟାକ୍ସ ସିଲିକା ପ୍ରୟାସରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବରେ ଆମେରିକା ନିମନ୍ତ୍ରଣ କରିଛି। ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ସେମିକଣ୍ଡକ୍ଟର ଓ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ। ଭାରତର ଅଂଶଗ୍ରହଣ ସିଲିକନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ଯଥେଷ୍ଟ ସୁରକ୍ଷିତ ତଥା ସମୃଦ୍ଧ କରିବ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ପରେ, ପାକ୍ସ ସିଲିକା ରୂପରେ ଏକ ନୂତନ ରଣନୈତିକ ସହଭାଗୀତା ଉଭା ହୋଇଛି। ଆମେରିକାର ଅଧିକାରୀ ଜ୍ୟାକବ ହେଲବର୍ଗ ନିଶ୍ଚିତ କରିଛନ୍ତି, ଭାରତକୁ ଏହି ସତନ୍ତ୍ର ଗୋଷ୍ଠୀରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ଭାରତ ସରକାର ଖୁବ୍ ଶୀଘ୍ର ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମାରେ ଆନୁଷ୍ଠାନିକ ଭାବରେ ସାକ୍ଷର କରିବେ। ଯାହା ଦୁଇ ଦେଶ ମଧ୍ୟରେ ଆର୍ଥିକ ଓ ରଣନୈତିକ ସମ୍ପର୍କକୁ ବୃଦ୍ଧି କରିବ।

ଡିସେମ୍ବର ୨୦୨୫ରେ ଆରମ୍ଭ ହୋଇଥିବା ପାକ୍ସ ସିଲିକା ମୁଖ୍ୟତଃ ସିଲିକନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣକୁ ସୁରକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହା ଉନ୍ନତ ଉତ୍ପାଦନ, ସେମିକଣ୍ଡକ୍ଟର, ଏଆଇ ଭିତ୍ତିଭୂମି ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଏକ ଦୃଢ଼ ଏବଂ ସମୃଦ୍ଧ ନେଟୱାର୍କ ମଧ୍ୟ ନିର୍ମାଣ କରିଛି। ଏଥିରେ ଯୋଗଦାନ ଦ୍ୱାରା ଭାରତ ଭବିଷ୍ୟତର ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ସମ୍ବଳଗୁଡ଼ିକୁ ସହଜରେ ପାଇପାରିବ ବୋଲି ଆଶା କରାଯାଉଛି। ପ୍ୟାକ୍ସ ସିଲିକାରେ ବର୍ତ୍ତମାନ ଅଷ୍ଟ୍ରେଲିଆ, ଯୁକ୍ତରାଜ୍ୟ, ଜାପାନ, ଇସ୍ରାଏଲ, ସିଙ୍ଗାପୁର, କତାର, ଦକ୍ଷିଣ କୋରିଆ, ୟୁଏଇ ଓ ଗ୍ରୀସ୍ ଭଳି ଦେଶ ଯୋଗ ଦେଇଛନ୍ତି। ଏହି ଗୋଷ୍ଠୀରେ ଭାରତକୁ ସାମିଲ କରି ଆମେରିକା ଚୀନ୍ର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ବୃହତ ଓ ଶକ୍ତିଶାଳୀ ମଞ୍ଚ ନିର୍ମାଣ କରୁଛି। ଏହି ସହଯୋଗ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆର୍ଥିକ ସ୍ଥିରତା ଓ ପ୍ରଯୁକ୍ତିବିଦ୍ୟା ବିକାଶକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ଅନୁଯାୟୀ, ଭାରତ ଆମେରିକୀୟ ଶିଳ୍ପ ଓ କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବ କିମ୍ବା ସମାପ୍ତ କରିବ। ପ୍ରତିବଦଳରେ, ଆମେରିକା ଭାରତୀୟ ଉତ୍ପାଦ ଉପରେ ଶୁଳ୍କ ୧୮ ପ୍ରତିଶତକୁ ହ୍ରାସ କରିବାକୁ ସମ୍ପୂର୍ଣ୍ଣ ରାଜି ହୋଇଛି। ଏହି ଚୁକ୍ତିନାମା ବାଣିଜ୍ୟ ବୃଦ୍ଧି କରିବା ସହ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଜଟିଳତାକୁ ମଧ୍ୟ ଯଥେଷ୍ଟ ହ୍ରାସ କରିବ।

## ଟ୍ରମ୍ପଙ୍କ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍



ୱାସିଂଟନ: ଇରାନ ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଭୟଙ୍କର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍ ହୋଇଛି। ଇରାନର ଜାତୀୟ ସୁରକ୍ଷା କମିଟିର ଉପାଧ୍ୟକ୍ଷ ମହମୁଦ ନବାଭିଆନ ରାଷ୍ଟ୍ରପତି ଟ୍ରମ୍ପଙ୍କ ଏକ ଅଜବ ବାର୍ତ୍ତା ସାର୍ବଜନୀନ କରିଛନ୍ତି। ଶୁକ୍ରବାର ଓମାନରେ ଦୁଇ ଦେଶ ମଧ୍ୟରେ ଆଲୋଚନା ଆରମ୍ଭ ହେବା ପୂର୍ବରୁ, ଟ୍ରମ୍ପ ଏକ ତୃତୀୟ ଦେଶ ମାଧ୍ୟମରେ ଇରାନକୁ ଏକ ପ୍ରସ୍ତାବ ପଠାଇଥିଲେ ଯେ, ଆମେ ଦୁଇଟି ଇରାନୀ ଘାଟି ଉପରେ ଆକ୍ରମଣ କରିବୁ ଏବଂ ତୁମେ ମଧ୍ୟ ତୁମର ଉପଯୁକ୍ତ ଜବାବ ଦେବ। ଏହା ପ୍ରକାଶ ପାଇବା ପରେ ଆନ୍ତର୍ଜାତୀୟ ଗଣମାଧ୍ୟମରେ ଆଲୋଡ଼ନ ସୃଷ୍ଟି ହୋଇଛି। ନବାଭିଆନ କହିଛନ୍ତି, ଇରାନ ବିନା ଦ୍ୱିଧାରେ ଜବାବ ଦେଇଛି ଯେ, ସେ ଯୁଗ ଗଲାଣି। ଏବେ ଆମେରିକାକୁ ନିଜ ପକ୍ଷର ହଜାର ହଜାର ମୃତ୍ୟୁ ଯେକୌଣସି ଭୁଲ୍ର ପରିଣାମ ପାଇଁ ଭୋଗିବାକୁ ପଡିବ। ଇରାନର ବୈଦେଶିକ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ସେ ଆଞ୍ଚଳିକ ମଧ୍ୟପ୍ରାଚ୍ୟ ଦେଶର ନେତାମାନଙ୍କୁ କହିବେ, ଆମେରିକା ସହିତ ଜଡିତ ଯେକୌଣସି କମ୍ପାନି କିମ୍ବା ସାମରିକ ଘାଟି ଏବେ ଇରାନର ଟାର୍ଗେଟ ହେବ। ଅନ୍ୟ ଏକ ପ୍ରକାଶନରେ ନାବାଭିଆନ ୧୨ ଦିନିଆ ଯୁଦ୍ଧ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ଆମେରିକା ଭେନେଜୁଏଲାର ରାଷ୍ଟ୍ରପତି ମାଦୁରୋଙ୍କୁ ଅପହରଣ କରିବା ଭଳି ଇରାନରେ ଏକ ଷଡ଼ଯନ୍ତ୍ର ରଚିଥିଲା, କିନ୍ତୁ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ସୟଦ ମହମୁଦ ନବାଭିଆନ ଇରାନର ସିଆ ସମ୍ପ୍ରଦାୟର ଜଣେ ଧର୍ମଗୁରୁ ଓ ଶୀର୍ଷ ନେତାମାନଙ୍କ ମଧ୍ୟରେ ଅନ୍ୟତମ। ନବାଭିଆନ ଏକ ମୌଳବାଦୀ ଚିନ୍ତାଧାରା ପୋଷଣ କରନ୍ତି। ସେ ତେହେରାନ, ରେ, ଶେମିରାନାଟ ଓ ଇସଲାମଶାହରରୁ ସଂସଦର ସଦସ୍ୟ। ସେ ଜେସିପିଓଏ ପରମାଣୁ ଚୁକ୍ତିର ସମାଲୋଚକ ତଥା ପାଶ୍ଚାତ୍ୟ ଦେଶଗୁଡ଼ିକର ବିରୋଧୀ। ନବାଭିଆନଙ୍କୁ ଇରାନର ସର୍ବୋଚ୍ଚ ନେତା ଅଲି ଖେମିନିଙ୍କ ନିକଟତର ତଥା ବିଶ୍ୱସ୍ତ ବ୍ୟକ୍ତି ଭାବରେ ବିବେଚନା କରାଯାଏ।

# ‘ଏପଷ୍ଟିନ୍ ଫାଇଲ୍ସ’ରେ ଧର୍ମଗୁରୁ



ନୂଆଦିଲ୍ଲୀ : ସାରା ବିଶ୍ୱରେ ଶାନ୍ତିର ପ୍ରତୀକ ଭାବରେ ପରିଚିତ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ନାଁ ଏକ ବିବାଦ ଭିତରକୁ ଟାଣି ହୋଇଛି। ଯାହାକି ବିଶ୍ୱ ରାଜନୀତି ଏବଂ ଗ୍ଲାମର ଜଗତର ବଡ଼ ବଡ଼ ଲୋକଙ୍କ ନିଦ ହଜାଇ ଦେଇଛି। ଆମେରିକା ସରକାର ଦ୍ୱାରା ପ୍ରକାଶିତ ଜେଫ୍ରି ଏପଷ୍ଟିନ୍ଙ୍କ ଗୁପ୍ତ ଫାଇଲରେ ନାମ ଆସିବା ପରେ ସୃଷ୍ଟି ହୋଇଥିବା ଉତ୍ତେଜନା ମଧ୍ୟରେ, ଏବେ ହିମାଚଳ ପ୍ରଦେଶର ଧର୍ମଶାଳାରେ ଦଲାଇ ଲାମାଙ୍କ କାର୍ଯ୍ୟାଳୟ ଏକ ସରକାରୀ ସ୍ପଷ୍ଟୀକରଣ ଜାରି କରିଛି। ଦଲାଇ ଲାମାଙ୍କ କାର୍ଯ୍ୟାଳୟ ଗଣମାଧ୍ୟମ ରିପୋର୍ଟ ଏବଂ ସୋସିଆଲ ମିଡିଆ ଦାବି ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି, ଯେଉଁଥିରେ ତାଙ୍କ ନାମ କୁଖ୍ୟାତ ଯୌନ ଅପରାଧୀ ଏବଂ ମାନବ ଚାଲାଣକାରୀ ଜେଫ୍ରି ଏପଷ୍ଟାଇନଙ୍କ ସହିତ ଯୋଡାଯାଉଛି। ଧର୍ମଶାଳାରୁ ଜାରି ପ୍ରେସ୍ ରିଲିଜ୍ରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ପରମ ପବିତ୍ର ଚତୁର୍ଦ୍ଦଶ ଦଲାଇ ଲାମା କେବେ ବି ଜେଫ୍ରି ଏପଷ୍ଟିନ୍ଙ୍କୁ ଭେଟି ନାହାଁନ୍ତି। ଜେଫ୍ରି ଏପଷ୍ଟିନ୍ ନ୍ୟୁୟର୍କର ଜଣେ ହାଇ-ପ୍ରୋଫାଇଲ୍ ବ୍ୟକ୍ତି ଥିଲେ, ପ୍ରଥମେ ୨୦୦୫ ରେ ତାଙ୍କ ବିରୁଦ୍ଧରେ ଅଭିଯୋଗ ଆସିଥିଲା। ୨୦୧୯ ରେ ତାଙ୍କୁ ସେକ୍ସ ଟ୍ରାଫିକିଂ ଅଭିଯୋଗରେ ପୁନର୍ବାର ଗିରଫ କରାଯାଇଥିଲା, କିନ୍ତୁ କଷ୍ଟଡିରେ ଥିବା ସମୟରେ ସେ ଆତ୍ମହତ୍ୟା କରିଥିଲେ। ଏପଷ୍ଟିନ୍ ତାଙ୍କର ହାଇ-ପ୍ରୋଫାଇଲ୍ ପାର୍ଟି ପାଇଁ ଜଣାଶୁଣା ଥିଲେ, ଯେଉଁଥିରେ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏପଷ୍ଟିନ୍ ଫାଇଲ୍ସରେ ଅନେକ ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କ ନାମ ଏବଂ ଫଟୋ ପ୍ରକାଶ ପାଇଛି, ଯେଉଁଥିରେ ପ୍ରସିଦ୍ଧ ବେ ?ଜ୍ଞାନିକ ଷ୍ଟିଫେନ୍ ହକିଂ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଏବଂ ଡୋନାଲଡ୍ସ ଟ୍ରମ୍ପଙ୍କ ନାଁ ରହିଛି। ସେଭଳି ପପ୍ ଷ୍ଟାର ମାଇକେଲ୍ ଜ୍ୟାକସନ୍ ନାଁ ମଧ୍ୟ ଏପଷ୍ଟିନ୍ ଫାଇଲରୁ ଜଣାଯାଇଛି।

# ଏସ୍ଆଇଆର ପ୍ରସଙ୍ଗ : ନିର୍ବାଚନ କମିଶନଙ୍କ ଉପରେ ବର୍ଷିଲେ ଅଖିଳେଶ



ନୂଆଦିଲ୍ଲୀ : ଏସ୍ଆଇଆରକୁ ନେଇ ସାରା ଦେଶରେ ଜାରି ରହିଛି ହଙ୍ଗାମା । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରେ ଏବେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଝଓଜ ପ୍ରସଙ୍ଗରେ ବର୍ଷିଛନ୍ତି। ସେ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିଛନ୍ତି । କହିଛନ୍ତି କି, ସମାଜବାଦୀ ପାର୍ଟି ଯେଉଁଠାରେ ଜିତିଥିଲା ସେଠାରେ ଟାର୍ଗେଟ କରାଯାଉଛି । ଆମର ବୁଥରେ ଅଧିକ ଭୋଟ ଥିଲା ସେଠାରେ ଟାର୍ଗେଣ କରାଯାଉଛି । ଏହାସହ ସେ ଅଭିଯୋଗ କରିଛନ୍ତି କି, ଉପନିର୍ବାଚନ ସମୟରେ ଘଟିଥିବା କାର୍ଯ୍ୟକଳାପ ନିର୍ବାଚନ କମିଶନର ନିରପେକ୍ଷତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ଏପରିକି ସେ ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି ଯେ, ନିର୍ବାଚନ କମିଶନକୁ ବିଜେପି ପତାକା ସହିତ ଚିହ୍ନଟ କରାଯିବା ଉଚିତ। ଅଖିଳେଶ ନିଜର ପ୍ରତିକ୍ରିୟାରେ କହିଛନ୍ତି କି, ଉତ୍ତରପ୍ରଦେଶରେ ଭୋଟର ତାଲିକା ଯାଞ୍ଚ ନାଁରେ ଅନିୟମିତତା କରାଯାଉଛି । ସମାଜବାଦୀ ପାର୍ଟି ଜିତିଥିବା ମତଦାନ କେନ୍ଦ୍ର (ବୁଥ୍) ଚୟନ କରିବା ପାଇଁ ସରକାର କମ୍ପ୍ୟୁଟର ତଥ୍ୟ ବ୍ୟବହାର କରିବା ପାଇଁ ବୃତ୍ତିଗତ ଏଜେନ୍ସିଗୁଡ଼ିକୁ ନିଯୁକ୍ତି ଦେଇଛନ୍ତି । ଏହି ବୁଥଗୁଡ଼ିକରେ ବହୁ ସଂଖ୍ୟକ ଫର୍ମ-୭ ପୂରଣ କରାଯାଉଛି । ଭୋଟର ତାଲିକାରୁ ବ୍ୟକ୍ତିଙ୍କ ନାମ ବାଦ ଦେବା କିମ୍ବା ଆପତ୍ତି ପଞ୍ଜିକରଣ କରିବା ପାଇଁ ଫର୍ମ-୭ ବ୍ୟବହାର କରାଯାଏ । ଏହା ଯୋଜନାବଦ୍ଧ ଭାବରେ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଅନେକ ସ୍ଥାନରେ ଲୋକମାନେ ବିରୋଧ କରିଛନ୍ତି ଏବଂ ଏହା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଛି । ବିହାରରେ ଏଭଳି କରି ନିର୍ବାଚନ ଜିତିଥିବାବେଳେ ଏବେ ଉତ୍ତରପ୍ରଦେଶରେ ଏଭଳି ନୀତି ଆପଣାଇବାକୁ ଯାଉଥିବା ସେ କହିଛନ୍ତି । ଅଖିଳେଶ ଯାଦବ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିରେ ଗରିବ ପରିବାର ବିବାହ ମଧ୍ୟ କରିପାରୁନାହାଁନ୍ତି । ସୁନା ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମହଙ୍ଗା ହୋଇଯାଇଛି ।

# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କ ମୃତ୍ୟୁ

ଢାକା : ବାଂଲାଦେଶରେ ହିନ୍ଦୁ ମୃତ୍ୟୁ ମାମଲା ନିରନ୍ତର ରିପୋର୍ଟ ହେଉଛି। ଏହି ସମ୍ପର୍କରେ, ରବିବାର, ଫେବୃଆରୀ ୮ରେ ଏକ ପ୍ରମୁଖ ଖବର ପ୍ରକାଶିତ ହୋଇଛି। ରିପୋର୍ଟ ଅନୁଯାୟୀ, ବାଂଲାଦେଶରେ ପୋଲିସ ହେପାଜତରେ ହିନ୍ଦୁ ନେତା ରମେଶ ଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ବୟସ ୮୬ ବର୍ଷ ଥିଲା ଏବଂ ସେ ଗତ ଦେଢ଼ ବର୍ଷ ଧରି ଜେଲରେ ଥିଲେ। ରିପୋର୍ଟ ଅନୁଯାୟୀ, ବରିଷ୍ଠ ଆୱାମୀ ଲିଗ ନେତା ଏବଂ ପୂର୍ବତନ ଜଳ ସମ୍ପଦ ମନ୍ତ୍ରୀ ରମେଶ ଚନ୍ଦ୍ର ସେନଙ୍କର ଶନିବାର ସକାଳେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ କେବଳ ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିନାହିଁ ବରଂ ଜେଲରେ ଥିବା ପୂର୍ବତନ ମନ୍ତ୍ରୀ ଏବଂ ନେତାମାନଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଗମ୍ଭୀର ପ୍ରଶ୍ନ ଉଠାଇଛି। ବାଂଲାଦେଶର ପ୍ରମୁଖ ସମ୍ବାଦପତ୍ର, ପ୍ରଥମ ଆଲୋରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଶନିବାର ସକାଳ ପ୍ରାୟ ୯ଟାରେ ରମେଶ ଚନ୍ଦ୍ର ସେନଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ଖରାପ ହୋଇଯାଇଥିଲା। ଜେଲ ପ୍ରଶାସନ ଅନୁଯାୟୀ, ସେ ଅଚେତ ହୋଇଯାଇଥିଲେ ଏବଂ ତାଙ୍କୁ ତୁରନ୍ତ ଦିନାଜପୁର ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତରମାନେ ତାଙ୍କୁ ସକାଳ ୯ଟା ୩୦ରେ ମୃତ ଘୋଷଣା କରିଥିଲେ। ସେନ ୮୬ ବର୍ଷ ବୟସର ଥିଲେ ଏବଂ ଦୀର୍ଘ ଦିନ ଧରି ଅନେକ ଗମ୍ଭୀର ରୋଗରେ ପୀଡିତ ଥିଲେ।

# କାର୍ଯ୍ୟରୁ ଅବସର କେବେ ବି ନିଆଯିବ ନାହିଁ: ମୋହନ ଭାଗବତ



ନୂଆଦିଲ୍ଲୀ: ଆର୍ଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ପୁଣି ଥରେ ୭୫ ବର୍ଷ ବୟସ ଓ ଅବସର ସମ୍ପର୍କରେ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ପାଳନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, ଯଦି ଆରଏସ୍ଏସ୍ ତାଙ୍କୁ ପଦ ଛାଡିବାକୁ କୁହେ ତେବେ ସେ ଇସ୍ତଫା ଦେବେ। ସଂଗଠନ ନିଜେ ତାଙ୍କୁ ବୟସ ସତ୍ତ୍ୱେ କାମ ଜାରି ରଖିବାକୁ କହିଛି। ଏହି ଅବସରରେ, ସେ ଆଉ ଏକ ବକ୍ତବ୍ୟ ଦେଇଥିଲେ ଯାହାକୁ ଏକ ସରଳ ବାର୍ତ୍ତା ଅପେକ୍ଷା ଏକ ବଡ଼ ବାର୍ତ୍ତା ଭାବରେ ଦେଖାଯାଉଛି। ମୋହନ ଭାଗବତ କହିଛନ୍ତି ଯେ, ଆର୍ଏସ୍ଏସ୍ ମୁଖ୍ୟ ପଦ ପାଇଁ କୌଣସି ନିର୍ବାଚନ ହୁଏ ନାହିଁ। ତାଙ୍କୁ ଆଞ୍ଚଳିକ ଓ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ନିଯୁକ୍ତ କରାଯାଏ। ତଥାପି, ସାଧାରଣତଃ ସଂଘରେ ଏହା ବିଶ୍ୱାସ କରାଯାଏ ଯେ, ୭୫ ବର୍ଷ ବୟସ ପରେ, କୌଣସି ପଦବୀରେ ନ ରହି କାମ କରିବା ଉଚିତ। ଆର୍ଏସ୍ଏସ୍ ମୁଖ୍ୟଙ୍କ ଏହି ବକ୍ତବ୍ୟ ଆଉ ଏକ ବିତର୍କ ସୃଷ୍ଟି କରିବାର ସମ୍ଭାବନା ରହିଛି।

ସେ କହିଛନ୍ତି, ମୁଁ ୭୫ ବର୍ଷ ବୟସରେ ପହଞ୍ଚିଛି। ମୁଁ ସଂଘକୁ ଏହା ବିଷୟରେ ଜଣାଇଥିଲି। କିନ୍ତୁ ସଂଗଠନ ମୋତେ କାମ ଜାରି ରଖିବାକୁ କହିଥିଲା। ତେଣୁ, ଯେତେବେଳେ ବି ଆର୍ଏସ୍ଏସ୍ ମୋତେ ପଦ ଛାଡିବାକୁ କହିବ, ମୁଁ ଇସ୍ତଫା ଦେବି। ତଥାପି, କାର୍ଯ୍ୟରୁ ଅବସର କେବେ ବି ନିଆଯିବ ନାହିଁ। ସମସ୍ୟା ଉପରେ ଚିନ୍ତା କରିବା ପରିବର୍ତ୍ତେ, ଆମକୁ ସମାଧାନ ଖୋଜିବା ଉପରେ ଧ୍ୟାନ ଦେବା ଉଚିତ। ସଂଘ ଏହାର ସ୍ୱେଚ୍ଛାସେବକମାନଙ୍କୁ ରକ୍ତର ଶେଷ ବିନ୍ଦୁ ପର୍ଯ୍ୟନ୍ତ କାମ କରାଇଥାଏ। ଆର୍ଏସ୍ଏସ୍ର ଇତିହାସରେ ଏପରି ପରିସ୍ଥିତି କେବେ ଆସିନାହିଁ ଯେଉଁଠାରେ କାହାକୁ ଅବସର ନେବାକୁ ପଡିଛି। ଆମେ ଆମର ପ୍ରଚାରରେ ପଛରେ ପଡ଼ିଯାଇଛୁ। ଅତ୍ୟଧିକ ପ୍ରଚାର ପ୍ରସିଦ୍ଧି ଆଣିଥାଏ, କିନ୍ତୁ ଏହା ଅହଂକାର ମଧ୍ୟ ସୃଷ୍ଟି କରେ। ଏହାକୁ ଏଡାଇବା ଗୁରୁତ୍ୱପୂର୍ଣ୍ଣ। ପ୍ରଚାର ବର୍ଷା ପରି ହେବା ଉଚିତ। ସମୟ ଓ ପରିମାଣ ଉଭୟରେ ଉପଯୁକ୍ତ ହେବା ଜରୁରୀ। ଆର୍ଏସ୍ଏସ୍ର କାମ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା, ନିର୍ବାଚନ ପ୍ରଚାର ନୁହେଁ।

# ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଜଣାଇଲେ ଅନୁରାଗ ଠାକୁର



ନୂଆଦିଲ୍ଲୀ : ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ଅନୁରାଗ ଠାକୁର, ବିସିସିଆଇରେ ପଦରେ ଲାଗିଥିବା ପ୍ରତିବନ୍ଧକ ଉଠାଇବା ନିଷ୍ପତ୍ତିରେ ସୁପ୍ରିମକୋର୍ଟଙ୍କ ଉପରେ ସନ୍ତୋଷ ପ୍ରକାଶ କରିଛନ୍ତି। ସେ କୋର୍ଟକୁ ଧନ୍ୟବାଦ ଦେଇଛନ୍ତି, କିନ୍ତୁ ଏହା ମଧ୍ୟ କହିଛନ୍ତି ଯେ ନିଷ୍ପତ୍ତି ନଅ ବର୍ଷ ଧରି ଚାଲିବା ଦୁଃଖଦ। ଅନୁରାଗ ଠାକୁର କହିଛନ୍ତି ଯେ ଏହି ପ୍ରତିବନ୍ଧକ ସେତେବେଳେ ଲାଗୁ କରାଯାଇଥିଲା ଯେତେବେଳେ ନିୟମ କରାଯାଇଥିଲା ଯେ କେବଳ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିମାନେ ବିସିସିଆଇ ସଭାପତି ହୋଇପାରିବେ। ଏହି ନିୟମ ତାଙ୍କୁ ବିସିସିଆଇରୁ ବହିଷ୍କାର କରିଥିଲା। ବର୍ତ୍ତମାନ, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସହିତ, ତାଙ୍କୁ ନ୍ୟାୟ ମିଳିଛି, କିନ୍ତୁ ଅପେକ୍ଷା ଏତେ ଲମ୍ବା ହେବା ଉଚିତ ନଥିଲା। ହିମାଚଳ ପ୍ରଦେଶର ଉନାରେ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଅନୁରାଗ ଠାକୁର ଭାରତୀୟ ୧୯ ବର୍ଷରୁ କମ କ୍ରିକେଟ ଦଳକୁ ବିଶ୍ୱକପ ଜିତିବା ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ଏହି ବିଜୟ ସମଗ୍ର ଦେଶ ପାଇଁ ଗର୍ବର ବିଷୟ। ଦଳର ଅଧିନାୟକ ଆୟୁଷ ମହାତ୍ରେଙ୍କ ନେତୃତ୍ୱରେ ଭାରତ ଚମତ୍କାର ପ୍ରଦର୍ଶନ କରି ଟ୍ରଫି ଜିତିଥିଲା। ଏହି ଅବସରରେ, ଅନୁରାଗ ଠାକୁର ଯୁବ ବ୍ୟାଟସମ୍ୟାନ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଶଂସା କରିଥିଲେ।

# ଜୁନ୍ ସୁଦ୍ଧା ଯୁଦ୍ଧ ଶେଷ କରିବାକୁ ଚାହୁଁଛି ଆମେରିକା: ଜେଲେନସ୍କି



କିବ୍ : ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି, ଆମେରିକା ୟୁକ୍ରେନ ଓ ରୁଷକୁ ଯୁଦ୍ଧ ସମାପ୍ତ କରିବା ପାଇଁ ଜୁନ୍ ମାସର ନୂତନ ସମୟସୀମା ଦେଇଛି। ଜେଲେନସ୍କିଙ୍କ ଅନୁଯାୟୀ, ଆମେରିକା ପ୍ରଶାସନ ଚାହୁଁଛି ଯେ, ଗ୍ରୀଷ୍ମ ଋତୁ ଆରମ୍ଭ ହେବା ପୂର୍ବରୁ ରୁଷ-ୟୁକ୍ରେନ ଯୁଦ୍ଧ ଶେଷ ହେଉ। ସେ ଏହା ମଧ୍ୟ କହିଛନ୍ତି, ଆସନ୍ତା ସପ୍ତାହରେ ଦୁଇ ଦେଶକୁ ଆଉ ଏକ ପର୍ଯ୍ୟାୟ ଆଲୋଚନା ପାଇଁ ଡକାଯାଇଛି। ଜେଲେନସ୍କି ଗଣମାଧ୍ୟମକୁ କହିଛନ୍ତି, ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଜୁନ୍ ସୁଦ୍ଧା ଏକ ଶାନ୍ତି ଚୁକ୍ତିନାମାରେ ପହଞ୍ଚିବା ପାଇଁ ୟୁକ୍ରେନ ଓ ରୁଷ ଉଭୟଙ୍କୁ ଚାପ ପକାଇବେ। ଆମେରିକା ଚାହୁଁଛି ଜୁନ୍ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରକ୍ରିୟା ସମାପ୍ତ ହେଉ। ଟ୍ରମ୍ପ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ସ୍ପଷ୍ଟ ସମୟସୀମା ଚାହାନ୍ତି। ଯଦି ଜୁନ୍ ସୁଦ୍ଧା କୌଣସି ଚୁକ୍ତିନାମାରେ ନପହଞ୍ଚା ଯାଏ, ତେବେ ଆମେରିକା ଉଭୟ ପକ୍ଷ ଉପରେ ଆହୁରି ଚାପ ପକାଇପାରେ । ଜେଲେନସ୍କି ମନେ ପକାଇ ଦେଇଛନ୍ତି, ରାଷ୍ଟ୍ରପତି ହେବା ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ କହିଥିଲେ, ସେ ୨୪ଘଣ୍ଟା ମଧ୍ୟରେ ଯୁଦ୍ଧ ସମାପ୍ତ କରିବେ। ପରେ ୟୁକ୍ରେନ ପାଇଁ ତାଙ୍କର ସ୍ୱତନ୍ତ୍ର ଦୂତ କିଥ୍ କେଲୋଗ୍ କହିଥିଲେ, ଟ୍ରମ୍ପଙ୍କ ଶପଥ ଗ୍ରହଣର ୧୦୦ ଦିନ ମଧ୍ୟରେ ଏକ ଚୁକ୍ତି ହୋଇପାରେ। ମାତ୍ର ଏହି ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ପରବର୍ତ୍ତୀ ସମୟରେ ଆମେରିକା ଗତ ବର୍ଷ ଅଗଷ୍ଟରେ ଏକ ନୂତନ ସମୟସୀମା ସ୍ଥିର କରିଥିଲା, କିନ୍ତୁ ତାହା ମଧ୍ୟ କୌଣସି ଫଳାଫଳ ବିନା ଶେଷ ହୋଇଯାଇଥିଲା। ଡିସେମ୍ବରରେ, ଟ୍ରମ୍ପ ଦାବି କରିଥିଲେ, ଏକ ଶାନ୍ତି ଚୁକ୍ତିନାମା ପ୍ରାୟ ୯୫% ପ୍ରସ୍ତୁତ, ତଥାପି ଯୁଦ୍ଧ ଜାରି ରହିଛି।

# ୪ ଭାରତୀୟ ଡାକ୍ତରୀ ଛାତ୍ରଙ୍କୁ ଛୁରାମାଡ଼

ନୂଆଦିଲ୍ଲୀ: ରୁଷ ଗଣରାଜ୍ୟ ବାଶକୋର୍ଟୋସ୍ତାନର ଉଫାରେ ଥିବା ଏକ ମେଡିକାଲ ବିଶ୍ୱବିଦ୍ୟାଳୟରେ ଛୁରାମାଡ ହୋଇଛି। ଏହି ଆକ୍ରମଣରେ ଚାରିଜଣ ଭାରତୀୟ ଛାତ୍ରଙ୍କ ସମେତ ଅନେକ ଲୋକ ଆହତ ହୋଇଥିବା ସୂଚନା ହୋଇଛି। ସମସ୍ତ ଆହତ ଛାତ୍ରଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭାରତୀୟ ଦୂତାବାସ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ଏକ ବିବୃତ୍ତିରେ କହିଛି ଯେ ଉଫାରେ ଏକ ଦୁର୍ଭାଗ୍ୟଜନକ ଆକ୍ରମଣ ଘଟିଛି। ଯେଉଁଥିରେ ୪ ଜଣ ଭାରତୀୟ ଛାତ୍ର ଆହତ ହୋଇଛନ୍ତି। ଦୂତାବାସ କହିଛି ଯେ ଏହା ରୁଷର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛି। ଏବଂ କାଜାନରେ ଥିବା ଭାରତୀୟ କନସୁଲେଟର ଅଧିକାରୀମାନେ ଆହତ ଛାତ୍ରମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ପାଇଁ ଉଫା ଯାଇଛନ୍ତି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତ ଜଣକ ଏକ ନିଷିଦ୍ଧ ନୟୋ-ନାଜି ସଂଗଠନ ସହିତ ଜଡିତ ଥିଲା। ଆକ୍ରମଣ ସମୟରେ ସେ ଜାତୀୟତାବାଦୀ ସ୍ଲୋଗାନ ଦେଉଥିଲେ । ତଦନ୍ତକାରୀ ସଂସ୍ଥା ଗୁଡ଼ିକ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଘଟଣା ପରେ ବିଶ୍ୱବିଦ୍ୟାଳୟ ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

# ତିବ୍ବତୀୟ ପରିଚୟ ଲିଭାଉଛି ଚୀନ୍: ରିପୋର୍ଟ



ନ୍ୟୁୟର୍କ : ସଂଯୁକ୍ତ ରାଷ୍ଟ୍ରର ଏକ ସାମ୍ପ୍ରତିକ ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ତିବ୍ବତରେ ଚୀନ୍ ସରକାରଙ୍କ ନୀତି ସକ୍ରିୟ ଭାବରେ ତିବ୍ବତୀୟ ସଭ୍ୟତାର ମୂଳଦୁଆକୁ ଦୁର୍ବଳ କରୁଛି। ଏକ ସ୍ୱତନ୍ତ୍ର ସମ୍ପ୍ରଦାୟ ଭାବରେ ତିବ୍ବତୀୟମାନଙ୍କ ଅସ୍ତିତ୍ୱକୁ ଗମ୍ଭୀର ଭାବରେ ବିପଦରେ ପକାଇଛି।

ରିପୋର୍ଟରେ ତିବ୍ବତରେ ଆବାସିକ ବିଦ୍ୟାଳୟ ବ୍ୟବସ୍ଥା ଉପରେ ଚିନ୍ତା ପ୍ରକାଶ କରାଯାଇଛି। ଏଭଳି କାର୍ଯ୍ୟ ତିବ୍ବତୀୟ ପରିଚୟ କ୍ଷୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି କୁହାଯାଇଛି। ରିପୋର୍ଟ ଉପରେ ପ୍ରତିକ୍ରିୟା ଦେଇ ଧର୍ମଶାଳାର ତିବ୍ବତୀୟ ନିର୍ବାସିତ ସମ୍ପ୍ରଦାୟର ସଦସ୍ୟମାନେ କହିଛନ୍ତି, ଜାତିସଂଘ ରିପୋର୍ଟ ତିବ୍ବତର ଆଭ୍ୟନ୍ତରୀଣ ପରିସ୍ଥିତି ବିଷୟରେ ତିବ୍ବତୀୟମାନେ ଦୀର୍ଘ ଦିନ ଧରି ଯାହା କହୁଛନ୍ତି ତାହାକୁ ନିଶ୍ଚିତ କରିଛି। ତିବ୍ବତ ନୀତି ପ୍ରତିଷ୍ଠାନର ଉପନିର୍ଦ୍ଦେଶକ ଟେମ୍ପା ଗ୍ୟାଲଟସେନ ବ୍ୟାଖ୍ୟା କରିଛନ୍ତି, ଏହି ରିପୋର୍ଟ ତିବ୍ବତର ବାସ୍ତବତାକୁ ପ୍ରତିଫଳିତ କରୁଛି। ବିଶେଷକରି ଚୀନ୍ ଦ୍ୱାରା ଲାଗୁ କରାଯାଇଥିବା ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି। ଜାତିସଂଘ ରିପୋର୍ଟ ତିବ୍ବତର ବାସ୍ତବତା କିମ୍ବା ପ୍ରଚଳିତ ପରିସ୍ଥିତିକୁ ନିଶ୍ଚିତ କରେ। ଆବାସିକ ବିଦ୍ୟାଳୟ ହେଉଛି ଏପରି ଏକ ପ୍ରସଙ୍ଗ ଯାହା ଉପରେ ଚୀନ୍ ସରକାର ଗୁରୁତ୍ୱାରୋପ କରୁଛନ୍ତି। କାରଣ ସରକାର ଅନୁମାନ କରୁଛନ୍ତି, ତିବ୍ବତୀୟ ପରିଚୟର ଭବିଷ୍ୟତ ତିବ୍ବତୀୟମାନଙ୍କ ଯୁବ ପିଢ଼ିଙ୍କ ହାତରେ ଅଛି, ତେଣୁ ସେମାନେ ଅତି କମ୍ ବୟସରୁ ତିବ୍ବତୀୟ ପିଲାମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ତିବ୍ବତୀୟ ପିଲାମାନଙ୍କୁ ବହୁତ କମ୍ ବୟସରେ ସେମାନଙ୍କ ଭାଷା, ସଂସ୍କୃତି ଏବଂ ପରମ୍ପରାରୁ ଅଲଗା କରାଯାଉଛି। ଆମେ ଭୟ କରୁଛୁ, ଏହା ଅତ୍ୟନ୍ତ ବିପଜ୍ଜନକ। ଜାତିସଂଘ ରିପୋର୍ଟ ସ୍ପଷ୍ଟ ଭାବରେ ଆମ ସହିତ ସହମତ। ଏହା ନିଶ୍ଚିତ କରିଛି, ତିବ୍ବତରେ ପ୍ରତିଷ୍ଠିତ ଚୀନ୍ ଆବାସିକ ବିଦ୍ୟାଳୟଗୁଡ଼ିକ ତିବ୍ବତୀୟ ପରିଚୟ ଓ ତିବ୍ବତୀୟ ସଭ୍ୟତାର ପଥକୁ କ୍ରମାଗତ ଭାବରେ ଲିଭାଇ ଦେଉଛନ୍ତି।

# ଭାରତୀୟ ବାୟୁସେନାରେ ସାମିଲ ହେବ ୧୧୪ ନୂତନ ରାଫେଲ୍



ନୂଆଦିଲ୍ଲୀ: ଭାରତ ଏହାର ସୁରକ୍ଷା ଏବଂ ବାୟୁସେନାକୁ ମଜବୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଭାରତୀୟ ବାୟୁସେନା ପାଇଁ ୧୧୪ଟି ରାଫେଲ ଯୁଦ୍ଧ ବିମାନ କିଣିବା ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ବାୟୁସେନା ଏହି ପ୍ରସ୍ତାବ ଉପରେ ନିରନ୍ତର ଆଲୋଚନା କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଭାରତ ଗସ୍ତ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦର ଏକ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକ ଦ୍ୱାରା ୧୧୪ଟି ରାଫେଲ ଜେଟ୍ କ୍ରୟ ଉପରେ ସହମତି ହୋଇପାରେ। ଭାରତୀୟ ବାୟୁସେନାର ଅନେକ ପୁରୁଣା ବିମାନ ଏବେ ଅବସର ନେଉଛି। ତେଣୁ ବାୟୁସେନାକୁ ଆଧୁନିକ ଏବଂ ନିର୍ଭରଯୋଗ୍ୟ ଯୁଦ୍ଧ ବିମାନର ଆବଶ୍ୟକତା ଅଛି। ରାଫେଲ ଏକ ଲଢୁଆ ବିମାନ, ଯାହା ସବୁ ପାଣିପାଗରେ ଉଡ଼ାଣ ଏବଂ ଶତ୍ରୁ ଲକ୍ଷ୍ୟ ସ୍ଥଳ ବିରୁଦ୍ଧରେ ସଠିକ୍ ଆକ୍ରମଣ କରିବାକୁ ସକ୍ଷମ। ଭାରତ ପୂର୍ବରୁ ଫ୍ରାନ୍ସରୁ ୩୬ଟି ରାଫେଲ ଯୁଦ୍ଧ ବିମାନ କିଣିସାରିଛି। ଏବେ ୧୧୪ଟି ନୂତନ ରାଫେଲର ଆଗମନ ବାୟୁସେନାକୁ ଆହୁରି ମଜବୁତ କରିବ।

# ଚଳନ୍ତା ଟ୍ରେନ୍‌ରେ ନିଆଁ



**ଜୈସଲମେର:** ରବିବାର ସକାଳେ ଦିଲ୍ଲୀରୁ ଜୈସଲମେର ଯାଉଥିବା ସ୍ୱର୍ଣ୍ଣ ନଗରୀ ଏକ୍ସପ୍ରେସର ଏକ କୋଚ୍ ତଳେ ହଠାତ୍ ନିଆଁ ଲାଗିଯିବାରୁ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ଟ୍ରେନ୍ ଟି ଚଳନ୍ତା ଅବସ୍ଥାରେ ଥିବାବେଳେ ଜୈସଲମେର ଜିଲ୍ଲାର ଜେଠା-ଚନ୍ଦନ ରେଳ ଷ୍ଟେସନ ନିକଟରେ ଏହି ଘଟଣା ଘଟିଥିଲା। ଚଳନ୍ତା ଟ୍ରେନ୍ ତଳେ ନିଆଁ ଏବଂ ଧୂଆଁ ଉଠିବା ଦେଖି କିଛି ଯାତ୍ରୀ ତୁରନ୍ତ ଲୋକୋ ପାଇଲଟ୍ ଏବଂ ରେଳ କର୍ମଚାରୀଙ୍କୁ ଜଣାଇଥିଲେ। ପରେ ଲୋକୋ ପାଇଲଟ୍ ବୁଦ୍ଧିମତ୍ତା ଦେଖାଇ ତୁରନ୍ତ ଟ୍ରେନ୍କୁ ସୁରକ୍ଷିତ ସ୍ଥାନରେ ଅଟକାଇ ଏକ ବଡ଼ ବିପର୍ଯ୍ୟୟକୁ ଏଡାଇ ଦେଇଥିଲେ।

ଟ୍ରେନ୍ ଅଟକିବା ମାତ୍ରେ, ରେଳ କର୍ମଚାରୀମାନେ ତୁରନ୍ତ ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରି କର୍ମଚାରୀମାନେ ଅଳ୍ପ ସମୟ ମଧ୍ୟରେ ନିଆଁକୁ ନିୟନ୍ତ୍ରଣ କରିଥିଲେ। ଟ୍ରେନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି। ଘଟଣା ପରେ, ରେଳ ପ୍ରଶାସନ ଘଟଣାସ୍ଥଳକୁ ଯାଇ ଏକ ବୈଷୟିକ ତଦନ୍ତ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଅଗ୍ନିକାଣ୍ଡ କୌଣସି ବୈଷୟିକ ତ୍ରୁଟି କିମ୍ବା ବ୍ରେକ୍ ସିଷ୍ଟମର କୌଣସି ଯନ୍ତ୍ରାଂଶରେ ଅତ୍ୟଧିକ ଉତ୍ତାପ ସୃଷ୍ଟି ହେବା ଯୋଗୁଁ ହୋଇଥାଇପାରେ। ତଥାପି, ଅଗ୍ନିକାଣ୍ଡର ସଠିକ୍ କାରଣ ବର୍ତ୍ତମାନ୍ ପର୍ଯ୍ୟନ୍ତ ଜଣାପଡିନାହିଁ। ରେଳବାଇର ଏକ ବୈଷୟିକ ଟିମ୍ ବିସ୍ତୃତ ତଦନ୍ତ କରୁଛି। ଏହାପରେ ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡିବ ବୋଲି ରେଳବାଇ ଅଧିକାରୀମାନେ କହିଛନ୍ତି।






# ଟି-୨୦ ବିଶ୍ୱକପ୍‌ରେ ୩ଟି ମ୍ୟାଚ୍



ମୁମ୍ବାଇ : ଚଳିତ ପୁରୁଷ ଟି-୨୦ ବିଶ୍ୱକପ ଦଶମ ସଂସ୍କରଣରେ ଆଜି ୩ଟି ମ୍ୟାଚ ଖେଳାଯାଉଛି । ଚେନ୍ନାଇରେ ଆଫଗାନିସ୍ତାନ ଓ ନ୍ୟୁଜିଲାଣ୍ଡ, ମୁମ୍ବଇରେ ଇଂଲଣ୍ଡ ଓ ନେପାଳ ଏବଂ କଲମ୍ବୋରେ ଶ୍ରୀଲଙ୍କା ଓ ଆୟରଲାଣ୍ଡ ମଧ୍ୟରେ ମୁକାବିଲା ହେବ। ଗ୍ରୁପ୍ 'ଡି'ର ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଭେଟିବ ଏହି ବିଶ୍ୱକପ୍‌ର ଡାର୍କ ହର୍ସ ଆଫଗାନିସ୍ତାନ। ଉଭୟ ଦଳ ଟି୨୦ ବିଶ୍ୱକପ୍ ଜିତିନାହାନ୍ତି। ରସିଦ ଖାଁଙ୍କ ନେତୃତ୍ୱାଧିନ ଆଫଗାନିସ୍ତାନ ଦଳରେ ଇବ୍ରାହିମ ଜାଦ୍ରାନ, ଡାରୱିସ ରସୁଲି, ଗୁଲବାଦିନ୍ ନାଇବ, ରହମନୁଲ୍ଲା ଗୁରବାଜ, ମହମ୍ମଦ ଇଶାକ ପ୍ରମୁଖ ରହିଛନ୍ତି। ବୋଲିଂ ବିଭାଗରେ ରସିଦ ଖାଁଙ୍କ ସମେତ ମୁଜିବ ଉର ରେହମାନ, ନୂର ଅହମ୍ମଦ ପ୍ରମୁଖ ରହିଛନ୍ତି। ନ୍ୟୁଜିଲାଣ୍ଡକୁ ପରାସ୍ତ କରିବା ସହ ବିଜୟ ଅଭିଯାନର ଲକ୍ଷ୍ୟ ରଖିଛି ଆଫଗାନିସ୍ତାନ। ମିଚେଲ ସାଣ୍ଟନର ନେତୃତ୍ୱାଧିନ ନ୍ୟୁଜିଲାଣ୍ଡ ପ୍ରଥମଥର ଟ୍ୱେଣ୍ଟି୨୦ ବିଶ୍ୱକପ୍ ଟ୍ରଫି ଜିତିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ। ନ୍ୟୁଜିଲାଣ୍ଡ ଦଳରେ ଡେଭନ କନ୍‌ୱେ, ମାଇକେଲ ବ୍ରେସ୍‌ୱେଲ, ମାର୍କ ଚାପ୍‌ମ୍ୟାନ, ଡାରିଲ ମିଚେଲ, ରଚିନ ରବୀନ୍ଦ୍ରଙ୍କ ଭଳି ବ୍ୟାଟ୍‌ସମ୍ୟାନ ରହିଛନ୍ତି। ବୋଲିଂ ବିଭାଗରେ ଦୁଇ ସ୍ପିନର ମିଚେଲ ସାଣ୍ଟନର ଓ ଇସ୍ ସୋଢ଼ିଙ୍କ ସହ ପେସ୍ ବୋଲର ଲୋକି ଫର୍ଗୁସନ, ମ୍ୟାଟ ହେନରୀ ଓ କାଏଲ ଜେମିସନ ପ୍ରମୁଖ ରହିଛନ୍ତି। ଆଫଗାନିସ୍ତାନକୁ ହରାଇବା ଲକ୍ଷ୍ୟ ରଖିଛି।

ମୁମ୍ବଇରେ ଗ୍ରୁପ୍ 'ସି'ର ମ୍ୟାଚରେ ଦୁର୍ବଳ ନେପାଳକୁ ଭେଟିବ ଇଂଲଣ୍ଡ। ଦୁଇଥର ଚମ୍ପିଆନ ଇଂଲଣ୍ଡ ହ୍ୟାରୀ ବ୍ରୁକ୍‌ଙ୍କ ନେତୃତ୍ୱରେ ଖେଳିବ। ଦଳରେ ଜାକବ ବିଥେଲ, ଜୋସ୍ ବଟ୍‌ଲର, ବେନ୍ ଡକେଟ, ୱିଲ ଜ୍ୟାକ୍‌ସ, ଫିଲ୍ ସଲ୍‌ଟଙ୍କ ଭଳି ବ୍ୟାଟ୍‌ସମ୍ୟାନ ରହିଛନ୍ତି। ଜେଫ୍ରା ଆର୍ଚର, ଲ୍ୟୁକ୍ ଉଡ୍, ଜୋସ୍ ଟଙ୍ଗ୍, ଆଦିଲ ରସିଦ୍ ବୋଲିଂ ଦାୟିତ୍ୱ ତୁଲାଇବେ। ଅନଭିଜ୍ଞ ନେପାଳ ବିପକ୍ଷରେ ବଡ଼ ବିଜୟ ଲକ୍ଷ୍ୟ ନେଇ ଇଂଲଣ୍ଡ ଖେଳିବ। ନେପାଳ ରୋହିତ ପୌଡେଲଙ୍କ ନେତୃତ୍ୱରେ ଖେଳିବ। ଇଂଲଣ୍ଡ ବିପକ୍ଷରେ ପ୍ରଭାବଶାଳୀ ପ୍ରଦର୍ଶନର ଲକ୍ଷ୍ୟ ନେପାଳ ରଖିଛି। ଗ୍ରୁପ୍ 'ବି'ରେ ଶ୍ରୀଲଙ୍କା ଓ ଆୟରଲାଣ୍ଡ ମ୍ୟାଚ୍ କଲମ୍ବୋରେ ଖେଳାଯିବ। ୨୦୧୪ର ଚାମ୍ପିଅନ ଶ୍ରୀଲଙ୍କା ଦାସୁନ ଶନକଙ୍କ ନେତୃତ୍ୱରେ ଖେଳିବ। ଘରୋଇ ପରିବେଶରେ ଦଳ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି। ଦଳର ବ୍ୟାଟିଂ ଚରିତ ଆସାଲାଙ୍କା, କୁଶଲ ମେଣ୍ଡିସ, ପାଥମ୍ ନିଶଙ୍କ ଓ ପବନ ରତ୍ନନାୟକଙ୍କ ଉପରେ ନିର୍ଭର କରୁଛି। ଶ୍ରୀଲଙ୍କା ଦଳରେ ବୋଲର ଭାବେ ଦୁନିତ ୱାଲାଲାଗେ, ମାଥିଶା ପାଥିରାଣା, ପ୍ରମୋଦ ମଦୁସାନ ଓ ଦୁଷ୍ମନ୍ତ ଚାମିରା ରହିଛନ୍ତି। ପଲ୍ ଷ୍ଟର୍ଲିଂ ନେତୃତ୍ୱାଧୀନ ଆୟରଲାଣ୍ଡ ବିପକ୍ଷରେ ଘରୋଇ ଶ୍ରୀଲଙ୍କା ଜିତିବାକୁ ଫେଭରିଟ୍। ଆୟରଲାଣ୍ଡ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ଖେଳିବ।

# ଶୀତକାଳୀନ ଅଲିମ୍ପିକ୍ସର ଶୁଭାରମ୍ଭ



ମିଲାନ : ଇଟାଲୀର ମିଲାନ ଓ କୋର୍ଟିନା ଡି'ଆମ୍ପେଜୋଠାରେ ସମାନ୍ତରାଳୟ ଭାବେ ଶୀତାକାଳୀନ ଅଲିମ୍ପିକ୍ ଶୁଭ ଉଦ୍‌ଘାଟନ ଶନିବାର ହୋଇଛି। ମିଲାନର ସାନ୍ ସିରୋ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମୁଖ୍ୟ ଉତ୍ସବରେ ଇଟାଲୀ ରାଷ୍ଟ୍ରପତି ସର୍ଗିଓ ମାଟରେଲା ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ଏଠାରୁ ୨୫୦ କିଲୋମିଟର ଦୂରରେ ଅବସ୍ଥିତ କୋର୍ଟିନା ଡି'ଆମ୍ପେଜ୍‌ରେ ମଧ୍ୟ ଆଉ ଏକ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଭୟ ଉତ୍ସବରେ ଇଟାଲୀର ମହନୀୟ ଇତିହାସ, ସଂସ୍କୃତି, କଳା ଓ ଫେସନ୍‌ର ଝଲକ ଦେଖିବାକୁ ମିଳିଥିଲା। ଯାହାର ଶୀର୍ଷକ ଥିଲା ବିଶ୍ୱ ସଦ୍‌ଭାବନା।

ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ, ପରରାଷ୍ଟ୍ର ସଚିବ ମାର୍କୋ ରୋବିସାନ୍ ସିରୋ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସାଢ଼େ ତିନି ଘଣ୍ଟାର ଉଦ୍‌ଘାଟନୀ ଉତ୍ସବରେ ପ୍ରମୁଖ ଆକର୍ଷଣ କରିଥିଲେ। ତେବେ ୟୁରୋପକୁ ନେଇ ଭାନ୍ସ ଦେଇଥିବା କିଛି ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ଦର୍ଶକ ତାଙ୍କୁ ସ୍ୱାଗତ କରିବା ପରିବର୍ତ୍ତେ ବିଭିନ୍ନ ତାଚ୍ଛଲ୍ୟ ଭରା କଥା କହି ଚିଡ଼ାଇଥିଲେ। ଖୁସିର ମାହୋଲରେ ରାଜନେତିକ ଉଷ୍ମତା ଭରିଥିଲା। ଇସ୍ରାଏଲ୍ ଖେଳାଳିଙ୍କୁ ମଧ୍ୟ ଦର୍ଶକ ପସନ୍ଦ କରି ନଥିଲେ। ୟୁକ୍ରେନ୍‌ର ୫ଜଣିଆ ଦଳକୁ ଦର୍ଶକ କିନ୍ତୁ ଠିଆ ହୋଇ ଅଭିବାଦନ ଜଣାଇଥିଲେ। ପ୍ରଥମ ଥର ଲାଗି ଦୁଇଟି ଲୁହା କଡ଼େଇରେ ସମାନ୍ତରାଳୟ ଭାବେ ଦୁଇଟି ମଶାଲର ପ୍ରଜ୍ୱଳନ କରାଯାଇଥିଲା। ୯୨ଟି ଦେଶ ଅଂଶ ଗ୍ରହଣ କରୁଥିବା ଏହି ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଏଥର ୮ଟି ଖେଳରେ ୧୧୬ ଇଭେଣ୍ଟ୍ ଅନୁଷ୍ଠିତ ହେବ। ୧୩୮୮ ମସିହାଙ୍କ ସହ ମୋଟ ୨୮୭୧ ଖେଳାଳି ନିଜ ନିଜ ଦେଶ ପାଇଁ ପଦକ ଜିତିବାକୁ ଚେଷ୍ଟା କରିବେ।

ଏଥରର ଶୀତକାଳୀନ ଅଲିମ୍ପିକ୍ସରେ ଭାରତର ମାତ୍ର ଦୁଇଜଣ ଖେଳାଳି ପ୍ରତିଦ୍ୱନ୍ଦ୍ୱିତା କରିବେ। ଅଲପାଇନ୍ ସ୍କି'ର ପୁରୁଷ ସ୍ଲାଲୋମରେ ଆରିଫ୍ ମହମ୍ମଦ ଖାନ୍ ଏବଂ କ୍ରସ୍ କଣ୍ଟ୍ରି ସ୍କି'ରେ ଷ୍ଟାନଜିନ ଲୁଣ୍ଡୁପ ଦେଶର ପ୍ରତିନିଧିତ୍ୱ କରିବେ। ଉଭୟ ବର୍ଗରେ କିନ୍ତୁ ଭାରତର ପଦକ ବିଜୟ ଆଶା ପ୍ରାୟ ନାହିଁ। ଭାରତ ଏକ ଗ୍ରୀଷ୍ମପ୍ରଧାନ ଦେଶ ହୋଇଥିବାରୁ ଶୀତକାଳୀନ ଅଲିମ୍ପିକ୍ସରେ ଆଜି ପର୍ଯ୍ୟନ୍ତ ମାତ୍ର ୨୨ଜଣ ଭାରତୀୟ ଅଂଶ ଗ୍ରହଣ କରିଛନ୍ତି। ୧୯୬୪ ମସିହାରେ ଜେରମି ବୋଜାକାଓ୍ୱସ୍କି ପ୍ରଥମ ଭାରତୀୟ ଭାବେ ଶୀତକାଳୀନ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ୧୯୮୮ରେ ଶୈଳଜା କୁମାର (ମହିଳା ସ୍ଲାମୋମ), ଗୁଲ୍ ଦେବ (ସ୍ଲାଲୋମ) ଓ କିଶୋ ରନ୍ ରାୟ (ସ୍ଲାଲୋମ)ଙ୍କ ରୂପରେ ସର୍ବାଧିକ ୩ଜଣ ଭାରତୀୟ ଶୀତକାଳୀନ ଅଲିମ୍ପିକ୍ସ ଖେଳିଥିଲେ। ବେଜିଂରେ ୨୦୨୨ ମସିହାରେ ଆୟୋଜିତ ଶୀତକାଳୀନ ଅଲିମ୍ପିକ୍ସର ଗତ ସଂସ୍କରଣରେ କେବଳ ଜଣେ ଭାରତୀୟ (ଆରିଫ୍ ମହମ୍ମଦ ଖାନ୍) ଅଂଶ ଗ୍ରହଣ କରିଥିଲେ।

# କ୍ରିକେଟ ମାନିଆ : ଭାରତ ନ ଖେଳିଲେ ବି ଷ୍ଟାଡିୟମ୍ ଫୁଲ୍



ଚେନ୍ନାଇ : ଭାରତୀୟମାନେ ହେଉଛନ୍ତି କ୍ରିକେଟ ପ୍ରେମୀ। ଯାହା ଏବେ ପୁଣିଥରେ ଟି-୨୦ ବିଶ୍ୱକପରେ ପ୍ରମାଣିତ ହୋଇଛି। ଚାଲିଥିବା ଟି-୨୦ ବିଶ୍ୱକପ୍‌କୁ ନେଇ ଉଠୁଥିବା ସମସ୍ତ ଆଶଙ୍କାକୁ ଭୁଲ୍ ପ୍ରମାଣିତ କରିଛନ୍ତି ଭାରତୀୟ କ୍ରିକେଟ ପ୍ରେମୀ। ଭାରତ ଖେଳୁନଥିବା ସତ୍ତ୍ୱେ କୋଲକାତା ଓ ଚେନ୍ନାଇ ଭଳି ସହରରେ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଷ୍ଟାଡିୟମ୍ ଖାଲି ରହିବ ବୋଲି ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇ ପ୍ରଶଂସକମାନେ ପ୍ରମାଣ କରିଛନ୍ତି ଯେ, ସେମାନେ କେବଳ ଭାରତ ପାଇଁ ନୁହେଁ, ବରଂ କ୍ରିକେଟ୍‌ର ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଷ୍ଟାଡିୟମକୁ ଆସୁଛନ୍ତି।

ରବିବାର ଚେନ୍ନାଇର ଚିଦାମ୍ବରମ୍ ଷ୍ଟାଡିୟମରେ ନ୍ୟୁଜିଲ୍ୟାଣ୍ଡ ବନାମ ଆଫଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କୌଣସି 'ଇଣ୍ଡିଆ ଫ୍ୟାକ୍ଟର' ନଥିଲେ ମଧ୍ୟ ୨୦,୦୦୦ରୁ ଅଧିକ ଦର୍ଶକ ଉପସ୍ଥିତ ରହି ଖେଳର ମଜା ନେଇଥିଲେ। ଏହି ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ନିଜର ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଆଫଗାନିସ୍ତାନକୁ ୫ ୱିକେଟ୍‌ରେ ପରାସ୍ତ କରି ନିଜର ଅଭିଯାନ ଆରମ୍ଭ କରିଛି। ସେହିପରି କୋଲକାତାର ଇଡେନ ଗାର୍ଡେନ୍ସରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ସୁରକ୍ଷା କାରଣରୁ ବାଂଲାଦେଶ ଓହରି ଯିବା ପରେ ୱେଷ୍ଟଇଣ୍ଡିଜ୍ ବନାମ ସ୍କଟଲ୍ୟାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। କୌଣସି ବଡ଼ ପ୍ରତିଦ୍ୱନ୍ଦ୍ୱିତା ନଥିଲେ ବି ପ୍ରାୟ ୧୯,୦୦୦ ଦର୍ଶକ ଷ୍ଟାଡିୟମକୁ ଆସିଥିଲେ। ଏହି ମ୍ୟାଚରେ ଶିମ୍ରନ୍ ହେଟମାୟରଙ୍କ ବିସ୍ଫୋରକ ବ୍ୟାଟିଂ ଏବଂ ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍ ବଳରେ ୱେଷ୍ଟଇଣ୍ଡିଜ୍ ଏହି ମ୍ୟାଚ୍‌ରେ ଏକ ବଡ଼ ବିଜୟ ହାସଲ କରିଛି। ଚଳିତ ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରୁଥିବାରୁ ଅଧିକାଂଶ ମ୍ୟାଚ୍ ନିରପେକ୍ଷ ରହିଛି। ଭାରତ ବନାମ ପାକିସ୍ତାନ ମ୍ୟାଚ୍ ନଥିଲେ ବି ଭାରତୀୟ ଷ୍ଟାଡିୟମରେ ଦର୍ଶକଙ୍କ ସଂଖ୍ୟା ଏହା ପ୍ରମାଣ କରୁଛି ଯେ, ବିଶ୍ୱକପ୍‌ର ମର୍ଯ୍ୟାଦା ଏବଂ ଭଲ କ୍ରିକେଟ୍ ପାଇଁ ପ୍ରଶଂସକ ସବୁବେଳେ ପ୍ରସ୍ତୁତ।

# ଅଭିଷେକ ଅସୁସ୍ଥ: ୱାସିଂଟନ୍ ଫେରୁଛନ୍ତି



ମୁମ୍ବାଇ : ବିଶ୍ୱର ଏକ ନମ୍ବର ଟ୍ୱେଣ୍ଟି-୨୦ ବ୍ୟାଟର ଅଭିଷେକ ଶର୍ମାଙ୍କ ବିଶ୍ୱକପ୍ ପଦାର୍ପଣ ଶୂନରୁ ଆରମ୍ଭ ହୋଇଛି। ପ୍ରଥମ ବଲ୍‌ରେ ହିଁ ସେ ଆଉଟ୍ ହୋଇଯାଇଥିଲେ। ଏବେ କିନ୍ତୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସୂଚନା ଅନୁସାରେ ଅଭିଷେକ ବି ଠିକଠାକ୍ ନାହାନ୍ତି। ଏହାର ବିସ୍ତୃତ ବିବରଣୀ ସେ ଦେଇନଥିଲେ ମଧ୍ୟ ଅଭିଷେକ ଅସୁସ୍ଥ ଥିବା ଅନୁମାନ କରାଯାଉଛି। ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଜ୍ୱର ହୋଇଥିବାରୁ ତାଙ୍କୁ ଶନିବାରର ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଇଥିଲା। ମହମ୍ମଦ ସିରାଜଙ୍କୁ ସୁଯୋଗ ମିଳିଥିଲା।

ଅନ୍ୟପକ୍ଷରେ ଗୁରୁବାର ଖେଳାଯିବାକୁ ଥିବା ନାମିବ୍ୟା ବିପକ୍ଷ ମ୍ୟାଚ୍ ବେଳକୁ ଅନ୍ୟତମ ଅଲ୍‌ରାଉଣ୍ଡର ୱାସିଂଟନ୍ ସୁନ୍ଦର ଦଳ ସହ ଯୋଗଦେବେ ବୋଲି ସୂର୍ଯ୍ୟକୁମାର ସୂଚନା ଦେଇଛନ୍ତି। ବୁମ୍‌ରା ଗୁରୁତର ଜ୍ୱରରେ ପିଡ଼ିତ ବୋଲି ସେ ସୂଚନା ଦେଇଥିଲେ। ସୁନ୍ଦର ସିଧାସଳଖ ଦିଲ୍ଲୀରେ ଦଳ ସହ ଯୋଗଦେବେ ବୋଲି ସୂର୍ଯ୍ୟ କହିଛନ୍ତି। ଗତ ନ୍ୟୁଜିଲାଣ୍ଡ୍ ବିପକ୍ଷ ଶୃଙ୍ଖଳା ବେଳେ ୱାସିଂଟନ୍ ସୁନ୍ଦରଙ୍କ ମାଂସପେଶୀ ଟାଣି ହୋଇଯିବାରୁ ସେ ବେଙ୍ଗାଲୁରୁସ୍ଥିତ ଉତ୍କର୍ଷ କେନ୍ଦ୍ରରେ ପୁନଃଥଇଥାନ ଯୋଜନାରେ ସାମିଲ ହୋଇ ଫିଟ୍ ଘୋଷିତ ହୋଇଛନ୍ତି। ମୋଟାମୋଟି ଭାବେ ବିଶ୍ୱକପ୍ ସମୟରେ କିଛି ଭାରତୀୟ ଖେଳାଳି ଅସୁସ୍ଥ ଓ ଆହତ ହେବା ସାମାନ୍ୟ ଚିନ୍ତା ବଢ଼ାଇଛି।

# ବିସିସିଆଇ ପକ୍ଷରୁ ବିରାଟ, ରୋହିତଙ୍କ ଗ୍ରେଡ୍ ହ୍ରାସ



ମୁମ୍ବାଇ : ବିସିସିଆଇର ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ତାଲିକାରେ ଭାରତୀୟ ଦଳର ଦୁଇ ବରିଷ୍ଠ ସଦସ୍ୟ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ଏ + ବର୍ଗରୁ ଖସାଇ ବି ବର୍ଗକୁ ଅଣାଯାଇଛି। ଏହା ସହିତ ଏ + ଗ୍ରେଡ୍‌କୁ ସଂପୂର୍ଣ୍ଣଭାବେ ଲୋପ କରିଦିଆଯାଇଛି। ଉଭୟ ବିରାଟ ଓ ରୋହିତ ଏବେ କ୍ରିକେଟର କେବଳ ଗୋଟିଏ ଫର୍ମାଟରେ ଖେଳୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କ ପାହ୍ୟାରେ ଅବନତି କରାଯାଇଛି। ସେହିପରି ଏ- ଗ୍ରେଡ୍‌ରେ କେବଳ ତିନି ଜଣ ଖେଳାଳି ଶୁବମନ ଗିଲ୍, ରବୀନ୍ଦ୍ର ଜାଦେଜା ଓ ଯଶପ୍ରୀତ୍ ବୁମ୍‌ରା ଅଛନ୍ତି। ଭାରତୀୟ ଟ୍ୱେଣ୍ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, କେଏଲ ରାହୁଲ, ୱାସିଂଟନ ସୁନ୍ଦର, ମହମ୍ମଦ ସିରାଜ, ରଷଭ ପନ୍ତ, କୁଳଦୀପ ଯାଦବ, ଯଶସ୍ୱୀ ଜୟସ୍ୱାଲଙ୍କୁ ବି-ଗ୍ରେଡ୍‌ରେ ରଖାଯାଇଛି।

ଅନ୍ୟପକ୍ଷରେ ଭାରତୀୟ ମହିଳା ଖେଳାଳିଙ୍କ ମଧ୍ୟରୁ ହରମନପ୍ରିତ କୌର, ସ୍ମୃତି ମାନ୍ଧାନା ଓ ଜେମିମା ରୋଡ୍ରିଗ୍ସ ଓ ଦିପ୍ତି ଶର୍ମାଙ୍କୁ ଗ୍ରେଡ-ଏରେ ରଖାଯାଇଛି। ସେହିପରି ରେଣୁକା ଠାକୁର, ଶେଫାଳି ବର୍ମା, ସ୍ନେହ ରାଣା ଓ ରଚା ଘୋଷଙ୍କୁ ଗ୍ରେଡ୍-ବିରେ ରଖାଯାଇଛି। ଗତ ମାସରେ ଅଜିତ ଆଗରକରଙ୍କ ଅଧକ୍ଷତାରେ ଥିବା ଚୟନ କମିଟି ଖେଳାଳିମାନଙ୍କ କେନ୍ଦ୍ରୀୟ ଚୁକ୍ତି ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ବିସିସିଆଇକୁ ପ୍ରସ୍ତାବ ଦେଇଥିଲା। ଏବେ ବିସିସିଆଇ ତାହାକୁ ଗ୍ରହଣ କରିଥିବା ସୂଚନା ମିଳିଛି।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୮-୧୪ ଫେବ୍ରୁଆରୀ- ୨୦୨୬

ବାରାମତିର ଦାଦା




**ଜାତୀୟ:** ବିଜେପି ଏକାକୀ କରିପାରିବ

**ଅନ୍ତର୍ଜାତୀୟ:** ଜେଫ୍ରୀ ଏପଷ୍ଟିନ ଫାଇଲ୍ସରେ ସାଂଘାତିକ ତଥ୍ୟ

**ବିଶେଷ ପ୍ରସଙ୍ଗ:** ରାଜ୍ୟର ବିକାଶରେ 'ପ୍ରଶାସନିକ' ବ୍ରେକ୍

**ନାରୀ:** : ବଦଳୁଛି ମହିଳାଙ୍କ ଖର୍ଚ୍ଚ କରିବା ସଉକ

**କ୍ଷୁଦ୍ରଗଳ୍ପ:** ଆଦାନ-ପ୍ରଦାନ

**ଚଳଚ୍ଚିତ୍ର:** ତଲବିନ୍ଦରଙ୍କ ସହ ରିଲେସନ୍ କନଫର୍ମ କଲେ ଦିଶା ଅଭିନେତ୍ରୀ ଡାଏଲଗ୍ ବିନା ଫିଲ୍ମ

**ଖେଳ:** ବାଂଲାଦେଶ ଆଉଟ୍ ସ୍କଟଲାଣ୍ଡ ଇନ୍‌କମ୍,

**ମୀନାବଜାର:** ହାତୀ ଆମ ସାଥି, ଚର୍ଚ୍ଚାରେ: 'ଫୋଲ୍‌ଡେବଲ୍' ଘର, ବିଜ୍ଞାନ: ରାତିକ ନିଦରୁ ରୋଗ ନିରୂପଣ କରିବ ଏଆଇ, ପର୍ଯ୍ୟଟନ: ଛତିଶଗଡ଼ର ଧମତରୀ ସହର ବିଲେଇମାତା ମନ୍ଦିର, ବାସ୍ତୁ: କିଛି ଘଟିବା ପୂର୍ବ ଆଗୁଆ ସଙ୍କେତ ଦେଇଥାଏ ବିରାଡ, ଧର୍ମ: ଭଗବାନ ଶିବ କାମଦେବଙ୍କୁ କାହିଁକି ଭସ୍ମ କରିଦେଇଥିଲେ, କବିତା: ନିଶବ୍ଦତା।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ଶେଫର୍ଡଙ୍କ ହ୍ୟାଟ୍ରିକ୍: କୋଲ୍‌କାତାରେ ମ୍ୟାଚ୍ ଜିତିଲା ୱେଷ୍ଟଇଣ୍ଡିଜ୍



କୋଲ୍‌କାତା, (ପିପିଏସ୍) : ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍ ସହ ୫ ୱିକେଟ ସଫଳତା ବଳରେ ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଶନିବାର ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟ୍‌ଲାଣ୍ଡକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ୍ ଆସନ୍ତା ୧୧ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଦଳ ପାଇଁ ସିମରନ ହେଟମେୟର ୩୬ ବଲରେ ୬୪(୨ ଚୌକା ଓ ୬ ଛକା) ଓ ବ୍ରାଣ୍ଡନ କିଙ୍ଗ୍ ୩୫ (୪ ଚୌକା ଓ ୧ ଛକା) ରନ୍ କରିଥିଲେ। ଜବାବରେ ସ୍କଟ୍‌ଲାଣ୍ଡ ପାଓ୍ୱାର ପ୍ଲେ ମଧ୍ୟରେ ଟପ୍ ୩ ବ୍ୟାଟରଙ୍କୁ ହରାଇଥିଲା। ଅଧିନାୟକ ରିଚି ବେରିଙ୍ଗଟନ ୪୨ (୩ ଚୌକା ଓ ୨ ଛକା) ଓ ଟମ୍ ବ୍ରୁସ୍ ୩୫(୧ ଚୌକା ଓ ୨ ଛକା) ଚତୁର୍ଥ ଉଇକେଟରେ ୭୮ ରନ୍ ଯୋଡ଼ି ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ହେଲେ ୧୭ତମ ଓଭରରେ ଶେଫର୍ଡ ହ୍ୟାଟ୍ରିକ ସହିତ ୪ ଉଇକେଟ ନେଇ ୱେଷ୍ଟଇଣ୍ଡିଜ୍‌ର ବିଜୟ ନିଶ୍ଚିତ କରିଥିଲେ। ଫଳରେ ସ୍କଟ୍‌ଲାଣ୍ଡ ୧୮.୫ ଓଭରରେ ୧୪୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜ୍ ପାଇଁ ଶେଫର୍ଡ ୫ ଓ ଜାସନ ହୋଲ୍ଡର ୩ ୱିକେଟ ନେଇଥିଲେ।

# ୧-୦ ଗୋଲ୍‌ରେ କେରଳକୁ ମାତ୍‌ଦେଲା ସର୍ଭିସେସ୍



ଗୁଆହାଟୀ : ଅତିରିକ୍ତ ସମୟରେ ଅଭିଷେକ ପାଓ୍ୱରଙ୍କ ଗୋଲ୍‌ରେ ସର୍ଭିସେସ୍ ଜାତୀୟ ଫୁଟ୍‌ବଲ୍ ପ୍ରତିଯୋଗିତା 'ସନ୍ତୋଷ ଟ୍ରଫି'ରେ ଅଷ୍ଟମ ଥର ବିଜେତା ହେବାର ଗୌରବ ଅର୍ଜନ କରିଛି। ରବିବାର ଆସାମର ତାକୁଆଖାନା ଫୁଟ୍‌ବଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ସର୍ଭିସେସ୍ ୧-୦ ଗୋଲ୍‌ରେ ୭ ଥରର ବିଜେତା କେରଳକୁ ମାତ୍ ଦେଇଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ଫଳାଫଳ ଲାଗି ଖେଳାଯାଇଥିବା ଅତିରିକ୍ତ ସମୟରେ ଅଭିଷେକ ଗୋଲ୍ ଦେଇ ଏହି ପ୍ରତିଯୋଗିତାରେ ବ୍ୟକ୍ତିଗତ ଭାବେ ୭ ଗୋଲ୍ ଦେବାର ଗୌରବ ପାଇବା ସହ ଦଳକୁ ଟ୍ରଫି ଭେଟି ଦେଇଥିଲେ। ଗତ ଥର ଫାଇନାଲ୍‌ରେ ପଶ୍ଚିମବଙ୍ଗଠୁ ପେନାଲ୍ଟିରେ ହାରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲା କେରଳ। ଏଥର ଅତିରିକ୍ତ ସମୟରେ ପରାସ୍ତ ହୋଇ ଲଗାତାର ଅଷ୍ଟକେ ଟ୍ରଫି ହାତଛଡ଼ା କରିଛି। ସେମିଫାଇନାଲ୍‌ରେ ସର୍ଭିସେସ୍ ୨-୦ରେ ରେଳବାଇକୁ ଏବଂ କେରଳ ୪-୦ରେ ପଞ୍ଜାବକୁ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲା।

# ସେଫର୍ଟଙ୍କ ଅର୍ଦ୍ଧଶତକ: ଆଫ୍‌ଗାନିସ୍ତାନକୁ ହରାଇଲା ନ୍ୟୁଜିଲାଣ୍ଡ

ଚେନ୍ନାଇ : ଟିମ୍ ସେଫର୍ଟଙ୍କ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ବିଜୟରୁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି। ରବିବାର ଗ୍ରୁପ୍-ଡି'ର ଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫ ୱିକେଟ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରିଛି। ୧୮୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନ୍ୟୁଜିଲାଣ୍ଡ ପ୍ରଥମ ଦୁଇ ଓଭର ମଧ୍ୟରେ ୧୪ ରନ୍‌ରେ ୨ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଫିନ୍ ଆଲିନ (୧) ଓ ରାଚିନ ରବୀନ୍ଦ୍ର (୦)ଙ୍କୁ ମୁଜୀବଉର ରହମାନ୍ ନିଜର ପ୍ରଥମ ଓଭରର ତୃତୀୟ ଓ ଚତୁର୍ଥ ବଲ୍‌ରେ ପ୍ୟାଭିଲିୟନ୍ ପଠାଇ ଏହି ଯୁଗଳ ଝଟକା ଦେଇଥିଲେ।

ତେବେ 'ବମ୍ ବମ୍' ଭାବେ ପରିଚିତ ସେଫର୍ଟଙ୍କ ୪୨ ବଲ୍‌ରୁ ୬୫ ରନ୍ (୭ ଚୌକା, ୩ ଛକା) ଏବଂ ଗ୍ଲେନ୍ ଫିଲିପ୍ସ ୨୫ ବଲ୍‌ରୁ ୪୨ ରନ୍ (୭ ଚୌକା, ୧ ଛକା)ର ପାଳି ଖେଳିବା ସହ ମ୍ୟାଚ୍ ନିଜ ନିୟନ୍ତ୍ରଣକୁ ଆଣିଥିଲେ। ଫିଲିପ୍ସ ଓ ସେଫର୍ଟଙ୍କ ପରେ ମାର୍କ ଚାପମାନ ୨୮ ଆଉଟ୍ ହୋଇଥିଲେ। ଡାରିଲ ମିଚେଲ (୧୪ ବଲ୍‌ରୁ ୨୫*) ଓ ମିଚେଲ ସାଣ୍ଟନର (୮ ବଲ୍‌ରୁ ୧୭*) ଅପରାଜିତ ରହି ୧୩ ବଲ୍ ପୂର୍ବରୁ ଦଳକୁ ବିଜୟ ଭେଟି ଦେଇଥିଲେ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫ୍‌ଗାନିସ୍ତାନ ଗୁଲବ ଦିନ ନେବ (୩୫ ବଲ୍‌ରୁ ୬୩)ଙ୍କ ଅର୍ଦ୍ଧଶତକ ବଳରେ ୧୮୨/୬ କରିଥିଲା। ସେଦିକୁଲା ଅଟଳ ୨୯, ରହମନୁଲ୍ଲା ଗୁରବାଜ ୨୭ ଓ ଦରୱିସ୍ ରସୋଲି ୨୦ ରନ୍ ଉପଯୋଗୀ ପାଳି ଖେଳିଥିଲେ। ଲୁକି ଫର୍ଗୁସନ ୨ ୱିକେଟ୍ ନେଇଥିଲେ। ଅର୍ଦ୍ଧଶତକୀୟ ପାଳି ସହ ୨ଟି କ୍ୟାଚ୍ ନେଇଥିବା ସେଫର୍ଟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583



